
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୨ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 22 APRIL 2025

Vol.No. 36 ■ No.105 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ

ବିଷୁବ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


## ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିଲେ ଆମେରିକାର ଉପରାଷ୍ଟ୍ରପତି ଭେନ୍ସ



ନୂଆଦିଲ୍ଲୀ, ୨୧/୪ : ଆମେରିକାର ଉପରାଷ୍ଟ୍ରପତି ଜେଡି ଭେନ୍ସ ସୋମବାର ନୂଆଦିଲ୍ଲୀ ପହଞ୍ଚିଛନ୍ତି। ଏହି ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ଭାରତ-ଆମେରିକା ସମ୍ବନ୍ଧ ଦୃଷ୍ଟିରୁ ବେଶ ଗୁରୁତ୍ୱପୂର୍ଣ୍ଣ ରହିଛି। ଦୁଇ ନେତାଙ୍କ ମଧ୍ୟରେ ସମ୍ଭାବିତ କାରବାର ଚୁକ୍ତିନାମାକୁ ନେଇ ଆଲୋଚନା ହୋଇପାରେ। ଭେନ୍ସଙ୍କ ସହିତ ଆମେରିକାର ବରିଷ୍ଠ ଅଧିକାରୀଙ୍କ ଏକ ପ୍ରତିନିଧିମଣ୍ଡଳ ଭାରତ ଆସିଛନ୍ତି। ଆମେରିକାର ଉପରାଷ୍ଟ୍ରପତିଙ୍କ ସହିତ ବ୍ୟାପକ ଆଲୋଚନା ପରେ ଆଜି ପ୍ରଧାନମନ୍ତ୍ରୀ ଭେନ୍ସଙ୍କ ପରିବାର ପାଇଁ ରାତ୍ରଭୋଜନର ଆୟୋଜନ କରିଛନ୍ତି। ଭେନ୍ସ ଏମିତି ସମୟରେ ଭାରତ ଗସ୍ତରେ ଆସିଛନ୍ତି, ଯେତେବେଳେ କିଛି ଦିନ ପୂର୍ବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସହିତ ପାଖାପାଖି ୬୦ ଦେଶ ଉପରେ ଟାରିଫ ବଢାଇବା ପରେ ଏହାକୁ ସ୍ଥଗିତ ରଖିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପୂର୍ବରୁ ଜେଡି ଭେନ୍ସ ପତ୍ନୀ ଉଷା ଚିଲୁକୁରୀ ଓ ତିନି ସନ୍ତାନଙ୍କ ସହ ଦିଲ୍ଲୀ ସ୍ଥିତ ଅକ୍ଷରଧାମ ମନ୍ଦିର ଦର୍ଶନ କରିଛନ୍ତି। ସେଠାରେ ଭେନ୍ସ ଦମ୍ପତି ଚାରି ଘଣ୍ଟା ସମୟ ବିତାଇଛନ୍ତି। ଏହି ସମୟରେ ତାଙ୍କ ତିନି ସନ୍ତାନ ପାରମ୍ପରିକ ଭାରତୀୟ ପୋଷାକ ପରିଧାନ କରିଥିଲେ। ଚାରି ଦିନିଆ ଭାରତ ଗସ୍ତରେ ଆସିଥିବା ଭେନ୍ସଙ୍କ ଆଗ୍ରା ଓ ଜୟପୁର ଭ୍ରମଣ କାରିବାର କାର୍ଯ୍ୟକ୍ରମ ରହିଛି। ଆମେରିକା ଉପରାଷ୍ଟ୍ରପତି ମନ୍ଦିରର ଅତିଥି ପୁସ୍ତିକାରେ ଲେଖିଛନ୍ତି, ଏହି ସୁନ୍ଦର ସ୍ଥାନରେ ମୋତେ ଓ ମୋର ପରିବାରକୁ ସ୍ୱାଗତ କରିବା ପାଇଁ ଆପଣ ସଭିଙ୍କ ଆତିଥ୍ୟ ଓ ଦୟାଳୁ ଭାବକୁ ମୁଁ ଧନ୍ୟବାଦ ଦେଉଛି। ଭାରତକୁ ଧନ୍ୟବାଦ ଯିଏ ଅତି ସାବଧାନ ଓ ସଠିକତାର ସହ କେତେ ସୁନ୍ଦର ଭବ୍ୟ ମନ୍ଦିର ନିର୍ମାଣ କରିଛନ୍ତି। ବିଶେଷ କରି ମୋ ପିଲାମାନଙ୍କୁ ଏହି ସ୍ଥାନ ବହୁତ ପସନ୍ଦ ଆସିଲା। ଭଗବାନଙ୍କ ଆଶୀର୍ବାଦ ରହୁ। ଭେନ୍ସ ପରିବାର ମନ୍ଦିରର ଭବ୍ୟ ପ୍ରାଙ୍ଗଣରେ କ୍ୟାମେରାମ୍ୟାନଙ୍କ ଦ୍ୱାରା ଫଟୋ ଉଠାଇଛନ୍ତି। ମନ୍ଦିରର ପୂଜାରୀ କହିଛନ୍ତି, ଆମେରିକାର ଉପରାଷ୍ଟ୍ରପତିଙ୍କ ପାରମ୍ପରିକ ଶୈଳୀରେ ସ୍ୱାଗତ କରାଗଲା। ଏହା ପରେ ଉପରାଷ୍ଟ୍ରପତି ଓ ତାଙ୍କ ପରିବାର ଭଗବାନଙ୍କ ଦର୍ଶନ କଲେ। ପରିବାରଙ୍କୁ କାଠର ହାତୀ, ଅକ୍ଷରଧାମ ମନ୍ଦିରର ମଡେଲ୍ ଓ ପିଲାଙ୍କୁ ପୁସ୍ତକ ଉପହାରରେ ଦିଆଯାଇଛି।

## ୭ ହାଇକୋର୍ଟ ବିଚାରପତିଙ୍କ ବଦଳି ସୁପାରିଶ କଲେ ସୁପ୍ରିମକୋର୍ଟ କଲେଜିୟମ



ନୂଆଦିଲ୍ଲୀ, ୨୧/୪ (ନି.ପ୍ର): ଅନ୍ତର୍ଭୁକ୍ତି, ବିବିଧତା ଏବଂ ନ୍ୟାୟ ପ୍ରଶାସନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ, ସୁପ୍ରିମକୋର୍ଟ କଲେଜିୟମ ଦେଶର ବିଭିନ୍ନ ହାଇକୋର୍ଟରେ ସାତ ଜଣ ବିଚାରପତିଙ୍କୁ ସ୍ଥାନାନ୍ତର କରିବାକୁ ସୁପାରିଶ କରିଛନ୍ତି। ଏହି ବିଚାରପତିମାନଙ୍କ ମଧ୍ୟରୁ ପାଞ୍ଚ ଜଣ ବର୍ତ୍ତମାନ କର୍ଣ୍ଣାଟକ ହାଇକୋର୍ଟରେ କାର୍ଯ୍ୟ କରୁଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ଜଷ୍ଟିସ ଦୀକ୍ଷିତ କୃଷ୍ଣ ଶ୍ରୀପାଦଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରାଯାଇଛି। କଲେଜିୟମ ଦ୍ୱାରା ଜାରି ବିବୃତ୍ତିରେ କୁହାଯାଇଛି, ଏହି ସ୍ଥାନାନ୍ତର ସୁପାରିଶ କରିବାର ନିଷ୍ପତ୍ତି ନ୍ୟାୟପାଳିକାରେ "ବିବିଧତା ବୃଦ୍ଧି କରିବା" ଏବଂ ନ୍ୟାୟିକ ପ୍ରଶାସନର ସାମଗ୍ରିକ ଗୁଣବତ୍ତା ବୃଦ୍ଧି କରିବା ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ। ବଦଳି ହେବାକୁ ଥିବା ବିଚାରପତି: ଜଷ୍ଟିସ ହେମନ ଚନ୍ଦନଗୌଦର – କର୍ଣ୍ଣାଟକ ହାଇକୋର୍ଟରୁ ମାଡ୍ରାସ ହାଇକୋର୍ଟକୁ, ଜଷ୍ଟିସ କୃଷ୍ଣନ ନଟରାଜନ – କର୍ଣ୍ଣାଟକ ହାଇକୋର୍ଟରୁ କେରଳ ହାଇକୋର୍ଟକୁ, ଜଷ୍ଟିସ ନେରନହଲ୍ଲି ଶ୍ରୀନିବାସନ ସଞ୍ଜୟ ଗୌଡା – କର୍ଣ୍ଣାଟକ ହାଇକୋର୍ଟରୁ ଗୁଜରାଟ ହାଇକୋର୍ଟକୁ, ଜଷ୍ଟିସ ପେରୁଗୁ ଶ୍ରୀ ସୁଧା – ତେଲେଙ୍ଗାନା ହାଇକୋର୍ଟରୁ କର୍ଣ୍ଣାଟକକୁ, ବିଚାରପତି କାସୋଜୁ ସୁରେନ୍ଧର ଅ କେ. ସୁରେନ୍ଦର – ତେଲେଙ୍ଗାନା ହାଇକୋର୍ଟରୁ ମାଡ୍ରାସ ହାଇକୋର୍ଟକୁ, ଜଷ୍ଟିସ ଡକ୍ଟର କୁମ୍ଭଜଦଲା ମନମାଧା ରାଓ – ଆନ୍ଧ୍ର ପ୍ରଦେଶ ହାଇକୋର୍ଟରୁ କର୍ଣ୍ଣାଟକ ହାଇକୋର୍ଟକୁ, ଜଷ୍ଟିସ ଦୀକ୍ଷିତ କୃଷ୍ଣ ଶ୍ରୀପାଦ – କର୍ଣ୍ଣାଟକ ହାଇକୋର୍ଟରୁ ଓଡ଼ିଶା ହାଇକୋର୍ଟକୁ। କଲେଜିୟମ୍‌ଙ୍କ ସୁପାରିଶ ବିଭିନ୍ନ ହାଇକୋର୍ଟରେ ସନ୍ତୁଳିତ ନ୍ୟାୟିକ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା ଏବଂ ନ୍ୟାୟିକ କାର୍ଯ୍ୟରେ ଦକ୍ଷତା ଏବଂ ନିରପେକ୍ଷତା ବଜାୟ ରଖିବା ପାଇଁ ଜାରି ପ୍ରୟାସରେ ଆଉ ଏକ ପଦକ୍ଷେପ। ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟ ଦ୍ୱାରା ବିଜ୍ଞପ୍ତି ଜାରି ହେବା ପରେ ଏହି ବଦଳି କାର୍ଯ୍ୟକାରୀ ହେବ।

## ଆଜିଠୁ ପାରଦ ଉପରମୁହାଁ: ବଢ଼ିବ ତାତି



ଭୁବନେଶ୍ୱର, ୨୧/୪ (ନି.ପ୍ର): ଗତକାଲି ରାଜ୍ୟରେ ୪୩ ଡିଗ୍ରୀ ପାର କରିଥିଲା ପାରଦ। ୪୦ ଡିଗ୍ରୀ ଉପରେ ରହିଥିଲା ୧୧ ସହରର ତାପମାତ୍ରା। ୪୩ ଦଶମିକ ୫ ଡ଼ିଗ୍ରୀ ସହ ଝାରସୁଗୁଡା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଆଜିଠୁ ବଢ଼ିବ ତାତି। କଲବଲ ହେବେ ରାଜ୍ୟବାସୀ। ଗଲା କିଛି ଦିନ ଧରି କାଳବୈଶାଖୀ ଜନିତ ବର୍ଷା ଯୋଗୁ ସାମାନ୍ୟ ଆଶ୍ୱସ୍ତି ମିଳିବା ପରେ ରାଜ୍ୟକୁ ପୁଣି ଫେରିଛି ତାତି। ଆଜିଠୁ ତାପମାତ୍ରାରେ ବୃଦ୍ଧି ଘଟିବ। ଆସନ୍ତା ୪ଦିନରେ ସର୍ବୋଚ୍ଚ ତାପମାତ୍ରାରେ ୪ରୁ ୬ଡ଼ିଗ୍ରୀ ବୃଦ୍ଧି ସମ୍ଭାବନା ନେଇ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଗତକାଲି ରାଜ୍ୟରେ ୪୩ ଡିଗ୍ରୀ ପାର କରିଥିଲା ପାରଦ। ୪୦ ଡିଗ୍ରୀ ଉପରେ ରହିଥିଲା ୧୧ ସହରର ତାପମାତ୍ରା। ୪୩ ଦଶମିକ ୫ ଡ଼ିଗ୍ରୀ ସହ ଝାରସୁଗୁଡା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ସେହିଭଳି ବଲାଙ୍ଗିରରେ ୪୨.୪, ଟିଟିଲାଗଡ଼ ୪୨ ଏବଂ ସମ୍ବଲପୁରରେ ପାରଦ ୪୧ ଡିଗ୍ରୀକୁ ଛୁଇଁଥିଲା। ସେହିଭଳି ସୋନପୁରରେ ୪୧.୩, ନୂଆପଡ଼ାରେ ୪୧, ଭବାନୀପାଟଣା ୪୦.୮, ସୁନ୍ଦରଗଡ଼ରେ ୪୧.୮, ବୌଦ୍ଧ ୪୧.୫, ଏବଂ ହୀରାକୁଦ ୪୧.୩ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିଲା।

## ନବ ଦାସ ହତ୍ୟା ମାମଲାରେ ପୁଣି ସକ୍ରିୟ ହେଲା କ୍ରାଇମବ୍ରାଂଚ: ଅଭିଯୁକ୍ତ ଗୋପାଳ ଦାସର ହେବ କଲ୍ ରେକର୍ଡ ଯାଞ୍ଚ



ଭୁବନେଶ୍ୱର, ୨୧/୪ (ନି.ପ୍ର): ନବଦାସ ହତ୍ୟା ମାମଲା । ଏହି ମାମଲାରେ ପୁଣି ସକ୍ରିୟ ହେଲା କ୍ରାଇମବ୍ରାଂଚ । ଅଭିଯୁକ୍ତ ଗୋପାଳ ଦାସର ହେବ କଲ୍ ରେକର୍ଡ ଯାଂଚ୍ । ହତ୍ୟା କାଣ୍ଡର ଦୁଇ ମାସ ପୂର୍ବରୁ କାହାକାହା ସହ ଯୋଗାଯୋଗରେ ଥିଲା ଗୋପାଳ। ଖୋଜୁଛି କ୍ରାଇମ୍‌ବ୍ରାଂଚ। ହତ୍ୟାକାଣ୍ଡ ଘଟାଇବା ଏକ ରୁ ଦୁଇ ମାସ ମଧ୍ୟରେ ଗୋପାଳ କାହା ସହ କଥା ହୋଇଥିଲା ତାହା ଖୋଜୁଛି କ୍ରାଇମବ୍ରାଞ୍ଚ । ଆବଶ୍ୟକ ପଡିଲେ କଲ୍ ରେକର୍ଡ ଡାଟା ମିଳିବା ପରେ କିଛି ଅନ୍ୟ ବ୍ୟକ୍ତିଙ୍କୁ ଜେରା ହୋଇପାରେ। ସ୍ୱଟ୍ ଇନ୍‌କ୍ୱାରୀ ସହ କ୍ରାଇମ୍‌ବ୍ରାଞ୍ଚର ଫାଷ୍ଟ ଷ୍ଟେପ ଇନ୍‌କ୍ୱାରୀ ସରିଛି ।

## ସମ୍ବଲପୁରରେ ୧୪୦୦ ଜଣଙ୍କର ଦୁଃଖ ଶୁଣିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୧/୪ (ନି.ପ୍ର): ଭୁବନେଶ୍ୱର ବଦଳରେ ସମ୍ବଲପୁରରେ ହେଲା ଜନ ଅଭିଯୋଗ ଶୁଣାଣି । ଲୋକଙ୍କ ଦୁଃଖ ଶୁଣିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ୧୪ଶହ ଜଣଙ୍କର ଆପତ୍ତି ଶୁଣିଲେ । ଅନେକ ଅଭିଯୋଗର ଅନ୍ ଦି ସ୍ପଷ୍ଟ୍ ସମାଧାନ କଲେ । ଏମିତିକି କିଛି ଅଭିଯୋଗକାରୀଙ୍କୁ ଅଭିଯୋଗ ଶୁଣାଣି ସ୍ଥଳରେ ହିଁ ମିଳିଗଲା ସହାୟତା । ରାଜଧାନୀ ବାହାରେ ମୋହନ ସରକାରଙ୍କ ଅଭିଯୋଗ ଶୁଣାଣିକୁ ନେଇ ଲୋକଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି । ହଜାର ହଜାର ଲୋକଙ୍କ ସମସ୍ୟା ଶୁଣିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସକାଳୁ ସକାଳୁ ସମ୍ବଲପୁର ମହାନଗର ନିଗମ ଅଫିସରେ ଲାଗିଥିଲା ଲୋକଙ୍କ ଭିଡ଼ । ଭରସାର ସହିତ ଅଭିଯୋଗ ପତ୍ର ଧରି ମୋହନ ସରକାରଙ୍କ ପାଖକୁ ଛୁଟିଆସିଥିଲେ ଜନସାଧାରଣ । କିଏ ଅନଲାଇନରେ ଆଗୁଆ ପଞ୍ଜିକରଣ କରିଥିଲା ତ ଆଉ କିଏ ସିଧା ଆସିଥିଲା ଅଭିଯୋଗ ଶୁଣାଣି ଶିବିରକୁ । ପ୍ରାଥମିକତା ଭିତ୍ତିରେ ପ୍ରଥମେ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ଦୁଃଖ ଶୁଣିଥିଲେ ମୁଖ୍ୟମନ୍ତ୍ରୀ । ୧୦ ମନ୍ତ୍ରୀ ବି ଗୋଟି ଗୋଟି କରି ସମସ୍ତଙ୍କ ଅଭିଯୋଗ ଶୁଣି ସମାଧାନ ଲାଗି ଉପସ୍ଥିତ ୧୩ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି, ସମ୍ବେଦନଶୀଳ ସରକାର ଭୁବନେଶ୍ୱରରକୁ ସମ୍ବଲପୁର ଆସିଛନ୍ତି । ଏଯାଏଁ ସରକାର ଶୁଣିଥିବା ସମସ୍ୟାର ୮୮ ପ୍ରତିଶତ ସମାଧାନ ହୋଇସାରିଛି ।

▶▶ପୃଷ୍ଠା ୭

## ରୌଦ୍ରତାପଜନିତ କାରଣରୁ ୪୯ ଅସୁସ୍ଥ

ଭୁବନେଶ୍ୱର, ୨୧/୪ (ନି.ପ୍ର): ରାଜ୍ୟରେ ପୁଣି ଥରେ ପାରଦ ବଢ଼ିଛି। ପ୍ରବଳ ଖରା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ ଲୋକମାନଙ୍କର ଅସୁସ୍ଥତା ସଂଖ୍ୟା ମଧ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୪୯ ଜଣ ଲୋକ ରୌଦ୍ରତାପଜନିତ କାରଣରୁ ବିଭିନ୍ନ ଡାକ୍ତରଖାନାରେ ଭର୍ତି ହୋଇଛନ୍ତି। ଏଥିରୁ ସମ୍ବଲପୁରରୁ ସର୍ବାଧିକ ୪୦ ଜଣ ରହିଛନ୍ତି। ସେହିପରି ଦେବଗଡ଼ରେ ୬ ଜଣ, ଖୋର୍ଦ୍ଧା, ମୟୂରଭଂଜ ଓ କେନ୍ଦୁଝରରେ ଜଣେ ଲେଖାଏଁ ଡାକ୍ତରଖାନାରେ ଭର୍ତି ହୋଇଛନ୍ତି। ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି।

## ପିଏମ ମୋଦିଙ୍କୁ ସାକ୍ଷାତ କଲେ ଗୁଜରାଟ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୧/୪ (ନି.ପ୍ର): ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ସୋମବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଛନ୍ତି ଏବଂ ରାଜ୍ୟର ସମଗ୍ର ବିକାଶ ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଉଭୟ ନେତାଙ୍କ ସାକ୍ଷାତର ଫଟୋ ସେୟାର କରି ଲେଖିଛନ୍ତି, ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସାକ୍ଷାତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଏକ୍ସରେ ଲେଖିଛନ୍ତି ଯେ, ଆଜି ସେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି । ମୁଁ ତାଙ୍କ ସହିତ ଗୁଜରାଟର ସାମଗ୍ରିକ ବିକାଶ ସହିତ ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛି ଏବଂ ତାଙ୍କ ଠାରୁ ଏ ସଂପର୍କରେ ବହୁମୂଲ୍ୟ ମାର୍ଗଦର୍ଶନ ପ୍ରାପ୍ତ କରି କିଭଳି ସରକାରଙ୍କ କଲ୍ୟାଣକାରୀ ଯୋଜନାର ଲାଭ ପ୍ରତ୍ୟେକ ହିତାଧିକାରୀ ଯାଏ ଅଧିକ ପ୍ରଭାବୀ ଢଙ୍ଗରେ ପହଂଚିପାରିବ ।

## ଆଶୀର୍ବାଦ ନିଖୋଜ ଘଟଣା: ପାଇଖାନା ଟାଙ୍କିରୁ ଗଳିତ ମୃତଦେହ ଉଦ୍ଧାର, ସମ୍ପର୍କୀୟ ଦାଦା ଗିରଫ

ପୁରୀ, ୨୧/୪ (ନି.ପ୍ର): ପୁରୀ ଜିଲ୍ଲା ଡ଼େଲାଙ୍ଗ ବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମର ନାବାଳକ ଆଶୀର୍ବାଦ ସାହୁ ନିଖୋଜ ଘଟଣାର ୬ ଦିନ ପରେ ଗତକାଲି ବିଳମ୍ବିତ ରାତିରେ ଘର ନିକଟସ୍ଥ ଏକ ପାଇଖାନା ଟାଙ୍କିରୁ ଆଶୀର୍ବାଦଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି । ସମ୍ପର୍କୀୟ ଦାଦା ପ୍ରଭାକର ସାହୁ ଓରଫ ବାପି ଏଭଳି ନାରକୀୟ କାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି । ଘଟଣାକୁ ନେଇ ସେଠାରେ ଉତେଜନା ପ୍ରକାଶ ପାଇଛି । ଉତ୍ୟକ୍ତ ଲୋକେ ଅଭିଯୁକ୍ତର ଘର ଭାଙ୍ଗିଛନ୍ତି । ଅନ୍ୟପକ୍ଷରେ ଅଭିଯୁକ୍ତକୁ ଫାଶି ଦଣ୍ଡରେ ଦଣ୍ଡିତ କରିବା ପାଇଁ ମୃତ ନାବାଳକର ପରିବାର ଲୋକ ଦାବି କରିଛନ୍ତି । ପୋଲିସ ଅଭିଯୁକ୍ତକୁ ଗିରଫ କରିଛି। ତେବେ ଘଟଣାରେ ଅନ୍ୟ କାହାରି ସମ୍ପୃକ୍ତି ରହିଛି କି ନାହିଁ ସେନେଇ ଛାନଭିନ୍ କରୁଛି ପୋଲିସର ସ୍ୱତନ୍ତ୍ର ଟିମ୍ । ପ୍ରକାଶ ଥାଉକି, ଗତ ୧୫ ତାରିଖ ସନ୍ଧ୍ୟାରେ ଘର ପାଖରେ ଖେଳୁଥିବା ବେଳେ ନିଖୋଜ ହୋଇଥିଲେ ଆଶୀର୍ବାଦ। ନିଖୋଜ ନାବାଳକକୁ ପୋଲିସ ତୁରନ୍ତ ଖୋଜି ଠାବ କରିବାକୁ ଦାବି କରି

▶▶ପୃଷ୍ଠା ୭

## ଯାତ୍ରା ବିବାଦ ମଞ୍ଚରେ ନୂଆ ବହି, ନିଆଁ ଲଗାଇଦେଲେ ବାପି ପଣ୍ଡା

ଭୁବନେଶ୍ୱର, ୨୧/୪ (ନି.ପ୍ର): ଯାତ୍ରାର ବିବାଦ ମଞ୍ଚରେ ପୁଣି ଆରମ୍ଭ ହେଲା ନୂଆ ବହି । ଗତକାଲି ଯାତ୍ରା ପାର୍ଟି ନାମରେ ଆସିଥିଲା ଦୁଇ ଦୁଇଟି ଅଭିଯୋଗ । ଗୋଟିଏ ଅଭିଯୋଗ ଜଗତସିଂହପୁର ବିରିଡ଼ିରୁ ପାର୍ବତୀ ଗଣନାଟ୍ୟ ବିରୋଧରେ ଏବଂ ଅନ୍ୟଟି କେନ୍ଦ୍ରାପଡ଼ା ଆଳିରୁ ବାଘାଯତୀନ ଗଣନାଟ୍ୟ ବିରୋଧରେ ଆସିଥିଲା । ପ୍ରତିଦିନ ନୂଆ ବିବାଦ, ନିଇତି ନୂଆ ନୂଆ ନାଟକ । ଯାତ୍ରା ମଂଚରେ କମ୍, ମଂଚ ବାହାରେ ଏବେ ବେଶି 'ବହି' । ଯେଉଁ ପରିଚାଳକ, ତାଙ୍କ ପାର୍ଟିର କଳାକାରଙ୍କ ପାଉଣା ବାକିଥିବାର ପ୍ରମାଣ ଦେଲେ ଯାତ୍ରା କଳାକାର ସଂଘ ଉପଦେଷ୍ଟା ବାପି ପଣ୍ଡାଙ୍କ ଘରେ ମୂଲିଆ ରହିବେ ବୋଲି ଚ୍ୟାଲେଞ୍ଜ୍ କରିଥିଲେ । ତାଙ୍କ ପାର୍ଟିର ଦୟନୀୟ ସ୍ଥିତିରେ ଥିବା କଳାକାର ଓ କର୍ମଚାରୀଙ୍କୁ ଭେଟି କଳାକାର ସଂଘ ଅଭିଯୋଗର ପ୍ରମାଣ ଦେଇଥିଲେ ନିଜେ ବାପି ପଣ୍ଡା । ଏହା ଥିଲା ପାର୍ବତୀ ଗଣନାଟ୍ୟର ବହି, କେନ୍ଦ୍ରାପଡ଼ା ନିଆଳିର ସ୍ଥିତି କିନ୍ତୁ ବେଶ୍ ରୋଚକ ରହିଥିଲା । ଅଗ୍ରୀମ ଦେଇ ୭ ମାସ ହେଲାଣି ଯାତ୍ରା କମିଟି ଟେଣ୍ଟ ବାନ୍ଧି ବସିଥିଲେ ମଧ ପାର୍ଟି ଗାଏବ୍ । ବାଘାଯତୀନ ଲୋକନାଟ୍ୟ ମାଲିକଙ୍କ ନାଁରେ ଏମିତି ଅଭିଯୋଗ ଆଣି ସ୍ଥାନୀୟ କମିଟି କହିଛି,

▶▶ପୃଷ୍ଠା ୭

## ନୀଳମଣି ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ବସନ୍ତ ଉତ୍ସବ ପାଳିତ




ରୂପସା, ୨୧/୪ (ନି.ପ୍ର): ରୂପସା ସ୍ଥିତ ନୀଳମଣି ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ପାଳିତ ହୋଇଛି ବସନ୍ତ ଉତ୍ସବ ରୌପ୍ୟ ଜୟନ୍ତୀ ସମାରୋହ ୨୦୨୫ । ମହାବିଦ୍ୟାଳୟର ଅଧକ୍ଷ ଡ. ତପନ କୁମାର ବେହେରା ଏଥିରେ ପୌରୋହିତ୍ୟ କରିବା ସହ ଅଧାପକ ହରେନ୍ଦ୍ର ଗାଁଣ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ପ୍ରାବନ୍ଧିକ 'ସୃଜନାକ୍ଷର'ର ପ୍ରକାଶକ ଡ. ରାଧାରଞ୍ଜନ ପଟ୍ଟନାୟକ, ବସନ୍ତ ଉତ୍ସବର ପ୍ରତିଷ୍ଠାତା ଡ. ଭାଗବତ ବେହେରା ମୁଖ୍ୟବକ୍ତା, ଓଡ଼ିଶାର ବିଶିଷ୍ଟ କବି ତଥା 'ସାଗରିକା' ଓ 'ଧ୍ୱନି ପ୍ରତିଧ୍ୱନି'ର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଓଡ଼ିଆ ସାହିତ୍ୟ ଓ ସାଂସ୍କୃତିକ ଜୀବନରେ ବସନ୍ତ ଉତ୍ସବ ପାଳନର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ବକ୍ତା ଭାବେ 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟସମ୍ପାଦକ ତଥା ସୁସାହିତ୍ୟିକ ସୃଷ୍ଟିଧର ପରିଡ଼ା, ପୂର୍ବତନ ବିଭାଗୀୟ ମୁଖ୍ୟ ରେଣୁବାଳା ଦାସ, କବି ପ୍ରୀତିଲେଖା ଦାସ, କବି ବିଜୟ କୁମାର ନନ୍ଦ, କବି ସୁକୁମାର ଦାସ, ବ୍ୟଙ୍ଗକାର ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ, ପୁରାତନ ଛାତ୍ର ସଂସଦର ସଭାପତି ଜୟନ୍ତ ପାଣିଗ୍ରାହୀ, ଦଶରଥ ମହାନ୍ତ, ତାପସ କୁମାର ପଣ୍ଡା, ଗବେଷକ ସଞ୍ଜୟ କୁମାର ମୃଖୀ ଯୁବ କବି ମାନସ କୁମାର ସେନାପତି ପ୍ରମୁଖ ଯୋଗ ଦେଇ ସ୍ୱରଚିତ 'ବସନ୍ତ' କବିତା ପାଠ କରିଥିଲେ। ଅଧାପକ ଗୌରାଙ୍ଗ ପଣ୍ଡା ସମ୍ବର୍ଦ୍ଧନା ପର୍ବ ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ପ୍ରଶାସନ ଅଧିକାରୀ ପ୍ରାଧାପକ ସରୋଜ କୁମାର

▶▶ପୃଷ୍ଠା ୭

# ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବିଂଶତମ ବାର୍ଷିକ ଉତ୍ସବ

ଭଦ୍ରକ,୨୧/୪(ନି. ପ୍ର): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ସଂଘର ସମ୍ମିଳନୀ କକ୍ଷ ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' କୁଆଁସ ଠାରେ ଅବସରପ୍ରାପ୍ତ କମିଶନର ଦିଗମ୍ବର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ସେ ମଧ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ କୁଳପତି ତିରୁପତି ସଂସ୍କୃତ ବିଶ୍ୱ ବିଦ୍ୟାଳୟ ଓ କିସ୍ ବିଶ୍ୱ ବିଦ୍ୟାଳୟର ଭୁବନେଶ୍ୱର ପ୍ରଫେସର ଡଃ ହରେକୃଷ୍ଣ ଶତପଥୀ ଯୋଗଦାନ କରିଥିଲେ। ଅତିଥିଙ୍କ ସହ ମଂଚାସୀନ ଥିଲେ କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି ଓ ସାଧାରଣ ସଂପାଦକ ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ମଲ୍ଲିକ। ଉପସଭାପତି ଶାନ୍ତନୁ କୁମାର ରାଉତ ଅତିଥିଙ୍କୁ ମଂଚ ଆମନ୍ତ୍ରଣ ପରେ ଅତିଥିବୃନ୍ଦଙ୍କ ଉପସ୍ଥିତିରେ ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ବେଦପାଠ କରିଥିଲେ ପଣ୍ଡିତ ଦୈତ୍ୟାରି ଦୀକ୍ଷିତ ଓ ପ୍ରାରମ୍ଭିକ ସଂଗୀତ ଭାବେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ ଗାନ୍ଧି ଓଡ଼ିଶା ବାଳାଶ୍ରମର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ। ଅତିଥି ପରିଚୟ ପ୍ରଦାନ କରିଥିଲେ ଯୁଗ୍ମ ସଂପାଦକ ଅଜିତ କୁମାର ନାୟକ। ସଂଘର ମୁଖପତ୍ର 'ଉତରଣ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇ ବଂଟନ କରାଯଇଥିଲା। ମୁଖପତ୍ରର ସଂପାଦକ ଉପସଭାପତି ଡ଼ଃ ଗୋଲକ ବିହାରୀ ସାହୁ ସଂପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଅବସର ପରେ ପ୍ରତ୍ୟେକ ବ୍ୟକ୍ତି ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ବିନିଯୋଗ କରିପାରିଲେ ସମାଜରେ ଅନେକ ପରିବର୍ତନ ଆସିପାରିବ। ସେମାନଙ୍କର ଅଭିଜ୍ଞତା ସମାଜ ପାଇଁ ଅନେକ ମୂଲ୍ୟବାନ ଦିଗ୍‌ଦର୍ଶନ। ମୁଖ୍ୟ ବକ୍ତା ଡ଼ଃ ଶତପଥୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଭାରତୀୟ ଦର୍ଶନରେ ମୃତ୍ୟୁ ଚେତନା ବିଷୟରେ ଉଲ୍ଲେଖ ନାହିଁ। ବ୍ୟକ୍ତିଙ୍କୁ ଦେବତା, ଭଦ୍ରକର ବୈଶିଷ୍ୟ, ପ୍ରକୃତି ଓ କୃତ୍ରିମତା ମଧ୍ୟରେ ଯୁଦ୍ଧ, ଶାସକ, ପ୍ରଶାସକ ଓ ସୁଶାସକର ବ୍ୟାଖ୍ୟା କରିଥିଲେ। ଅବସରପ୍ରାପ୍ତ ମଣିଷ ସମାଜ ପାଇଁ ଅଲୋଡ଼ା ନୁହଁନ୍ତି। ସଂଘର ୧୦ଜଣ ଆଜୀବନ ସଦସ୍ୟ ସଦସ୍ୟା ଓ ୨ଜଣ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଉପସଭାପତି ହରମୋହନ କୁଅଁର ଓ ହିସାବ ସମୀକ୍ଷକ ଲକ୍ଷ୍ମଣ କୁମାର ମହାନ୍ତି। ସହଯୋଗ କରିଥିଲେ ମଦନ ମୋହନ ନାୟକ, ରମାକାନ୍ତ ନାୟକ। ଓଡ଼ିଶା ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୪ ମସିହାର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଜିଲ୍ଲା ସ୍ତରରେ ଓ ବିଦ୍ୟାଳୟସ୍ତରରେ ତଥା ନିଜ ବିଦ୍ୟାଳୟସ୍ତର ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୨୧ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସ୍ମୃତି ସମ୍ମାନ ପ୍ରତିଭା ପୁରସ୍କାର ଓ ଦାତାଙ୍କ ନିଜ ନାମରେ ପ୍ରଦତ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ଅତିଥିଙ୍କ ଦ୍ୱାରା କରାଯାଇଥିଲା। ପରିଚାଳନା କରିଥିଲେ ବାଦଲ କିଶୋର ମହାପାତ୍ର, ସୁଶ୍ରୀ ସ୍ନେହଲତା ବେହେରା, ଯୁଗ୍ମ ସଂପାଦିକା ଡ଼ାକ୍ତର ସୁକାନ୍ତି କୁମାରୀ ଜେନା, ପ୍ରଶାନ୍ତ କୁମାର ଦେ। ସଂଘର ଉପଦେଷ୍ଟା ପ୍ରଫେସର ଡ଼ଃ ଶୈଳେନ୍ଦ୍ର ମହାପାତ୍ର ସଂଘର କାର୍ଯ୍ୟକ୍ରମ ଓ ବିଦ୍ୟାଳୟସ୍ତରରେ ଶିକ୍ଷା ସଂପର୍କରେ ଅନୁଭବ କରିଥିବା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ଉଦୟ ନାଥ ମହାନ୍ତି ସଂଘରେ ତାଙ୍କ ନିଜର ଅଭିଜ୍ଞତା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଘର ୮୦ବର୍ଷୀୟ ସମ୍ବର୍ଦ୍ଧିତ ସଦସ୍ୟ ସଦସ୍ୟା ଶାନ୍ତିଲତା ମହାପାତ୍ର, ଭାଗୀରଥି ନନ୍ଦଶର୍ମା, ପଙ୍କଜିନୀ ଦେଇ, ଉଦୟନାଥ ମହାନ୍ତି, ହରେକୃଷ୍ଣ ସାହୁ, ଧ୍ରୁବ ଚରଣ ନାୟକ, ଭାଗବତ ବିଶ୍ୱାଳ, ବାମନ ଚରଣ ରାଉତ, ଘନଶ୍ୟାମ ସ୍ୱାଇଁ, ଗଙ୍ଗାଧର ନାୟକ, ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ମିଲି ପରିଡ଼ା, ସବିତା ଜେନା, ପୁରସ୍କାର ପାଉଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ତାଙ୍କର ଶିକ୍ଷକ ଶିକ୍ଷୟିତ୍ରୀ, ସାମ୍ବାଦିକ, ଇଲୋଟ୍ରୋନିକ୍ସ ମିଡ଼ିଆ ସଦସ୍ୟ, ଆଂଚଳିକ ସଂଘର କର୍ମକର୍ତା ଦୁଃଶାସନ ରାଉତ, ପୂର୍ବତନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସଂଘ ପାଇଁ ଅବଦାନ ଥିବା ଆଲୋକ କୁମାର ମହାନ୍ତି ଓ ଦୀପକ କୁମାର ମହାନ୍ତି ସଦସ୍ୟ ସଂଗ୍ରାମ ସାହୁ, କିଶୋର ଚନ୍ଦ୍ର ରାୟ, ଅନିରୁଦ୍ଧ ଦାସ, କାଶୀନାଥ ସାହୁ, ଶାନ୍ତିଲତା ବାରିକ୍, ଗୀତାରାଣୀ ମହାନ୍ତି, ଶୁଭନିକା ମହାନ୍ତି, ସତ୍ୟଭାମା ପାଢ଼ୀ, ଚନ୍ଦ୍ରମୋହନ ମହାନ୍ତି, ଦୁଃଶାସନ ମହାନ୍ତି, ପ୍ରତାପ ଚନ୍ଦ୍ର ଦଳାଇ, ବସନ୍ତ କୁମାର ଦେ, ତାରକଦାସ ଆଢ଼୍ୟ, ରମାକାନ୍ତ ନାଥ ପ୍ରମୁଖ ବହୁ ସଦସ୍ୟ ସଦସ୍ୟା ଯୋଗଦାନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଯୁଗ୍ମ ସଂପାଦକ କରୁଣାକର ଉପାଧ୍ୟାୟ।

# ଭୋଟର ତାଲିକା ଅନିୟମିତତା ଦାବି ପ୍ରତ୍ୟାଖ୍ୟାନ: ସର୍ବମୋଟ ୯୦ ଆବେଦନ ଦାଖଲ

ଭୁବନେଶ୍ୱର,୨୧/୪(ନି. ପ୍ର): ଭାରତ ନିର୍ବାଚନ ଆୟୋଗ ଏକ ସ୍ପଷ୍ଟ ବିବୃତିରେ କହିଛି ଯେ ଭୋଟର ତାଲିକା ସଂପର୍କିତ ଅନିୟମିତତା ଦାବି ସତ୍ୟ ନୁହେଁ। ମହାରାଷ୍ଟ୍ରରେ ୯ କୋଟି ୭୦ ଲକ୍ଷ ପଞ୍ଜିକୃତ ଭୋଟର ମଧ୍ୟରୁ, ତାଲିକା ସଂଶୋଧନ ପାଇଁ କେବଳ ୮୯ଟି ପ୍ରଥମ ଆବେଦନ ଏବଂ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟରେ ଗୋଟିଏ ଦ୍ୱିତୀୟ ଆବେଦନ ଦାଖଲ ହୋଇଛି।

ବିରୋଧୀ ଦଳଙ୍କ ତରଫରୁ ଶୀତକାଳୀନ ଅଧିବେଶନରେ ଉଠାଯାଇଥିବା ଭୋଟର ତାଲିକା ଅନିୟମିତତା ଅଭିଯୋଗକୁ ନିର୍ବାଚନ କମିଶନ ସଂଖ୍ୟାତ୍ମକ ତଥ୍ୟ ସହିତ ଖଣ୍ଡନ କରିଛି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଦ୍ୱାରା ଉଠାଯାଇଥିବା ଦାବି - '୨୦୧୪ ରୁ ୨୦୧୯ ମଧ୍ୟରେ ୩୦ ଲକ୍ଷରୁ ଅଧିକ ଭୋଟର ଅନୁଚିତ ଭାବେ ତାଲିକାରେ ଯୋଡ଼ାଯାଇଛନ୍ତି' - ପ୍ରତି ନିର୍ବାଚନ କମିଶନ ପ୍ରମାଣ ଅଭାବ ଉଲ୍ଲେଖ କରି ଏହାକୁ ଅସ୍ୱୀକାର କରିଛି।

ନିର୍ବାଚନ କମିଶନ ସଂକ୍ଷିପ୍ତ ସଂଶୋଧନ ଅଭିଯାନ ଅନୁସାରେ, ଭୋଟର ତାଲିକା ସୁଦୃଢ଼ ଓ ସଠିକ୍ ରହିବା ନିମନ୍ତେ ବାର୍ଷିକ ଅପଡେଟ୍ କାର୍ଯ୍ୟ ସାଂଘିକ ଭାବେ ଚାଲିଥାଏ। ଏହି ଅଭିଯାନ ଅଧୀନରେ ନୂତନ ଯୋଗ୍ୟ ଭୋଟର ଯୋଗ, ନିର୍ବାଚନମଣ୍ଡଳୀ ପରିବର୍ତ୍ତନ, ଏବଂ ଡୁପ୍ଲିକେଟ୍/ଅନୁଚିତ ଭୋଟର ନାମ ବାଦ କରାଯାଏ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଭାରତରେ ମୋଟ ପଞ୍ଜିକୃତ ଭୋଟର ୯୨କୋଟି ୨୦ ଲକ୍ଷ ହୋଇଥିବାବେଳେ ବୁଥ୍ ସ୍ତରୀୟ ଅଧିକାରୀଙ୍କ ସଂଖ୍ୟା ୧୦ ଲକ୍ଷ ୫୦ ହଜାର, ବୁଥ୍ ସ୍ତରୀୟ ଏଜେଂଟଙ୍କ ସଂଖ୍ୟା ୧୩ ଲକ୍ଷ ୯୦ ହଜାର ଏବଂ ମହାରାଷ୍ଟ୍ରରେ ଜାନୁଆରୀ ୨୦୨୫ରେ ଅଭିଯାନ ପରେ ୮୯ଟି ପ୍ରଥମ ଏବଂ ଗୋଟିଏ ଦ୍ୱିତୀୟ ପରିବର୍ତ୍ତନ ଆବେଦନ ଆସିଛି।

ନିର୍ବାଚନ ଆୟୋଗ ପୁଣିଥରେ ଜଣାଇଛି ଯେ ଭୋଟର ତାଲିକାରେ ସ୍ୱଚ୍ଛତା ଓ ଶୁଦ୍ଧତା ବଜାୟ ରଖିବା ପାଇଁ ପ୍ରାଥମିକତା ଅତୂଟ ଅଛି, ଏବଂ ସମସ୍ତ ଭାଗୀଦାରଙ୍କ ସହଯୋଗରେ ଏହି ଲକ୍ଷ୍ୟକୁ ପୂରଣ କରାଯିବ।

# ଶ୍ୱେତପଦ୍ମା ଆନୁକୂଲ୍ୟରେ ଜଳସେବା ଆରମ୍ଭ

ଖୋର୍ଦ୍ଧା,୨୧/୪(ନି. ପ୍ର): ବେଗୁନିଆ ସଦର ମହକୁମାସ୍ଥିତ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଶ୍ୱେତପଦ୍ମା ସାହିତ୍ୟ ସେବା ଓ ସଂସଦ ଆନୁକୂଲ୍ୟରେ ପ୍ରଚଣ୍ଡ ରୌଦ୍ର ତାପକୁ ଆଖିଆଗରେ ରଖି ଏକ ଜଳଛତ୍ରର ବ୍ୟବସ୍ଥା ବେଗୁନିଆ ପଶୁ ଚିକିତ୍ସାଳୟ ନିକଟରେ କରାଯାଇଅଛି। ଏଥିରେ ମହାପ୍ରଭୁଙ୍କୁ ପଣା ଅର୍ପଣ କରାଯାଇଥିଲା ଓ ଗଡତରା ଗ୍ରାମପଂଚାୟତର ସରପଂଚ ଜୁଲିତା ଦାସ ଜଳ ସେବାକୁ ଉଦଘାଟନ କରିଥିଲେ। ଏହି ଉପଲକ୍ଷେ ଏକ କବିତା ପାଠର ଆୟୋଜନ କରାଯାଇଥିଲା। ଏଥିରେ ଶ୍ୱେତପଦ୍ମା ସାହିତ୍ୟ ଅନୁଷ୍ଠାନର ସଭାପତି ଭାଗୀରଥି ପରିଡ଼ା ପୌରହିତ୍ୟ କରିଥିଲେ। ସମ୍ପାଦିକା ସୁଶ୍ରୀ ପ୍ରତିମା ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରି 'ଜଳ ହିଁ ଜୀବନ' ପ୍ରଚଣ୍ଡ ଖରାରେ ଜଳ ଦେବା ହିଁ ମାନବ ସେବା ବୋଲି କହିଥିଲେ।

ଉକ୍ତ କବିତା ଆସରରେ ପ୍ରଫୁଲ୍ଲ କୁମାର ସାହୁ, କୋଷାଧ୍ୟକ୍ଷ ସୋମନାଥ ସାହୁ, ଲକ୍ଷ୍ମୀଧର ମହାରଣା,ଶ୍ରୀକୁମାର ସାହୁ, ବାସୁଦେବ ବେହେରା, ଭବାନୀ ପ୍ରଧାନ, ବିଶ୍ୱରୂପା ପଣ୍ଡା, ବାସନ୍ତୀ ସାହୁ,କବିତା ରାଉତ , ଶୁଭଲକ୍ଷ୍ମୀ ପ୍ରଧାନ, ସାଧାରାଣୀ ପଣ୍ଡା, ଅନୁସୂୟା ପଣ୍ଡା, ଶୁଭାସ୍ମିତା ପଣ୍ଡା,ସୁଦୀପ୍ତା ନାୟକ, ଗଗନ ବାରିକ, ତୋଫାନ ବାରିକ, ରମେଶ ସାହୁ ପ୍ରମୁଖ ଭାଗ ନେଇଥିଲେ। ଶେଷରେ ଗାୟକ ପ୍ରଦୀପ କିଶୋର ତ୍ରୀପାଠୀ ଉଦଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସହ ସମ୍ପାଦକ ଜଗଦୀଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟପାଳ ଦମ୍ପତି ପରିଦର୍ଶନ କଲେ କଳାଗ୍ରାମ ରଘୁରାଜପୁର

ପୁରୀ,୨୧/୪(ନି. ପ୍ର): ରାଜ୍ୟପାଳ ଡଃ. ହରି ବାବୁ କମ୍ଭମପାଟି ଓ ଓଡ଼ିଶାର ଫାଷ୍ଟ ଲେଡି ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ଆଜି ଅପରାହ୍ନରେ କଳାଗ୍ରାମ ରଘୁରାଜପୁର ପରିଦର୍ଶନ କରିଥିଲେ। ରାଜ୍ୟପାଳ ଦମ୍ପତି ରଘୁରାଜପୁରରେ ପହଂଚିବା ପରେ ଗୋଟିପୁଅ କଳାକାର ମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ରାଜ୍ୟପାଳ ଦମ୍ପତି ରଘୁରାଜପୁରର ପଟ୍ଟଚିତ୍ର ଓ ଅନ୍ୟାନ୍ୟ ହସ୍ତକଳା ସାମଗ୍ରୀ ଦେଖି ଅଭିଭୂତ ହୋଇଥିଲେ। କଳା ଗୁରୁ ଓ ଶିଳ୍ପୀ ମାନଙ୍କ ସହ ଆଲୋଚନା ମଧ କରିଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ସଦର ବିଡ଼ିଓ ସମ୍ବିତ ଶତପଥୀ, ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ଉମାପତି ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଗ୍ରାମ ସମ୍ପାଦକ ଅଭିରାମ ଦାସ, ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି ବସନ୍ତ କୁମାର ପ୍ରଧାନ, ଦଶଭୂଜା ଗୋଟିପୁଅ ଓଡିଶୀ ନୃତ୍ୟ ପରିଷଦର ସମ୍ପାଦକ ସେବେନ୍ଦ୍ର ଦାସ, ଶିଳ୍ପୀ ଗୁରୁ ବନମାଳୀ ମହାପାତ୍ର ଓ ଅନ୍ୟ ଶିଳ୍ପୀ ପ୍ରମୁଖ ଉପସ୍ଥିତ ଥିଲେ।

# ଟିହିଡ଼ି ଉଚ୍ଚ ମାଧମିକ ବିଦ୍ୟାଳୟ ବିଜ୍ଞାନ ବିଭାଗର ସଫଳତା: ଜେଇ ମେନ ପରୀକ୍ଷାରେ ୨ ଛାତ୍ର କୃତକାର୍ଯ୍ୟ

ଭଦ୍ରକ,୨୧/୪(ନି. ପ୍ର): ଭଦ୍ରକ ଜିଲା ଟିହିଡ଼ି ଉଚ୍ଚ ମାଧମିକ ବିଦ୍ୟାଳୟ ବିଜ୍ଞାନ ବିଭାଗରୁ ୨ଜଣ ଛାତ୍ର ସର୍ବଭାରତୀୟ ଜେଇମେନ-୨୦୨୫ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ର ସୌମ୍ୟରଂଜନ ମହାନ୍ତି ୯୪.୧୮ ପ୍ରତିଶତ ଓ ପୀୟୁଷ କୁମାର କର ୮୫.୮ ପ୍ରତିଶତ ନମ୍ବର ରଖି ଏହି ସଫଳତା ପାଇଛନ୍ତି। ବାହାବଳପୁର ଗ୍ରାମର ଅରୁଣ କୁମାର ମହାନ୍ତି ଓ ସ୍ମିତାରାଣୀ ମହାନ୍ତିଙ୍କ ପୁତ୍ର ସୌମ୍ୟ ରଂଜନ ହୋଇଥିବା ବେଳେ ପୀରହାଟ କରସାହି ଗ୍ରାମର ସ୍ୱର୍ଗତ ସରୋଜ କୁମାର କର ଓ ଜ୍ୟୋସ୍ନାରାଣୀ ମିଶ୍ରଙ୍କ ପୁଅ ପୀୟୁଷ ବୋଲି ଜଣା ପଡ଼ିଛି। ସୌମ୍ୟରଂଜନ ଭବିଷ୍ୟତରେ ପଦାର୍ଥବିଜ୍ଞାନ ଓ ପୀୟୁଷ କମ୍ପୁଟ ବିଜ୍ଞାନରେ ଉଚ୍ଚଶିକ୍ଷା କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହି ସଫଳତା ପରେ କଲେଜର ଅଧକ୍ଷ ଦୀନବନ୍ଧୁ ଗାହାଣ ଏବଂ ବିଜ୍ଞାନ ବିଭାଗର ସମସ୍ତ ଅଧାପକ, ଅଧାପିକାମାନେ ଛାତ୍ର ଦୁଇଜଣଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତରୋତର କାମନା କରିଛନ୍ତି।

# ରାଜ୍ୟ ସାଧାରଣ ସମ୍ପାଦକଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

ଜୟପୁର,୨୧/୪(ନି. ପ୍ର): ଓଡ଼ିଶା ଅମଲା ସଂଘ ରାଜ୍ୟ ସାଧାରଣ ସମ୍ପାଦକଙ୍କୁ ଜୟପୁର ଠାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଚିତ ରଞ୍ଜନ ତରାସିଆଙ୍କୁ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା, ଓଡ଼ିଶା ମାଧମିକ ବିଦ୍ୟାଳୟ, କର୍ମଚାରି ସଂଘ ଓ ଜୟପୁର ସିଟି କର୍ଡିନେସନ୍ କମିଟି କର୍ମକର୍ତା ଓ କର୍ମଚାରୀ ମାନଙ୍କ ଦ୍ୱାରା ସ୍ୱାଗତ କରାଯାଇଛି। ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀ ଭୂଷଣ ଦାସ, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ଉପଦେଷ୍ଟା ବୃନ୍ଦାବନ ପଣ୍ଡା, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ବରିଷ୍ଠ ସଦସ୍ୟ ଶିବରାମ ଦାସ, ୱାଇ ଶ୍ରୀନିବାସ ରାଓ, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା କାର୍ଯ୍ୟାଳୟ ସମ୍ପାଦକ ଶ୍ରୀଧର ହୋତା, ସିଟି କୋର୍ଡିନେସନ୍ କମିଟି ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଯୁଧିଷ୍ଠିର ରାଉଳ, ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସମ୍ପାଦକ ମହେଶ୍ୱର ମିଶ୍ର, ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର କାର୍ଯ୍ୟକାରିଣୀ ସଦସ୍ୟ ଅଜୟ କୁମାର ପ୍ରଧାନ, ଉପଦେଷ୍ଟା କୈଳାସ ସାମନ୍ତରାୟ, ମାଧମିକ ବିଦ୍ୟାଳୟ କର୍ମଚାରୀ ସଂଘ ଓଡ଼ିଶା ରାଜ୍ୟ ଉପ ସଭାପତି କାଳୀପ୍ରସାଦ ମିଶ୍ର, ଜଗେନ୍ଦ୍ର ଚୌଧୁରି, ବାଳ ଗୋପାଳ ମିଶ୍ର, ପ୍ରତିକ୍ ମିଶ୍ର, ରାଜେନ୍ଦ୍ର ନାରାୟଣ ପାଢି, ନାଗେଶ୍ୱର ରାଓ ବରିଷ୍ଠ ସଦସ୍ୟ, ସୁଜାତା ମହାପାତ୍ର କାର୍ଯ୍ୟକାରିଣୀ ସଦସ୍ୟା ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ନରେନ୍ଦ୍ର ନାରାୟଣ ତ୍ରିପାଠୀ ପୂର୍ବତନ ରାଜ୍ୟ ଉପ ସଭାପତି ଓଡ଼ିଶା ଅମଲା ସଂଘଙ୍କ ସମେତ ବହୁ କର୍ମଚାରୀ ଓ କର୍ମକର୍ତା ମହିଳା ମହାବିଦ୍ୟାଳୟ ଜୟପୁର ସମ୍ମୁଖରୁ ସ୍ୱାଗତ କରି ଯାଦବ ଭବନକୁ ପାଛୋଟି ନେଇଥିଲେ। ସମସ୍ତେ ଯାଦବ ଭବନ ଠାରେ ପହଂଚିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ସଭାରେ ଶଶୀଭୂଷଣ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତିତ୍ୱ କରିଥିବା ବେଳେ ଚିତରଞ୍ଜନ ତରାସିଆ ରାଜ୍ୟ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ମୁଖ୍ୟ ଅତିଥି ଭାବେ ମଂଚାସିନ ଥିଲେ। ନରେନ୍ଦ୍ର ନାଥ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ମଂଚାସିନ ହୋଇଥିଲେ ଓ ସମ୍ମାନୀତ ଅତିଥି ଭାବେ ଜୟପୁର ସିଟି କୋର୍ଡିନେସନ୍ କମିଟି ସମ୍ପାଦକ, କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ମହାନ୍ତି ଓ ଯୁଧିଷ୍ଠିର ରାଉଳ ମଂଚାସିନ ହୋଇଥିଲେ ଓ ସମସ୍ତ ମଂଚାସିନ ଅତିଥି ମାନେ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିବା ବେଳେ ମହେଶ୍ୱର ମିଶ୍ର ସମ୍ପାଦକ ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ନିଜର ଅଭିଭାଷଣରେ ଶିକ୍ଷା ବିଭାଗର କର୍ମଚାରୀ ମାନଙ୍କର ଦାବି ଉପସ୍ଥାପନ କରିଥିଲେ। ସମସ୍ତ ଉପସ୍ଥିତ କର୍ମଚାରୀ କର୍ମଚାରୀ ମାନଙ୍କର ଦାବି ପୁରଣ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ରାଜ୍ୟ ସାଧାରଣ ସମ୍ପାଦକଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଚିତ ରଞ୍ଜନ ତରାସିଆ ଜିଲ୍ଲା ସ୍ତରୀୟ କର୍ମଚାରୀ ମାନଙ୍କର ଦାବି ନିଶ୍ଚିତ ଭାବରେ ପୁରଣ ହେବ ଏ ନେଇ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ପ୍ରତିଶୃତି ଦେଇଥିଲେ। ପରିଶେଷରେ ଶ୍ରୀ ଦାଶ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ।

# ସିଭିଲ ସୋସାଇଟି କର୍ମକର୍ତ୍ତାଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା

ପୁରୀ,୨୧/୪(ନି. ପ୍ର): ରାଜ୍ୟପାଳଙ୍କ ପୁରୀ ଜିଲ୍ଲା ଉନ୍ନୟନମୂଳକ ଯୋଜନାର ସମୀକ୍ଷା ସମୟରେ ରାଜ୍ୟପାଳ ଡଃ. ହରି ବାବୁ କମ୍ଭମପାଟି ସିଭିଲ ସୋସାଇଟିର କର୍ମକର୍ତାଙ୍କ ସହ ଆଲୋଚନା କରିଥିଲେ। ସାମାଜିକ ଅନୁଷ୍ଠାନ ଦି ବେଲ ର ଅଧକ୍ଷ ତଥା ପୁରୀ ଜିଲ୍ଲା ଦିବ୍ୟାଙ୍ଗ ସଂଘର ଅଧକ୍ଷ ସିଦ୍ଧାର୍ଥ ରାୟ, ପିଙ୍ଗଳାକ୍ଷୀ ପବ୍ଲିକ ଓ୍ୱେଲଫେୟାର ଅର୍ଗାଜାଇସେନର ସମ୍ପାଦକ ଗଗନ ବିହାରୀ ଦାସ ଓ ପିପୁଲସ ଫୋରମର ପ୍ରୋଗ୍ରାମ ଡାଇରେକ୍ଟର ଅଶୋକ କୁମାର ପାତ୍ର ପ୍ରମୁଖ ଯୋଗଦେଇ ରାଜ୍ୟପାଳଙ୍କୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଗଙ୍ଗୁଆ ନଦୀର ପ୍ରଦୂଷିତ ଜଳ ଦୟା ନଦୀରେ ଯେପରି ନ ମିଶେ ଏବଂ କଣାସ ବାସୀ ସ୍ୱଚ୍ଛଜଳ କିପରି ପାଇବେ ସେଥି ପାଇଁ ବ୍ୟବସ୍ଥା କରିବା, ସ୍ୱାସ୍ଥ୍ୟ ସୁବିଧା ପାଇଁ ତୁରନ୍ତ ବାହାରକୁ ରୋଗୀ ନେବା ପାଇଁ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସର ବ୍ୟବସ୍ଥା, ଏବଂ ବର୍ଣ୍ଣ ୟୁନିଟ ବ୍ୟବସ୍ଥା, ପୁରୀର ପ୍ରଶାସନିକ ବ୍ୟବସ୍ଥାକୁ ସୃଦୃଢ଼ କରିବା ପାଇଁ ପୁରୀ ଜିଲ୍ଲାକୁ ଦୁଇରୁ ତିନୋଟି ସବ ଡିଭିଜନରେ ବିଭକ୍ତ କରିବା, ସ୍ୱର୍ଗଦ୍ୱାର ସମ୍ପ୍ରସାରଣ ଓ କର୍ପସ ଫଣ୍ଡ ବ୍ୟବସ୍ଥା ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ପାଇଁ ଆଧୁନିକ ପ୍ରଶିକ୍ଷଣ ଓ ଯନ୍ତ୍ରପାତି ତଥା ଜେଟି ଓ ଏଫ୍ ଏଲ୍ ସି ବ୍ୟବସ୍ଥା, ପୁରୀର ବାକି ରହିଥିବା ଐତିହ୍ୟ ସ୍ଥଳର ସୁରକ୍ଷା ସହିତ ଏହାର ଚିହ୍ନଟ, ପିଲିଗ୍ରୀମ ଟୁରିଯିମ୍ କୁ ବଢ଼ାଇବା, ବିଶାଳ ମୁକ୍ତ ସମୁଦ୍ର ତଟର ସୁରକ୍ଷା ପାଇଁ ବ୍ୟବସ୍ଥା, ପୁରୀ ଜିଲ୍ଲାର ସମସ୍ତ ଜଳମାର୍ଗରେ ପର୍ଯଟନ କ୍ରୀଡ଼ା ବା ସ୍ପୋର୍ଟ୍ସ ଟୁରିଜିମ ପାଇଁ ସରକାରୀ ପ୍ରୋତ୍ସାହନ, ଟ୍ରାନସ ଜେଣ୍ଡର ମାନଙ୍କ ଥଇଥାନ ବ୍ୟବସ୍ଥା, ଜରାନିବାସ ବ୍ୟବସ୍ଥା ଇତ୍ୟାଦି ପାଇଁ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ହଷ୍ଟେଲରୁ ଛାତ୍ରୀ ଫେରାର

ଜୟପୁର,୨୧/୪(ନି. ପ୍ର): ଜୟପୁର ସଦରଥାନା ଅନ୍ତର୍ଗତ ପଲିଟେକନିକ ମହିଳା ହଷ୍ଟେଲରୁ ଜଣେ ସିଭିଲ ଇଞ୍ଜିନିୟର ୪ର୍ଥ ସେମିଷ୍ଟର ଅଧୟନ କରୁଥିବା ଛାତ୍ରୀ ଫେରାର ହୋଇଥିବା ନେଇ ସଦରଥାନାରେ ଏକ ମାମଲା ରୁଜୁ ହୋଇଛି। ମିଳିଥିବା ଖବର ଅନୁଯାୟୀ ଗତ ୧୮ ତାରିଖ ମଧ ରାତ୍ରରେ ମହିଳା ହଷ୍ଟେଲରେ ସମସ୍ତେ ଶୋଇଥିବା ସମୟରେ ଯୁବତୀ ଜଣକ ଝରକା ପଟୁ ଚୁନରି ଓ ବେଡସିଟ ମାଧମରେ ତଳକୁ ଓହ୍ଲାଇ ଫେରାର ହୋଇଯାଇଥିଲେ। ସକାଳୁ ତାଙ୍କ ରୁମରେ ଥିବା ଛାତ୍ରୀ ମାନେ ହଷ୍ଟେଲ ସୁପରିଟେଣ୍ଡେଂଟଙ୍କୁ ଜଣାଇବାପରେ କଲେଜ କର୍ତ୍ତୁପକ୍ଷଙ୍କୁ ଜଣାଇଦିଆଯାଇଥିଲା। ଛାତ୍ରୀଙ୍କ ଘର ବୋରିଗୁମ୍ମା ପଖନାଗୁଡା ଅଂଚଳର ହୋଇଥିବା ବେଳେ ତାଙ୍କ ପରିବାର ଲୋକଙ୍କୁ ଘଟଣା ବିଷୟରେ ଅବଗତ କରାଇ ଦିଆଯାଇଥିବା ନେଇ କଲେଜ ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏତଲାକୁ ଭିତିକରି ସଦରପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

# କୋଟି କୋଟି ଟଙ୍କା ଖର୍ଚ୍ଚ ହେଲାଣି: ବଦଳୁନି ମୂଷାନଈର ଭାଗ୍ୟ

ପୁରୀ,୨୧/୪(ନି. ପ୍ର): ପୁରୀର ପ୍ରବେଶ ପଥ ଅଠରନଳା। ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଛି। ଅଠରନଳା ପୋଲଟି ବିପଦସଙ୍କୁଳ ସ୍ଥିତିକୁ ଆସିବା ପରେ ଏହା ଉପରେ ଯାନବାହନ ଚଳାଚଳ ବନ୍ଦ କରାଯାଇଛି। ଐତିହ୍ୟ ସ୍ମାରକୀ ଭାବେ ଏବେ ସଂରକ୍ଷିତ। ପ୍ରାୟ ୧୩୦୦ ମସିହାରେ ଏହା ନିର୍ମାଣ ହୋଇଥିବା ଅନୁମାନ କରାଯାଏ। ଅଠରନଳା ଦେଖିଲେ ଭକ୍ତ ଭାବବିହ୍ୱଳ ହୋଇଯାଏ। ବିଶ୍ୱସ୍ତରୀୟ ସହର ହେବ ପୁରୀ ସହର। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଅଠରନଳା ମୂଷାନଈରୁ ଦଳ ଓ ପଙ୍କ ସଫା କରାଯାଇଥିଲା। ପଙ୍କ କଢା ମେସିନ ପ୍ରାୟ ଦୁଇ ବର୍ଷ ନଦୀ ଭିତରେ ପଡି ରହିଥିଲା। ପ୍ରାୟ ୨୦ ଜଣ ଦଳକଢା ଶ୍ରମିକଙ୍କୁ ନିୟୋଜିତ କରାଯାଇ ଦଳ ସଫା କରାଯାଇଥିଲା। ଡ୍ରେନେଜ୍ ବିଭାଗ ଏବଂ ଓଡ଼ିଶା ବ୍ରିଜ୍ କନଷ୍ଟ୍ରକସନ କର୍ପୋରେସନ (ଓବିସିସି) କେବଳ ଫାଇଲ୍ ପତ୍ରରେ ହିସାବ କରି ରଖିଥିବା ବେଳେ ରାଜ୍ୟରେ ନୂଆ ସରକାର କ୍ଷମତାକୁ ଆସିବା ପରଠାରୁ ଗୋଟିଏ ଇଂଚ ମଧ କାମ ହୋଇନାହିଁ। ନିଘୋଡ଼ ନିଦ୍ରାରେ ଶୋଇଛି ଡ୍ରେନେଜ୍ ବିଭାଗ। ଏ ସମ୍ପର୍କରେ ଡ୍ରେନେଜ୍ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହି ମୂଷାନଈ କାମର ଦାୟିତ୍ୱ ଓବିସିସି ନେଇଛି। ଅନ୍ୟପକ୍ଷରେ ଓବିସିସି ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ପ୍ରଶ୍ନ କରିବାରୁ ସେ କହିଛନ୍ତି ଯେ, ଆମର ଯନ୍ତ୍ରୀ ବଦଳି ହୋଇଛନ୍ତି। ନୂଆ ଯନ୍ତ୍ରୀ ଆସିଲେ କାମ ହେବ। ସେପଟେ ମୂଷାନଈର କଳିକତି ଦଳ କିଛି ଶୁଣୁନାହିଁ, ମାଡି ଚାଲିଛି ବୋଲି ସହରରେ ଚର୍ଚ୍ଚା ହେଉଛି। ଜାତୀୟ ସ୍ମାରକୀ ଅଠରନଳାର ଉପର ସୌନ୍ଦର୍ଯ୍ୟକରଣ କରିବା ପାଇଁ ଅଫଳନ୍ତି କିଛି ଗଛ ପ୍ଲାଷ୍ଟିକ କୁଣ୍ଡରେ ରଖାଯାଇଛି। ସିକ୍ୟୁରିଟି ଗାର୍ଡ ଜଗି ରହିଛି। ପ୍ରବାସୀ ଓଡିଆ ଆଗମନ, ନୂଆବର୍ଷ ଓ ରଥଯାତ୍ରା ସମୟରେ ସ୍ୱତନ୍ତ୍ର ଭାବେ ଅଠରନଳାକୁ ସଜାଯାଇ ନେଳି ନାଲି ଆଲୋକରେ ଆଲୋକିତ କରାଯାଉଛି। ତେବେ ଅଠରନଳା ମୂଷା ନଈ ଭିତରେ ଥିବା ଦଳର ସ୍ଥିତି ଅତି ସାଂଘାତିକ। ଏହା ମୂଷା ମାନଙ୍କର ଏକ୍ସ୍ଟୁଡିଶାଳ ପାଲଟିଛି। ଡ୍ରେନେଜ ନାଳରେ ସହରର ପାଣି ନୂଆ ବ୍ରିଜ ତଳେ ଭସ ଭସ ହୋଇ ନିଷ୍କାସିତ ହେଉଛି। ସ୍ୱରେଜ ପାଇପ ମଧ ବ୍ରିଜ ତଳେ ଯାଇଥିବାରୁ ମ୍ୟାନହୋଲରେ ଦୁର୍ଗନ୍ଧ ବାହାରୁଛି। ପଲିଥିନ, ମଦ ବୋତଲ, ପ୍ଲାଷ୍ଟିକ ବୋତଲ, ମଲା କୁକୁର ଓ ବିଲେଇ ତଳେ ସଢୁଛନ୍ତି। ପଙ୍କ ପ୍ରବଳ ପାଣି କମ ଯୋଗୁ ଦୁର୍ଗନ୍ଧମୟ ସ୍ଥିତି ଉପୁଜିଛି। ବ୍ରିଜ ଉପରେ ପୌରସଂସ୍ଥା ଗାଡିରେ ପବିତ୍ର ପୁରୀ ଗର୍ବ ଆମରି ବାଜୁଛି। ସେହିପରି ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ପୁରୀର ପ୍ରବେଶପଥ ଅଠରନଳା ଓ ମୂଷାନଈର ସୌନ୍ଦର୍ଯ୍ୟକରଣ ଯୋଜନା ହୋଇଥିଲା। ଏଥିରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ଗୋଟିଏ ପର୍ଯ୍ୟଟକ ସେଠାରେ ଦେଖିବାକୁ ମିଳୁନାହାନ୍ତି। ହୁଳହୁଳିଆ ପୋଲ ଠାରୁ ଆଖଣ୍ଡଳମଣି ପଛପଟ ଦେଇ ଗରୁଡ଼ ଛକ ପର୍ଯ୍ୟନ୍ତ ଚଲାପଥ ନିର୍ମାଣ ହୋଇଛି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଷ୍ଟିଲ ବାଡ ହୋଇଛି। କେତେକ ସ୍ଥାନରେ ଷ୍ଟିଲ ବାଡକୁ ଦୁର୍ବୃତ ଉପାଡି ଦେଇଥିବା ଦେଖିବାକୁ ମିଳିଛି। ଅଠରନଳା ପୁରୁଣା ବ୍ରିଜ ଓ ନୂଆ ବ୍ରିଜ ମଝିରେ ଧର୍ମକୁ ଆଖିଠାର ପରି ଗୋଟିଏ ଡଙ୍ଗା ଶିକୁଳିରେ ବନ୍ଧା ହୋଇ ନଷ୍ଟ ହେବାକୁ ବସିଲାଣି। ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବରୁ ଅଠରନଳାର ମୂଷାନଈ ଚିରସ୍ରୋତା ଥିଲା। ଜଗନ୍ନାଥଙ୍କ ଦର୍ଶନ ପାଇଁ ଘାଟ ଡଙ୍ଗା ଓ ଘାଟ ପଢିଆରୀ ବ୍ୟବସ୍ଥା ଥିଲା। ତୀର୍ଥଯାତ୍ରୀ ମାନେ ତୀର୍ଥକର (ପିଲଗ୍ରିମ ଟ୍ୟାକ୍ସ)ଦେଇ ପୁରୀକୁ ପ୍ରବେଶ କରୁଥିଲେ। କାଳକ୍ରମେ ନଦୀ ପୋତି ହୋଇଯିବାରୁ ଓ ଦଳ ପ୍ରବଳ ଯୋଗୁଁ ପାଣି ଯାଉନାହିଁ। ଅପପକ୍ଷରେ ହୁଳୁହୁଳିଆ ପୋଲ ଦେଇ ହରେକୃଷ୍ଣପୁର, ସମଗରା, ଗୋପାଳପୁର ଆଦି ମୌଜାରୁ ବର୍ଷା ଦିନେ ପାଣି ହୁଳୁହୁଳିଆ ପୋଲ ଦେଇ ମୂଷାନଈକୁ ଆସୁଥିଲା। ଏବେ ଜୋର, ଜଳାଶୟ ଓ ଜଳ ନିଷ୍କାସନ ସ୍ଥାନରେ ଜନବସତି ଓ ଘର ନିର୍ମାଣ ଯୋଗୁଁ ଗହୀର ବିଲ ପାଣି ହୁଳୁହୁଳିଆ ପୋଲ ପାଖକୁ ଆସିବା ପାଇଁ ବାଟ ପାଉନାହିଁ। ମୂଷାନଦୀରେ ଜଳସ୍ତର କମିବାରୁ ଦଳ ପ୍ରବଳ ବେଗରେ ମାଡି ଚାଲିଛି। ପୁରୀ ସହରକୁ ବିଶ୍ୱସ୍ତରୀୟ ସହର କରିବା ପାଇଁ କେବଳ ବୋର୍ଡ ଲାଗିଛି। ହେଲେ ପ୍ରକୃତ ପକ୍ଷେ ଯେତିକି କାମ ହେବା କଥା ତାହା ଅଦ୍ୟାବଧି ହୋଇପାରିନାହିଁ। ଫଳରେ ଲୋକଙ୍କ ଆଶା ଆକାଂକ୍ଷା ଧୂଳିସାତ ହୋଇଛି। ଅଠରନଳା ପୁରୁଣା ବ୍ରିଜ ଠାରୁ ମଙ୍ଗଳାଘାଟ-ହରେକୃଷ୍ଣପୁର ରାସ୍ତା ପର୍ଯ୍ୟନ୍ତ ମଙ୍ଗଳାନଦୀକୁ ସଂଯୋଗ କରିବା ପାଇଁ ହୋଇଥିବା ଯୋଜନା ଏବେ ସୁଦ୍ଧା ଫଳବତୀ ହୋଇପାରିନାହିଁ। ଡ୍ରେନେଜ ବିଭାଗର କାମ ବନ୍ଦ କରି ଓବିସିସିକୁ କାମ ଦିଆଯାଇଥିଲା। ନୂଆ ସରକାର ପୁରୀର ପ୍ରବେଶ ପଥକୁ ସୌନ୍ଦର୍ଯ୍ୟକରଣ ଓ ମୂଷାନଦୀର ପୁନରୁଦ୍ଧାର ପାଇଁ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ କରିବାକୁ ଅଂଚଳବାସୀ, ସହରବାସୀ ଓ ବୁଦ୍ଧିଜୀବୀମାନେ ଦାବି ଉଠାଇଛନ୍ତି।

# ପ୍ରଜ୍ଞାପୀଠରେ ୧୨୮ତମ ଜାତୀୟ କବି ବାଞ୍ଛାନିଧି ଜୟନ୍ତୀ ପାଳିତ

ଭଦ୍ରକ,୨୧/୪(ନି. ପ୍ର): ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା କବିଙ୍କର ସ୍ୱରଚିତ କବିତା ଗାଅ ସ୍ୱାଧିନ ଭାରତ ସ୍ୱାଧିନ ଭାରତ ସ୍ୱାଧିନ ସ୍ୱାଧିନ ସ୍ୱାଧିନରେ ଗାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସାହିତ୍ୟ ସଂସ୍କୃତି ସଙ୍ଗଠନ ଆମେ ଓ ଜିଲ୍ଲା ସମ୍ବାଦ ସାହିତ୍ୟ ଘରର ମିଳିତ ଆନୁକୁଲ୍ୟରେ ଉକ୍ତ ଜୟନ୍ତୀ ସମାରୋହରେ ପୌରହିତ୍ୟ କରିଥିଲେ ପ୍ର.ଡ. ରାମଚନ୍ଦ୍ର ପଣ୍ଡା। ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. କ୍ଷୀରୋଦ କୁମାର ସାମଲ, ସମ୍ମାନିତ ବକ୍ତା ଭାବେ ରମେଶ ଚନ୍ଦ୍ର ରାୟ ଯୋଗ ଦେଇ ଜାତୀୟ କବିଙ୍କର ଦେଶ ପ୍ରୀତି ଓ ଜାତି ପ୍ରୀତି ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଭଦ୍ରକ ସହରର ଯୁବ କବି ମାନଙ୍କ ଦ୍ୱାରା ଜାତୀୟ କବି ବାଞ୍ଛାନିଧିଙ୍କ ଉଦ୍ଦେଶ୍ୟରେ ଦେଶାତ୍ମବୋଧ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସାହିତ୍ୟ ସଂସ୍କୃତି ସଙ୍ଗଠନ "ଆମେ" ର ସମସ୍ତ ସଦସ୍ୟ ସଦସ୍ୟା ଏବଂ ଭଦ୍ରକ ଜିଲ୍ଲା ସମ୍ବାଦସାହିତ୍ୟ ଘରର ସମସ୍ତ କର୍ମକର୍ତା ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ। ନାଟ୍ୟ ଗୌରବ ପ୍ରଫେସର ଅଟଳ ବିହାରୀ ନାୟକଙ୍କ ଆବାହକତ୍ୱରେ ମଂଚ ପରିଚାଳନା କରିଥିଲେ "ଆମେ"ର ସମ୍ପାଦକ ଶିକ୍ଷକ ନେତା ପ୍ରଭାକର ପରିଡ଼ା , ସହ ସମ୍ପାଦକ ଅମୀତ କୁମାର ନାୟକ ଓ ସମ୍ବାଦ ସାହିତ୍ୟ ଘରର ସମ୍ପାଦକ ଅଧକ୍ଷ ନିହାର ରଞ୍ଜନ କର। ଉକ୍ତ ଜୟନ୍ତୀ ସମାରୋହକୁ ଓଡ଼ିଶାର ପ୍ରଖ୍ୟାତ ଶିଶୁ ସାହିତ୍ୟିକ ଅବସର ପ୍ରାପ୍ତ ଅଧକ୍ଷ ତଥା ଜାତୀୟ କବିଙ୍କର ଭାତୃସୁତ୍ର ପ୍ରଫେସର ଡକ୍ଟର ମନିନ୍ଦ୍ର ମହାନ୍ତି ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧରେ ଡ. ରମାକାନ୍ତ ନାୟକ, ଇଂ ରବିନ୍ଦ୍ର କୁମାର ଜେନା, ପ୍ରାଧାପିକା ଭାନୁମତି ମାଟିଆ, କୃପାସିନ୍ଧୁ ନାୟକ, ଜଗନ୍ନାଥ ରାଉତ, ରଞ୍ଜିବ କୁମାର ରାଉତ, ସମ୍ବିତ ମିଶ୍ର, କବି ବିପ୍ଳବ ହୋତା, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅଧକ୍ଷ ନିହାର ରଞ୍ଜନ କର, ଇଂ ଶଶାଙ୍କ ପଣ୍ଡା, ଗଙ୍ଗାଧର ମଲ୍ଲିକ, ଅଧିବକ୍ତା ଅଗଣୀ ଚରଣ ଜେନା, ଯୁବ ଗୀତିକାର ଆରୁପନନ୍ଦ ନାୟକ, ପ୍ରାଧାପକ ରାଜକିଶୋର ରାୟ, ସହସଂପାଦକ ଅଧାପକ ଅମିତ୍ କୁମାର ନାୟକ, ମଦନ ମୋହନ ମହାକୁଡ, ମେଡ଼ିଆ ସେଲ୍ ସଭାପତି ତପନ କୁମାର ସ୍ୱାଇଁ, ସଭ୍ୟ ଶିବାନନ୍ଦ ଦାସ, ଓମ୍‌ପ୍ରକାଶ ମିଶ୍ର, ସମ୍ବାଦ ଜିଲ୍ଲା ମୁଖ୍ୟ ମଳୟ ପରିଡ଼ା ନିଜ ନିଜର ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ ଅନୁଷ୍ଠାନର ଯୁବ କବି ଋତୁ ରାଜ ଅକ୍ଷୟ କୁମାର ଓ ସଭା ସାଙ୍ଗ ହୋଇଥିଲା।

# ପିଲାଙ୍କ ଦୁର୍ବଳତାକୁ ହାଲ୍କା ଭାବେ ନିଅନ୍ତୁନି

ପିଲାମାନେ ସେମାନଙ୍କ ହାତ ତଥା ପାଦରେ ଦୁର୍ବଳତା ଅନୁଭବ କରୁଥିବା ବେଳେବେଳେ କହିଥାନ୍ତି । ତେବେ ସେମାନଙ୍କର ଏହି ଅଭିଯୋଗକୁ ହାଲୁକା ଭାବେ ଗ୍ରହଣ କରନ୍ତୁନି । ଏହା ସାଧାରଣ ହୋଇପାରେ । ବେଳେବେଳେ ଚିନ୍ତାଜନକ ବି ହୋଇପାରେ । ଜନ୍ମରୁ ଦୁର୍ବଳ ପିଲା କୌଣସି ଆନୁବଂଶିକ ରୋଗର ଶିକାର ହୋଇପାରିଥାନ୍ତି ବା ଗର୍ଭାବସ୍ଥା ବେଳେ କୌଣସି ବିକାର ଦ୍ୱାରା ଆକ୍ରାନ୍ତ ହୋଇପାରିଥାନ୍ତି । ଡ଼ାଉନ ସିନଡ୍ରେମ୍, ମସ୍କ୍ୟୁଲାର ଡ଼ିଷ୍ଟ୍ରଫି ଆଦିରେ ଆକ୍ରାନ୍ତ ପିଲାମାନେ ସାଧାରଣ ପିଲାଙ୍କ ଠାରୁ ଅନେକ କ୍ଷେତ୍ରରେ ପଛୁଆ ରହିଥାନ୍ତି ।





କୌଣସି ରୋଗ ବେଶୀ ଦିନ ରହିବା ବା ହରମୋନରେ ଅସନ୍ତୁଳନ ଯୋଗୁଁ ପିଲାମାନଙ୍କଠାରେ ଦୁର୍ବଳତା ଅଧିକ ସମୟ ଧରି ରହିଥାଏ । ପିଲାଙ୍କୁ ଟିବି, ଯକୃତରେ ଦୁର୍ବଳତା, ଥାଏରଏଡ଼ ଦୁର୍ବଳତା ଭଳି କିଛି ରୋଗର ଲକ୍ଷଣ ସାଧାରଣ ଦୁର୍ବଳତା ରୂପରେ ସାମ୍ନାକୁ ଆସିଥାଏ । ଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ପିଲାଙ୍କୁ ଏହାଠାରୁ ମୁକ୍ତି ଦେଇପାରେ ।

ପୁଷ୍ଟିହୀନତା ମଧ୍ୟ ପିଲାଙ୍କୁ ଅଧିକରୁ ଅଧିକ ରୋଗକ୍ରାନ୍ତ କରିଥାଏ । କିଛି ପୋଷକ ତତ୍ତ୍ୱ ଯେପରି କ୍ୟାଲସିୟମ, ଫସଫରସ୍ ବା ଭିଟାମିନ୍ ସିଓ ଡି ର ଅଭାବ ଯୋଗୁ ପିଲା ଦୁର୍ବଳତା ଅନୁଭବ କରିଥାଏ ।ଏହାର ଅଭାବରେ ପିଲାର ଗୋଡ଼, ଚାଲିବା ବେଳେ ବଙ୍କା ପଡ଼ିଥାଏ । ବା ସେ ବାରମ୍ବାର ଖସି ପଡ଼ିଥାଏ । ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ପିଲାଙ୍କ ପାଇଁ ମଝିରେ ମଝିରେ ସନ୍ତୁଳିତ ଭୋଜନରେ ବ୍ୟବସ୍ଥା କରାଇବା ଦରକାର । ଏହାଦ୍ୱାରା ପିଲାକୁ ଯେ କୌଣସି ପ୍ରକାର ଦୁର୍ବଳତାଠାରୁ ଦୂରେଇ ରଖାଯାଇପାରିବ । ଜନ୍ମରୁ ଦୁର୍ବଳ ପିଲାର ଆଂଶିକ ଉପଚାର ମଧ କରାଯାଇପାରିବ । ପିଲାଙ୍କ କ୍ଷେତ୍ରରେ ଗୁଲେନ ବାର ସନଡ୍ରେମ୍ ଏଭଳି ଏକ ରୋଗ ଯେଉଁଥିରେ ଦୁର୍ବଳତା ପାଦରୁ ଆରମ୍ଭ ହୋଇ ହାତ, ଛାତି ଦେଇ ପର୍ଯ୍ୟନ୍ତ ଆସିଯାଇଥାଏ । ଠିକ୍ ସମୟରେ ଠିକ୍ ଉପଚାର କଲେ ଏହି ଭୟାନକ ରୋଗରୁ ପିଲାକୁ ମୁକ୍ତ ରଖାଯାଇପାରିବ ।

ଡାକ୍ତରଙ୍କ ସାମାନ୍ୟ ଭୁଲ୍ ମଧ ଆପଣଙ୍କ ପିଲାଙ୍କୁ ସବୁଦିନ ପାଇଁ ଅକ୍ଷମ କରାଇପାରେ । କୌଣସିଠାରେ ଆଘାତ ଯୋଗୁ ପିଲାକୁ ଯଦି କୌଣସି ଭୁଲ ଇଞ୍ଜେକସନ ଦିଆଯାଏ ଏହାଦ୍ୱାରା ସେ ସବୁଦିନ ପାଇଁ ପଙ୍ଗୁ ହୋଇଯାଇପାରେ । ତେଣୁ ପିଲା କେବେ ବି ଦୁର୍ବଳତା ଅନୁଭବ କରୁଥିବା କହୁଥିଲେ ତାକୁ ନଜର ଅନ୍ଦାଜ କରନ୍ତୁ ନାହିଁ ।





# କଦଳୀ, ବେସନ୍ ପ୍ୟାକ୍



କଦଳୀରେ ଜଳୀୟ ଅଂଶ ଏବଂ ପଟାସିୟମ ପ୍ରଚୁର ପରିମାଣରେ ରହିଛି, ଯାହା ଶୁଷ୍କ ତ୍ୱଚା ପାଇଁ ଉପଯୋଗୀ । ତ୍ୱଚାରେ ଦେଖାଯାଉଥିବା କୁଞ୍ଚ ବା ରିଙ୍କଲର କ୍ଷେତ୍ରରେ କଦଳୀ ଅତ୍ୟନ୍ତ ଉପଯୋଗୀ । ଏକ ପରିଷ୍କାର ପାତ୍ରରେ କିଛି ପଚିଲା କଦଳୀ ଖଣ୍ଡ ନେଇ ସେଥିରେ କିଛି ଗୋଲାପ ଜଳ ଏବଂ କଞ୍ଚା କ୍ଷୀର ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ସେହି ପେଷ୍ଟକୁ ମୁହଁ, ବେକ ବେକ ପଛରେ ଲଗାଇ ୧୫ରୁ ୨୦ ମିନିଟ ଝାଡ଼ି ଦିଅନ୍ତୁ । ନଖଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ । ସପ୍ତାହକୁ ଏହି ମିଶ୍ରଣ ଦୁଇଥର ପ୍ରୟାଗ କରନ୍ତୁ । ଏହା ଫଳରେ ଆପଣଙ୍କ ତ୍ୱଚା ନରମ ହେବ । ବିଶେଷକରି ଶୁଷ୍କ ତ୍ୱଚା ନିମ୍ ଏହି ପେଷ୍ଟ ଅତ୍ୟନ୍ତ ଉପଯୋଗୀ ହେବ ।

# ଜାଣନ୍ତି କି ?

- ଦୈନିକ ପାଞ୍ଚରୁ ଆଠ ଗ୍ରାମ ଲୁଣ ଜଣେ ମଣିଷ ପାଇଁ ଯଥେଷ୍ଟ । ସାଧାରଣତଃ, ଏକ ଚାହା ଚାମଚ ଲୁଣର ଓଜନ ପାଞ୍ଚ ଗ୍ରାମ ।
- ଶୀତଦିନେ ସୁରା ଓ ଶର୍କରା ଶରୀର ପାଇଁ କ୍ଷତିକାରକ । ଏହି ଦୁଇଟି ଜିନିଷ ଥଣ୍ଡାରେ ପ୍ରବାହ ବଢ଼ାଏ, ରୋଗ ପ୍ରତିରୋଧକ ଶକ୍ତି କମାଏ, ଶେଶ୍ୱେତରକ୍ତ କଣିକାଗୁଡ଼ିକୁ ଦୁର୍ବଳ କରିବା ସହ ନାନା ରୋଗର କାରଣ ହୁଏ ।
- ଘର ଭିତରେ ବାୟୁ ପ୍ରଦୂଷଣ ରୋକିବା ଲାଗି ମହୁମାଛି-ମହମ ବାଡ଼ି ବା ବିଓ୍ୱାକସ କାଣ୍ଡଲ୍ ବ୍ୟବହାର କରନ୍ତୁ । ଏହା ଧୀରେ ଧୀରେ ଜଳେ, ଏଥିରୁ ଧୂଆଁ ବା ଗନ୍ଧ ବାହାରେ ନାହିଁ । ଏହା ମାଧ୍ୟମରେ ଘରେ ଥିବା ବାୟୁ ବିଲଶୁଦ୍ଧ ହୋଇଥାଏ ।
- ବାରମ୍ବାର ମୂତ୍ରନଳି ସଂକ୍ରମଣ ଭୋଗୁଥିଲେ, ପ୍ରତିଦିନ ଚାରି/ପାଂଚ କୋଳା ରସୁଲ ଚୋପା ଛଡ଼ାଇ, ଛେଚି, ଗରମ ପାଣିରେ ଦଶ ମିନିଟ୍ ସିଝାଇ ପିଅନ୍ତୁ ।
- ଓଜନ ବଢ଼ାଇବାକୁ ଚାହୁଁଥିଲେ ପ୍ରତିଦିନ ସକାଳେ ଓ ରାତିରେ ଏକ ଗ୍ଲାସ ଗରମ କ୍ଷୀରରେ ୩-୫ ଗ୍ରାମ ଶତାବରୀ ଓ ଅଶ୍ୱଗନ୍ଧା ଚୂର୍ଣ୍ଣ ଗୋଳାଇ ପିଅନ୍ତୁ ।

# ଜାପାନର ସର୍ବପୁରାତନ ବୌଦ୍ଧ ମନ୍ଦିର



ବୌଦ୍ଧ ଧର୍ମର ପ୍ରାଚୀନ କୀର୍ତ୍ତିରାଜି ଜାପାନର ବିଭିନ୍ନ ପ୍ରାନ୍ତର ଦେଖିବାାକୁ ମିଳିଥାଏ । ଏଠାରେ ସଂଖ୍ୟାଧିକ ବୌଦ୍ଧ ମନ୍ଦିର ମଧ୍ୟ ରହିଛି । ତେବେ ଟୋକିଓସ୍ଥିତ 'ସେନ୍ସୋ ଜିଟେ ଟେମ୍ପେଲ' ଜାପାନର ସର୍ବ ପୁରାନ ବୌଦ୍ଧ ମନ୍ଦିର ବୋଲି ବିଶେଷଜ୍ଞଙ୍କ ମତ । ଏହି ମନ୍ଦିରର ମହାତ୍ମ୍ୟ କାରଣରୁ ପ୍ରତ୍ୟେକ ବର୍ଷ ୩କୋଟିରୁ ଅଧିକ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ଦୈନିକ ମଧ୍ୟ ମନ୍ଦିର ସମ୍ମୁଖରେ ଖୁବ ଭିଡ଼ ଜମିଥାଏ । ହେଲେ ନିକଟରେ ଟୋକିଓରେ ନିୟମିତ ବରଫପାତ ହେଉଥିବାରୁ ମନ୍ଦିରରେ ଭକ୍ତଙ୍କ ସଂଖ୍ୟା ଖୁବ୍ କମିଛି । ଏପରିକି ସ୍ଥାନୀୟ ପୋଲିସ ମଧ୍ୟ ଏହି ବରଫାପାତରେ ଲୋକଙ୍କୁ ବାହାରକୁ ନଆସିବା ନିମନ୍ତେ ପରାମର୍ଶ ଦେଉଛି । ୪ବର୍ଷ ପରେ ଟୋକିଓରେ ବରଫପାତ ହେଉଥିବାର ପ୍ରକାଶ । ଅନେକ ବର୍ଷ ପୂର୍ବେ ଏହି ବୌଦ୍ଧ ମନ୍ଦିରକୁ ସମସ୍ତ ବର୍ଗର ଲୋକଙ୍କ ପ୍ରବେଶ ନେଇ ବିଭିନ୍ନ କଟକଣା ଥିଲା । ହେଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏଠାକାର ସ୍ଥିତି ପରିବର୍ତ୍ତନ ହେବା ସହ ସମସ୍ତ ବର୍ଗର ଲୋକଙ୍କୁ ପ୍ରବେଶ ନେଇ ଅନୁମତି ମିଳିଥିଲା । ମନ୍ଦିରର ବୟୋଜ୍ୟେଷ୍ଠ ପୂଜକ ହିନ୍ଦୁ ଓଙ୍କ ବୟସ ୯୩ ବର୍ଷ । ୭୨ ବର୍ଷ ହେଲାଣି ସେ ଏହି ମନ୍ଦିରର ଦାୟିତ୍ୱରେ ଅଛନ୍ତି । ତାଙ୍କ ମତରେ କେବଳ ବରଫପାତ ସମୟରେ ହିଁ ମନ୍ଦିରଟି ଜନଶୂନ୍ୟ ହୋଇପଡ଼େ, ଅନ୍ୟ ସବୁ ସମୟରେ ଲୋକଙ୍କ ଗହଳଚହଳ ଲାଗିଥାଏ ।

# ଫୁସ୍‌ଫୁସ୍ ପାଇଁ ହିତକର ଖରାଦିନିଆ ଖାଦ୍ୟ

ଏଭଳି ଅନେକ ଖରାଦିନିଆ ଖାଦ୍ୟ ରହିଛି ଯାହା ଅତ୍ୟାବଶ୍ୟକ ପୋଷକତତ୍ତ୍ୱ ଓ 'ଆଣ୍ଟିଅକ୍ସିଡାଣ୍ଟ' ଯୋଗାଇ ଶରୀରରେ ପ୍ରଦାହକୁ ହ୍ରାସ କରିବା ସହ ରୋଗପ୍ରତିରୋଧକ ଗୁଣକୁ ପ୍ରୋତ୍ସାହିତ କରିଥାଏ ଏବଂ ଜାରକଜନିତ (ଅକ୍ସିଡେଟିଭ୍) ଚାପରୁ ସୁରକ୍ଷା ଦେଇଥାଏ । ଆଜି ସେଭଳି କିଛି ଗ୍ରୀଷ୍ମକାଳୀନ ଖାଦ୍ୟ ବାବଦରେ ଆଲୋଚନା କରିବା, ଯାହା ଫୁସ୍‌ଫୁସ୍ ସ୍ୱାସ୍ଥ୍ୟ ପାଇଁ ବରଦାନ ସଦୃଶ । ସେଥି ମଧ୍ୟରେ ପ୍ରଥମେ ଆସିବ ତରଭୁଜ, ଯହିଁରେ ଭିଟାମିନ୍ ସି ପରି ଆଣ୍ଟିଅକ୍ସିଡାଣ୍ଟ ଭରପୂର ରହିଛି । ଏହା 'ଫ୍ରି ରାଡିକାଲ୍‌ସ' ନାମକ କ୍ଷତିକାରକ ଅଣୁ ଦ୍ୱାରା ନଷ୍ଟ ହୋଇଯାଉଥିବା ଫୁସ୍‌ଫୁସ୍‌ର ତନ୍ତୁଗୁଡ଼ିକୁ ରକ୍ଷା କରିଥାଏ । ଏଥିରେ ଥିବା ପ୍ରଚୁର ଜଳୀୟ ଅଂଶ ଭୀଷଣ ଗରମରେ ଶରୀରକୁ ଜଳାକ୍ତ ରଖି ଫୁସ୍‌ଫୁସ୍ କ୍ରିୟାକୁ ଉନ୍ନତ କରିଥାଏ ।



ଷ୍ଟ୍ରବେରି, ବ୍ଲୁବେରି ଓ ରାସବେରି ଆଦିରେ ପ୍ରଭୂତ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଓ ଫ୍ଲେଭିନଏଡ୍‌ସ ରହିଛି ଯାହାର ପ୍ରଦାହ ବିରୋଧୀ ଗୁଣ ଫୁସ୍‌ଫୁସ୍‌ରେ ପ୍ରଦାହକୁ ହ୍ରାସ କରି ଶ୍ୱାସକ୍ରିୟାରେ ଉନ୍ନତି ଆଣିପାରିବ । ଟମାଟୋ ବା ବିଲାତି ବାଇଗଣ ହେଉଛି 'ଲିକୋପିନ୍' ନାମକ ଆଣ୍ଟିଅକ୍ସିଡାଣ୍ଟର ଗନ୍ତାଘର । ଏହା ଆଜ୍‌ମା ପରି ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିପାରିବ । ସେହିପରି ପାଳଙ୍ଗ ଶାଗରେ ଭିଟାମିନ୍ ସି, ଭିଟାମିନ୍ ଇ ସମେତ ପ୍ରଚୁର ପରିମାଣର ବିଟା-କ୍ୟାରୋଟିନ୍ ରହିଛି, ଯାହା ପ୍ରଦାହ ହ୍ରାସ କରି ଫୁସ୍‌ଫୁସ୍‌ର ତନ୍ତୁଗୁଡ଼ିକୁ ଦୃଢ଼ କରିଥାଏ । ଖରାଦିନେ ଆମେ ଅଧିକ ଜଳୀୟ ଅଂଶଥିବା ଫଳମୂଳ ଖାଇବାକୁ ପସନ୍ଦ କରୁ । ଏଗୁଡ଼ିକ ସ୍ୱାଦିଷ୍ଟ ହେବା ସହ ଆମର ଫୁସ୍‌ଫୁସ୍ ଲାଗି ମଧ ଉପକାରୀ ହୋଇଥାଆନ୍ତି । ବ୍ରୋକୋଲିରେ ଥିବା 'ସଲ୍‌ଫରାଫେନ୍'ର ଶକ୍ତ ପ୍ରଦାହବିରୋଧୀ ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଫୁସ୍‌ଫୁସ୍‌ରୁ କ୍ଷତିକାରକ ପଦାର୍ଥଗୁଡ଼ିକୁ ନିଷ୍କାସିତ କରି ଫୁସ୍‌ଫୁସ୍ କର୍କଟ ଓ ଅନ୍ୟାନ୍ୟ ଫୁସ୍‌ଫୁସ୍ ରୋଗ ଆଶଙ୍କା କମ୍ କରିଥାଏ । ଭିଟାମିନ୍ ସି ଖୁନ୍ଦି ହୋଇ ରହିଥିବା କମଳା ଆମର ରୋଗପ୍ରତିରୋଧକ ପ୍ରଣାଳୀକୁ ସୁଗମ କରି ବିଭିନ୍ନ ପ୍ରକାର ଫୁସ୍‌ଫୁସ୍ ସଂକ୍ରମଣରୁ ରକ୍ଷା କରିଥାଏ । ସାଲମନ୍ ମାଛରେ ଓମେଗା-୩ ଚର୍ବିଳାମ୍ଳ ଭରପୂର ରହିଛି, ଯାହା ପ୍ରଦାହ କମାଇ ଫୁସ୍‌ଫୁସ୍ କ୍ରିୟାକୁ ଉନ୍ନତ କରିଥାଏ । ଭିଟାମିନ୍ ଇ ଭରି ରହିଥିବା ଆଭୋକାଡ୍ରୋ ମଧ ଏକ ଉନ୍ନତ ମାନର ପ୍ରତିଉପଚାୟକ । ଆଲମଣ୍ଡ୍ ହେଉଛି ମ୍ୟାଗ୍ନେସିଅମ୍ ଖଣିଜର ଏକ ଉତ୍ତମ ଉତ୍ସ, ଯାହା ଶ୍ୱାସନଳୀର ମାଂଶପେଶୀକୁ ନମନୀୟ ରଖି ଶ୍ୱାସକ୍ରିୟାକୁ ସୁଗମ କରିଥାଏ । ସବୁଜ ଚା'ରେ ଥିବା ପଲିଫିନଲ୍‌ସ୍ ପରି ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟର ପ୍ରଦାହବିରୋଧୀ ଓ କର୍କଟବିରୋଧୀ ଗୁଣ ରହିଛି । ତେଣୁ ସବୁଜ ଚା' ପିଇଲେ ଫୁସ୍‌ଫୁସ୍ କର୍କଟରୁ ରକ୍ଷା ମିଳିପାରିବ ।

# ପାଣି ପିଇବେ କିପରି



ବିଶେଷଜ୍ଞଙ୍କ ମତରେ ବସିଥିବା ସମୟରେ ହିଁ ପାଣି ପିଇବା ସବୁଠୁ ଉତ୍ତମ ପ୍ରକ୍ରିୟା । ତେବେ ଏବର ଜୀବନଶୈଳୀରେ ତରତର ହୋଇ କାମ କରୁଥିବା ଲୋକ ଛିଡ଼ା ହୋଇ କିମ୍ବା କାମ କରୁଥିବା ବେଳେ ହିଁ ପାଣି ପିଇବାକୁ ଉଚିତ ମଣିଥାନ୍ତି । ଏହା କାରଣରୁ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼ିଥାଏ ।

- ଚାଲିଚାଲି ପାଣି ପିଇବା ଦ୍ୱାରା ବୃକକ ଖରାପ ହେବାରେ ଆଶଙ୍କା ସର୍ବାଧିକ । ଏହି ପ୍ରକ୍ରିୟାରେ ପାଣି ପିଇଲେ ବୃକକ ସଂକ୍ରମଣ ହେବାର ଭୟ ରହିଛି ବୋଲି ପରୀକ୍ଷାରୁ ପ୍ରକାଶ ।
- ଏପରି ଭାବେ ପାଣି ପିଇଲେ ଖାଦ୍ୟ ଠିକ ଭାବେ ହଜମ ହୁଏନାହିଁ । ଏହାଦ୍ୱାରା ଖାଦ୍ୟ କୋଲଷ୍ଟରଲରେ ପରିଣତ ହୋଇ ହୃଦରୋଗ ହେବାର ସମ୍ଭାବନା ସର୍ବାଧିକ ।
- ବିଶେଷଜ୍ଞଙ୍କ ମତରେ ଛିଡ଼ା ହୋଇ ପାଣି ପିଇବା ଦ୍ୱାରା ଆମ ଶରୀର ହାଡ଼, ଗଣ୍ଠିକୁ ଉପଯୁକ୍ତ ପୋଷକତତ୍ତ୍ୱ ମିଳିନଥାଏ । ଏଣୁ ବିନ୍ଧା ସମସ୍ୟା ଉପୁଜିଥାଏ ।
- ଏପରି କରୁଥିବା ଲୋକେ ଅଲସର ରୋଗରେ ଆକ୍ରାନ୍ତ ହେଉଥିବାର ପରୀକ୍ଷାରୁ ଜଣାପଡ଼ିଛି । ଏହାସହ କୋଷ୍ଠକାଠିନ୍ୟ ଓ ଅମ୍ଳଜନିତ ଅସୁବିଧା ମଧ୍ୟ ଉପୁଜେ ।

ଏଣୁ ପ୍ରତ୍ୟହ ପାଣି ପିଇବା ସମୟରେ ଏଣେତେଣେ ନ ଚାଲି କିମ୍ବା ଛିଡ଼ା ନହୋଇ ବରଂ ଗୋଟିଏ ସ୍ଥାନରେ ବସି ବେଶ୍ ଆରାମରେ ପାଣି ପିଇବା ଉଚିତ୍ ।

# ଶ୍ରବଣହୀନତା: କାରଣ ଓ ଚିକିତ୍ସା

କାନରେ ଯନ୍ତ୍ରଣା ଅନୁଭୂତ ହେବା, ବଧିରା ଲାଗିବା , ରିଂ ରିଂ ଶବ୍ଦ ହେବା, ଚାପ ଅନୁଭୂତ ହେବା, କିଛି ଭର୍ତ୍ତି ହେବା ଭଳି ଲାଗିବା ଆଦି ଶ୍ରବଣ ଶକ୍ତି ହ୍ରାସର ଲକ୍ଷଣ । କାନକୁ ଭଲ ଭାବେ ନ ଶୁଭିବା ଯୋଗୁ ସାମାଜିକ ସଂପର୍କରେ ବାଧା ଆସିଥାଏ । ପରିବାର ସଦସ୍ୟ ଓ ଅନ୍ୟମାନେ ବେଶି କଥା ହେବାକୁ ପସନ୍ଦ କରି ନଥାନ୍ତି । ଏହାଦ୍ୱାରା ରୋଗୀର ମନୋବଳ ଦୁର୍ବଳ ହୋଇପଡ଼େ । ନିଜକୁ ଏକୁଟିଆ ଅନୁଭବ କରେ । ବିଭାଗୀୟ ଡାକ୍ତରଙ୍କ ଠାରେ ଠିକ ସମୟରେ ଚିକିତ୍ସା ଦ୍ୱାରା ସମସ୍ୟା ଚାଲିଯାଏ । ଶ୍ରବଣହୀନତା ସାଧାରଣତଃ ତିନି ପ୍ରକାରର କଣ୍ଡକ୍ଟିଭ ହିୟରିଂ ଲସ୍, ସେନ୍ସରିନ୍ୟୁରାଲ ହିୟରିଂ ଲସ ଏବଂ ମିକ୍ସଡ଼୍ ହିୟରିଂ



ଲସ୍ । କର୍ଣ୍ଣ ନଳୀରେ କୌଣସି ସମସ୍ୟା ହେଲେ ଏହି ପ୍ରକାର ଶ୍ରବଣହୀନତା ସୃଷ୍ଟିହୁଏ । କାନ ସଂକ୍ରମଣ କିମ୍ବା ଟ୍ୟୁମର ମଧ୍ୟ ଏହି ରୋଗର କାରଣ । କାନରେ କୌଣସି ତରଳ ପଦାର୍ଥ ପଡ଼ିଯିବା, ତେଲ ପକାଇବା, ମଇଳା ଜମିବା ଦ୍ୱାରା ଏ ପ୍ରକାର ଶ୍ରବଣହୀନତା ସୃଷ୍ଟି ହୋଇଥାଏ । ଅନ୍ତକର୍ଣ୍ଣରେ ଥିବା କୋଷଗୁଡ଼ିକ ନଷ୍ଟ ହେବା ଦ୍ୱାରା ଜଣେ ସେନ୍ସରିନ୍ୟୁରାଲ ହିୟରିଂ ଲସ୍ ସମସ୍ୟାରେ ପଡ଼ିଥାଏ । ବୟସ ବଢ଼ିବା ସହିତ ସ୍ନାୟୁରେ ପରିବର୍ତ୍ତନ ଯୋଗୁଁ ଏହି ଧରଣର ଶ୍ରବଣ ଶକ୍ତି ହ୍ରାସ ସମସ୍ୟା ହୋଇପାରେ । ଏ ଦୁଇ ପ୍ରକାର କାରଣରୁ ମିକ୍ସଡ଼ ହିୟରିଂ ଲସ୍ ଜନିତ ଶ୍ରବଣ ସମସ୍ୟା ସୃଷ୍ଟିହୁଏ । ବାହ୍ୟକର୍ଣ୍ଣ, ମଧ୍ୟ କର୍ଣ୍ଣ, ଅନ୍ତକର୍ଣ୍ଣରେ ସମସ୍ୟା ଦେଖାଯାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆମେରିକା ବିକର୍ଷଣ...

ଆକର୍ଷଣୀୟ ଉଚ୍ଚବେତନଭିତ୍ତିକ ନିଯୁକ୍ତି, ସୁଖସ୍ୱାଚ୍ଛନ୍ଦ୍ୟ ଓ ବିଳାସପୂର୍ଣ୍ଣ ଜୀବନ ଲକ୍ଷ୍ୟରେ ଭାରତ ସମେତ ବିଶ୍ୱବାସୀଙ୍କ ପାଇଁ ଆମେରିକା ମାଟିର ଆକର୍ଷଣ ସବୁବେଳେ ଦୁର୍ବାର ରହି ଆସିଛି। ଜଗତୀକରଣ ପରେ ଏହି ଆକର୍ଷଣ ଉଚ୍ଚଶିକ୍ଷା କ୍ଷେତ୍ରକୁ ପ୍ରସାରିତ ହୋଇଛି ଏବଂ ଏହାକୁ ଆହୁରି ଲୋଭନୀୟ କରିଛି ଆମେରିକାର ଓପିଟି (ଅପସ୍‌ନାଲ୍ ପ୍ରାକ୍ଟିକାଲ୍ ଟ୍ରେନିଂ) ଭିସା ନୀତି, ଯାହାବଳରେ ସେଠାରେ ବୈଷୟିକ(ଷ୍ଟେମ୍ ବା ବିଜ୍ଞାନ, ପ୍ରବିଧି, ଯାନ୍ତ୍ରିକ ଓ ଗଣିତ) ପାଠପଢ଼ା ଶେଷ ହେବା ପରେ ଏଫ୍-୧ ଭିସାଧାରୀ ପ୍ରବାସୀ ଛାତ୍ରଛାତ୍ରୀ ଆଗାମୀ ୩୬ ମାସ(ପ୍ରଥମ ପର୍ଯ୍ୟାୟରେ ୧୨ମାସ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୪ମାସ) ପର୍ଯ୍ୟନ୍ତ ସେଠାରେ ରହି ଚାକିରି କରି ରୋଜଗାର କରିବାରେ ସଫଳ ହେଉଛନ୍ତି। ଏବେ କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ଆମେରିକା ଫାଷ୍ଟ' ଓ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍(ମାଗା)' ନୀତିରେ ପ୍ରବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଏହି ଆମେରିକା ଆକର୍ଷଣ ଏକପ୍ରକାର ଅବାଞ୍ଛିତ ବିକର୍ଷଣରେ ପରିଣତ ହେବାକୁ ଯାଉଛି, ଯେଉଁଥିରେ ସର୍ବାଧିକ ପ୍ରଭାବିତ ହେବାକୁ ଯାଉଛନ୍ତି ଭାରତୀୟ ଛାତ୍ରଛାତ୍ରୀ। ଅବୈଧ ବା ଅଣଅନୁମତିପ୍ରାପ୍ତ ଆମେରିକା ନିବାସୀ ପ୍ରବାସୀଙ୍କୁ ସେଠାରୁ ଅପମାନଜନକ ଭାବେ ତଡ଼ିବା ପରେ ଏବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦୃଷ୍ଟି ପଡ଼ିଛି ଏଫ୍-୧ ଭିସା ଅବଧି ଶେଷ ହେବା ପରେ 'ଓପିଟି' ନୀତି ବଳରେ ଆମେରିକାରେ ରହୁଥିବା ପ୍ରବାସୀ ଛାତ୍ରଛାତ୍ରୀଙ୍କ ଉପରେ। ଟ୍ରମ୍ପଙ୍କ ପ୍ରବାସୀ ବିରୋଧୀ ଆଭିମୁଖ୍ୟ ଏତେ ଉଗ୍ର ହୋଇଛି ଯେ ତାଙ୍କ କୋପଦୃଷ୍ଟିରୁ ହାର୍ଭାର୍ଡ, କଲମ୍ବିଆ ପରି ସ୍ୱନାମଧନ୍ୟ ବିଶ୍ୱବିଖ୍ୟାତ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ବାଦ୍ ପଡ଼ିନାହାନ୍ତି। ବିଶେଷକରି ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣର ପ୍ରତିବାଦରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ସମେତ ଆମେରିକାର ଅନ୍ୟ କେତେକ ବିଶ୍ୱବିଦ୍ୟାଳୟରେ ପାଲେଷ୍ଟାଇନ୍ ସପକ୍ଷବାଦୀ ଏବଂ ଆମେରିକା ବିପକ୍ଷବାଦୀ ଆନ୍ଦୋଳନରେ ପ୍ରବାସୀ ଛାତ୍ରଛାତ୍ରୀ ସାମିଲ୍ ହୋଇଥିବାରୁ ତାହାର ପ୍ରତିଶୋଧ ନେବାକୁ ଟ୍ରମ୍ପ ଏଭଳି ଆଭିମୁଖ୍ୟ ପୋଷଣ କରିଥିବା ସେଠାକାର ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି ଏବଂ ଟ୍ରମ୍ପଙ୍କ ଏଭଳି ଧମକ ଶିକ୍ଷାନୁଷ୍ଠାନର ସ୍ୱାଧୀନତା ଉପରେ ହସ୍ତକ୍ଷେପ ବୋଲି ମଧ୍ୟ ଅଭିହିତ କରିଛନ୍ତି। ତେଣୁ ଆମେରିକାର ବିଭିନ୍ନ ଉଚ୍ଚଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ପ୍ରବାସୀ ଛାତ୍ରଛାତ୍ରୀଙ୍କ ଆପତ୍ତିଜନକ କାର୍ଯ୍ୟକଳାପର ବିସ୍ତୃତ ସୂଚନା ନ ଦେଲେ ପ୍ରବାସୀ ଛାତ୍ରଛାତ୍ରୀଙ୍କ ନାମ ଲେଖା ପ୍ରକ୍ରିୟା ବନ୍ଦ କରିବାକୁ ଟ୍ରମ୍ପ ପ୍ରଶାସନ ପକ୍ଷରୁ ପ୍ରତ୍ୟକ୍ଷ ଧମକ ମିଳିଛି। ଏହି ନିର୍ଦ୍ଦେଶର ଅବମାନନା କଲେ ସେହିସବୁ ଶିକ୍ଷାନୁଷ୍ଠାନକୁ ସରକାରୀ ପାଣ୍ଠି ସହାୟତା ବନ୍ଦ କରିଦେବା ଭଳି ଧମକ ଦେବାକୁ ମଧ୍ୟ ଟ୍ରମ୍ପ ପଛାଇ ନାହାନ୍ତି। ଟ୍ରମ୍ପଙ୍କ ଏହି କଠୋର ଆଭିମୁଖ୍ୟରେ ସର୍ବାଧିକ ପ୍ରଭାବିତ ହେବାକୁ ଯାଉଛନ୍ତି ଭାରତୀୟ ଛାତ୍ରଛାତ୍ରୀ। ଭାରତ-କାନାଡ଼ା କୂଟନୈତିକ ସମ୍ପର୍କରେ ତିକ୍ତତା ଆସିବା ପରେ ସେଠାରେ ଅଧ୍ୟୟନରତ ଓ ନିଯୁକ୍ତି ଆଶାୟୀ ଭାରତୀୟ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏବେ ଅନୁରୂପ ଆଶଙ୍କା ସୃଷ୍ଟି ହୋଇଛି ଆମେରିକା ନିବାସୀ ପ୍ରବାସୀ ଭାରତୀୟ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉପରେ। ଆମେରିକାର ପ୍ରବାସନ ଆଇନଜୀବୀ ସଂଘ(ଆଇଲା) ସମ୍ପ୍ରତି ଯେଉଁ ତଥ୍ୟ ଦେଇଛି ତାହା ଭାରତ ସରକାରଙ୍କ ପାଇଁ ଆହୁରି ଚିନ୍ତାଜନକ ହୋଇଥିବାରୁ ସ୍ୱାଭାବିକ ଭାବେ ଜାତୀୟସ୍ତରରେ ରାଜନୀତି ଆରମ୍ଭ ହୋଇସାରିଛି। ଏହି ସଂଘର ତଥ୍ୟ ଅନୁଯାୟୀ ଯେଉଁ ଛାତ୍ରଛାତ୍ରୀଙ୍କ ଭିସା ଅନୁମତି ରଦ୍ଦ ହୋଇସାରିଛି କିମ୍ବା ସେଠାକାର 'ସେଭିସ୍'(ଷ୍ଟୁଡେଣ୍ଟ ଆଣ୍ଡ ଏକ୍ସଚେଞ୍ଜ ଭିଜିଟରସ ଇନ୍‌ଫରମେସନ୍ ସିଷ୍ଟମ୍) ରେକର୍ଡରୁ ଯେଉଁ ପ୍ରବାସୀ ଛାତ୍ରଛାତ୍ରୀ ବାଦ୍ ପଡ଼ିଛନ୍ତି ସେମାନଙ୍କ ମଧ୍ୟରୁ ଅଧା ହେଉଛନ୍ତି ଭାରତୀୟ। ଆମେରିକାରେ ୨୦୨୩-୨୪ ଶିକ୍ଷାବର୍ଷ ସୁଦ୍ଧା ପ୍ରାୟ ୧୧, ୨୬, ୬୯୦ ଏଫ୍-୧ଭିସାଧାରୀ ପ୍ରବାସୀ ଛାତ୍ରଛାତ୍ରୀ ଥିବା ବେଳେ ସେମାନଙ୍କ ମଧ୍ୟରୁ ୨୯% ବା ୩, ୩୧, ୬୦୨ ଜଣ ଭାରତୀୟ। ସେହି ଭାରତୀୟଙ୍କ ମଧ୍ୟରୁ 'ଓପିଟି' ସୁଯୋଗ ପାଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୯%। ଏବେ ସେମାନେ 'ସେଭିସ୍'ରୁ ବାଦ୍ ପଡ଼ିଥିବାରୁ 'ଓପିଟି' ସୁଯୋଗ ହରାଇବା ସହିତ ଭବିଷ୍ୟତରେ ମଧ୍ୟ ସେମାନେ ଆମେରିକାରେ ନିଯୁକ୍ତି ପାଇବା କଷ୍ଟକର ହୋଇପଡ଼ିବ। କେବଳ ସେତିକି ନୁହେଁ ସେମାନେ ଆମେରିକାର ବିଭିନ୍ନ କୋହଳ ବିଧିବ୍ୟବସ୍ଥାରୁ ବଞ୍ଚିତ ହେବାର ଏବଂ ଅନେକ ଜଟିଳ ଆଇନଗତ କଟକଣାର ମଧ୍ୟ ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏହାଦ୍ୱାରା କିନ୍ତୁ ଆମେରିକା ମଧ୍ୟ କମ୍ କ୍ଷତି ସହିବ ନାହିଁ। ସେଠାରେ ଭିସା ଆବେଦନ କରୁଥିବା ଭାରତୀୟ ଛାତ୍ରଛାତ୍ରୀମାନେ ମୂଳତଃ ପ୍ରଯୁକ୍ତି ବିଦ୍ୟା, ଇଲେକ୍ଟ୍ରୋନିକ୍ସ, ସ୍ୱାସ୍ଥ୍ୟ ସେବା, ନିର୍ମାଣ ଓ ବୈଷୟିକ ଜ୍ଞାନକୌଶଳ ପରି କ୍ଷେତ୍ରର ବିକାଶ ସହିତ ଜଡ଼ିତ। ତେଣୁ ଟ୍ରମ୍ପ ପ୍ରଶାସନର କଟକଣା ଯୋଗୁଁ ହଠାତ୍ ଦକ୍ଷ ଓ ମେଧାବୀ ପ୍ରବାସୀଙ୍କ ସଂଖ୍ୟା ହ୍ରାସ ପାଇଲେ ଆମେରିକାର ଉପରୋକ୍ତ କ୍ଷେତ୍ର ସହିତ ଆମେରିକାର ସାମଗ୍ରିକ ଅର୍ଥନୀତି ଉପରେ ମଧ୍ୟ ଏହାର ତତ୍କାଳ ପ୍ରଭାବ ପଡ଼ିପାରେ। ତେଣୁ ଟ୍ରମ୍ପ ପ୍ରଶାସନର ଧମକୁ ଖାତିର ନ କରି ପ୍ରବାସୀ ମେଧାବୀଙ୍କୁ ଶିକ୍ଷା ଓ ଗବେଷଣାର ସୁଯୋଗର ନିଷ୍ପତ୍ତିରୁ ଓହରିବାକୁ ସିଧାସଳଖ ମନା କରିଦେଇଛି ବିଶ୍ୱବିଖ୍ୟାତ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ। ଅପରପକ୍ଷରେ 'ମାଗା' ଲକ୍ଷ୍ୟ ହାସଲରେ ବଦ୍ଧ ପରିକର ଟ୍ରମ୍ପ ଏହିସବୁ ସୁଦୂରପ୍ରସାରୀ ପ୍ରଚ୍ଛନ୍ନ ପ୍ରଭାବକୁ ଅଣଦେଖା କରିଆସୁଥିବାରୁ ହାର୍ଭାର୍ଡ ସମେତ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ଓ ଉଚ୍ଚଶିକ୍ଷାନୁଷ୍ଠାନ ଶହଶହ କୋଟି ଡଲାରର ସରକାରୀ ସହାୟତା ଏବଂ ଟିକସ ରିହାତି ହରାଇବାକୁ ଯାଉଛନ୍ତି।

# ଚେତନା - 'ମନୁଷ୍ୟ ଜୀବନରେ ଦିବ୍ୟଜ୍ଞାନର ଆବଶ୍ୟକତା'

**ଅମୂଲ୍ୟ କୁମାର ପଣ୍ଡା**

ଭାରତ ଏକ ଧର୍ମ ପ୍ରଧାନ ଦେଶ। ଏଠାରେ ପ୍ରତ୍ୟକ ବ୍ୟକ୍ତି ପ୍ରତ୍ୟକ୍ଷ ଭାବରେ ହେଉ କିମ୍ବା ପରୋକ୍ଷ ଭାବରେ ହେଉ। କେଉଁ ନା କେଉଁ ସମ୍ପ୍ରଦାୟକୁ ଆପଣେଇଥାନ୍ତି। କାରଣ ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ସେ ସର୍ବଦା ଅନ୍ୟ ଉପରେ ନିର୍ଭରଶୀଳତାକୁ ଗୁରୁତ୍ୱ ଦେଇଥାଏ। ଯେପରିକି ଆଶ୍ରା, ଆଶ୍ରିତ ଓ ଆଶ୍ରୟକୁ ନେଇ ଜୀବନର ଗତିକୁ ଆଗେଇ ନେଇଥାଏ। ଏହାର ଅର୍ଥ ଆମେ ସର୍ବଦା ଭଗବାନଙ୍କ ଉପରେ ଆଶ୍ରା କରିବା ଦରକାର। ଯାହା ଉପରେ ଆଶ୍ରା କରିବା ତାର ହିଁ ଆଶ୍ରିତ ହେବା ଶ୍ରେୟସ୍କର। କାରଣ ଆମର ତା ସହିତ ଆସ୍ତା ଯୋଡି ହେଲା। ଆସ୍ତା ଯୋଡି ହେଲେ ମନୁଷ୍ୟ ନିଜକୁ ସୁରକ୍ଷାମଣି ତାରି ପାଖରେ ଆଶ୍ରୟ ନେବାକୁ ସୁଖ ମଣେ। ଶାସ୍ତ୍ର କହୁଛି ମଣିଷ ମାତ୍ରକେ ଗୁରୁ ଓ ଗୋବିନ୍ଦଙ୍କ ଚରଣକୁ ଯିବା ଦରକାର ନଚେତ ଶାନ୍ତି ଓ ମୁକ୍ତି ମିଳିବ ନାହିଁ। ଗୁରୁ ଚରଣ ମାନେ ଯାହାର ଆଦର୍ଶ ଆମକୁ ଅନୁପ୍ରାଣିତ କରେ। ଜୀବନର ଲକ୍ଷ୍ୟ ସ୍ଥଳରେ ପହଂଚିବା ପାଇଁ ସେହି ନୀତି ଆଦର୍ଶ ସହାୟକ ହେବ।

ଯେଉଁ ବ୍ୟକ୍ତି ଗଭୀର ଶ୍ରଦ୍ଧାବାନ ଅଟନ୍ତି ଏବଂ ମନ ଓ ଇନ୍ଦ୍ରିୟକୁ ଦମନ କରିବାର ଅଭ୍ୟାସ କରିଥାଆନ୍ତି, ସେ ଦିବ୍ୟଜ୍ଞାନ ପ୍ରାପ୍ତ କରନ୍ତି। ଏଠାରେ ଆମେ ଦେଖିବା ଦୁଇଟି ଶବ୍ଦକୁ, ଗୋଟିଏ ଶ୍ରଦ୍ଧା ଓ ଅନ୍ୟଟି ଜ୍ଞାନ। ଏଇ ଦୁଇଟି ଶବ୍ଦର ଅର୍ଥ, ଗୁରୁ ଶାସ୍ତ୍ରେଷୁ ବିଶ୍ୱାସକୁ ଶ୍ରଦ୍ଧା କହନ୍ତି ଓ ଯେଉଁଟି ଯାହା ତାକୁ ସେହି ରୂପେ ଜାଣିବା ହେଉଛି ଜ୍ଞାନ। ଯେଉଁଟି ଯାହା ତାକୁ ଅନ୍ୟ ରୂପରେ ଦେଖିବା ହେଉଛି ଅଜ୍ଞାନ। ଏଠାରେ ଜ୍ଞାନ ଅର୍ଥ ଦିବ୍ୟଜ୍ଞାନକୁ ବୁଝାଉଛି। ଯାହା ଏପରି ଏକ ବିଷୟ ଯାହାର ପ୍ରାପ୍ତିରେ ମନୁଷ୍ୟ ପବିତ୍ରୀକରଣ ହୋଇଯାଏ। ସୁଖ ଶାନ୍ତି ପ୍ରାପ୍ତି କରେ। ଅଜ୍ଞାନ ହେଉଛି ଆମର ବନ୍ଧନର କାରଣ ଏବଂ ଜ୍ଞାନ ହେଉଛି ଆମର ମୁକ୍ତିର କାରଣ। ଯେତେବେଳେ ବ୍ୟକ୍ତି ଦିବ୍ୟଜ୍ଞାନ ସ୍ତରରେ ଅବସ୍ଥାନ କରେ। ସେତେବେଳେ ସେ ଆଉ ଅନ୍ୟତ୍ର ଶାନ୍ତିର ଅନ୍ୱେଷଣ କରିବା ଦରକାର ନାହିଁ। କାରଣ ସେ ନିଜ ମଧ୍ୟରେ ହିଁ ଶାନ୍ତି ପାଏ। ଦିବ୍ୟଜ୍ଞାନର ବୃଦ୍ଧି ଘଟିଲେ ତାର ସମସ୍ତ ସନ୍ଦେହ ଦୂରୀଭୂତ ହୋଇଯାଏ। ଶ୍ରଦ୍ଧା ଦ୍ୱାରା ଜ୍ଞାନ ପ୍ରାପ୍ତ ହୁଏ ଏବଂ ଯେଉଁ ଶ୍ରଦ୍ଧା, ଗୁରୁ ଓ ଶାସ୍ତ୍ର ଉପରେ ବିଶ୍ୱାସ କଲେ ଯାଇ ମିଳିବ। ବିଶ୍ୱାସ ମଧ୍ୟ ସହଜେ ହେବ ନାହିଁ କାରଣ ବିଶ୍ୱାସ ଅନୁଭବର କଥା। ଯେବେ ବିଦ୍ୟାର୍ଥୀ ଗୁରୁ ଓ ଶାସ୍ତ୍ର ଅନୁମୋଦିତ ନିୟମ ଅନୁଯାଇ ଚାଲିବ। ନିଜ ଜୀବନର କର୍ତବ୍ୟକୁ ସେହି ରୂପେ ପାଳନ କରିବ। ତେବେ ଯାଇ ଅନୁଭବ ଓ ବିଶ୍ୱାସ ହେବ। ଏଣୁ ଆମେ ଅଜ୍ଞାନ ଜନିତ କଷ୍ଟକୁ ଜ୍ଞାନ ରୂପକ ଖଡ଼ଗ ଦ୍ୱାରା କାଟିବା ପାଇଁ ସକ୍ଷମ ହୋଇପାରିଲେ, ସର୍ବଦା ସୁଖ ଓ ଶାନ୍ତିରେ ଜୀବନ ଅତିବାହିତ କରିପାରିବା।

ଭଗବାନଙ୍କ ଏହି ସୁନ୍ଦର ସଂସାରରେ ଦିବ୍ୟଜ୍ଞାନ ହେଉଛି ଅମୃତ ପରି ଆଉ ତାହାକୁ ପ୍ରାପ୍ତ କରିପାରିଲେ ଏ ସଂସାରରେ ସବୁ କିଛି ମିଳିଯିବା ସହ ଭଗବାନଙ୍କୁ ଅନୁଭବ କରିଲା ପରି ଲାଗେ । ତେବେ ଏହି ଦିବ୍ୟଜ୍ଞାନରେ ଶୁଦ୍ଧ କରିବା, ଉନ୍ନତ କରିବା, ମୁକ୍ତ କରିବା ଏବଂ ଭଗବାନଙ୍କ ସହିତ ମିଳିତ କରାଇବାର ଶକ୍ତି ରହିଛି, ତେଣୁ ଏହା ଅତ୍ୟନ୍ତ ଗରିମାମୟ ଏବଂ ଶୁଦ୍ଧ ଅଟେ । ଏହି ଜ୍ଞାନ ଦୁଇ ପ୍ରକାରର। ଏକରେ ଶାବ୍ଦିକ ଜ୍ଞାନ ଏବଂ ଦ୍ୱିତୀୟରେ ଅନୁଭବାତ୍ମକ ଜ୍ଞାନ । ଗୋଟିଏ ପ୍ରକାର ଜ୍ଞାନ ଅଛି ଯାହା ଶାସ୍ତ୍ର ପଠନ ଏବଂ ଗୁରୁଙ୍କ ଠାରୁ ଶ୍ରବଣ ଦ୍ୱାରା ହୋଇଥାଏ । କିନ୍ତୁ କେବଳ ଶାବ୍ଦିକ ଜ୍ଞାନ ଅପର୍ଯ୍ୟାପ୍ତ ଅଟେ ସବୁକିଛି ପ୍ରାପ୍ତି ପାଇଁ ଅର୍ଥାତ୍ ଭଗବାନଙ୍କୁ ଉପଲବ୍ଧି କରିବା ପାଇଁ । ଉଦାହରଣ, ଯେପରି ଜଣେ ବ୍ୟକ୍ତି ପାକଶାସ୍ତ୍ର ପଠନ କରିଥାଏ କିନ୍ତୁ କେବେ ସେ ରୋଷେଇଶାଳକୁ ଯାଇ ନ ଥାଏ । ଅର୍ଥାତ୍ ସେ ରୋଷେଇ ବିଷୟରେ ଅଧ୍ୟୟନ କରିଛି କିନ୍ତୁ ରୋଷେଇ କରି ଶିଖି ନାହିଁ। ରୋଷେଇର ଏହି ଶାବ୍ଦିକ ଜ୍ଞାନ କାହାର କ୍ଷୁଧା ମେଣ୍ଟାଇ ପାରିବ ନାହିଁ । ସେହିପରି ଜଣେ ବ୍ୟକ୍ତି ଗୁରୁଙ୍କଠାରୁ ଆତ୍ମା, ଭଗବାନ୍, ମାୟା, କର୍ମ, ଜ୍ଞାନ ଏବଂ ଭକ୍ତି ବିଷୟରେ ଶାବ୍ଦିକ ଜ୍ଞାନ ପ୍ରାପ୍ତ କରିପାରେ, କିନ୍ତୁ ତାହା ଭଗବତ୍‌ପ୍ରାପ୍ତି କରାଇ ନ ଥାଏ । ବ୍ୟକ୍ତି ଯେତେବେଳେ ଏହି ଶାବ୍ଦିକ ଜ୍ଞାନ ଅନୁସାରେ ସାଧନା କରି ତା'ର ଅନ୍ତଃକରଣ ଶୁଦ୍ଧ କରିଥାଏ, ସେତେବେଳେ ତାଙ୍କ ଅନ୍ତରରେ ଆତ୍ମା ବିଷୟରେ ଏବଂ ଭଗବାନଙ୍କ ସହିତ ତାଙ୍କର ସମ୍ବନ୍ଧ ବିଷୟରେ ଜ୍ଞାନ ଉଦ୍‌ଭାସିତ ହୁଏ । ଏହାକୁ ପ୍ରାପ୍ତି ପାଇଁ ଯୋଗ ସାଧନା ଆବଶ୍ୟକ। ଯୋଗ ସାଧନା ମାଧ୍ୟମରେ ଅନ୍ତରର ଅନୁଭୂତି ଦ୍ୱାରା ଯେଉଁ ଜ୍ଞାନ ପ୍ରାପ୍ତ ହୋଇଥାଏ, ତାହା ଶାବ୍ଦିକ ଜ୍ଞାନ ଅପେକ୍ଷା ଶ୍ରେଷ୍ଠତର ଅଟେ ।

ଆସନ୍ତୁ ଏ ଦିବ୍ୟଜ୍ଞାନକୁ ନେଇ ଛୋଟ କଥାଟିଏ ଜାଣିବା ଯେ ଦିବ୍ୟଜ୍ଞାନ କିପରି ଉଦୟ ହୁଏ ଆଉ ଏହି ଦିବ୍ୟଜ୍ଞାନ ଦ୍ୱାରା ମନୁଷ୍ୟ କିପରି ମନ ପରିବର୍ତ୍ତନ ହୋଇଥାଏ। ଜଣେ ରାଜକୁମାର ତତ୍‌କ୍ଷଣାତ୍ ଦିବ୍ୟଜ୍ଞାନ ଲାଭ କାମନାରେ, ଜଣେ ଗୁରୁଙ୍କୁ ଭେଟିଲେ। ତାଙ୍କ କାମନା ବାବଦରେ ଜାଣି, ଗୁରୁ ଏହା ସମ୍ଭବ ବୋଲି କହିଲେ। ରାଜକୁମାର କେଉଁ ବିଦ୍ୟାରେ ସବୁଠାରୁ ନିପୁଣ, ଜାଣିବାକୁ ଚାହିଁଲେ। ତାଙ୍କୁ ଅନେକ ସାମରିକ କଳା ଜଣାଥିଲା। ସେ ଅଶ୍ୱାରୋହଣରେ ସବୁଠାରୁ ପାରଙ୍ଗମ ବୋଲି କହିଲେ। ମଠରେ ରହୁଥିବା ଗୁରୁଙ୍କର ଜଣେ ଚେଲା ବି ଏହି ବିଦ୍ୟାରେ ନିପୁଣ ଥିଲେ। ଦୁହିଁଙ୍କ ଭିତରେ ପ୍ରତିଯୋଗିତା ପାଇଁ ଗୁରୁ କହିଲେ। ସର୍ତ୍ତ ରହିଲା ଯିଏ ହାରିବ, ସେ ନିଜ ପେଟକୁ ନିଜେ ଛୁରି ଭୁଷିବା) ଦ୍ୱାରା ଆତ୍ମହତ୍ୟା କରିବ। ରାଜକୁମାରଙ୍କୁ ଲାଗିଲା, ମଠରେ ରହୁଥିବା ପ୍ରତିଦ୍ୱନ୍ଦ୍ୱୀ କେବେ ହେଲେ ଜିତି ପାରିବନାହିଁ। ତା'ର ଜୀବନ ଯିବ। ହଠାତ୍? ସେ ଚିନ୍ତିତ ଦିଶିଲେ- ଆରେ ମୁଁ ଏ କ'ଣ କରୁଛି? ମୁଁ ବଡ଼ ନିଷ୍ଠୁର। ମୁଁ ଦିବ୍ୟଜ୍ଞାନ ତଲାସରେ ଆସିଥିଲି। ଆଉ ମୋ ପାଇଁ ଏବେ ଜଣଙ୍କର ପ୍ରାଣ ଯିବ। ଜଣଙ୍କର ମୃତ୍ୟୁରୁ ପ୍ରାପ୍ତ ଦିବ୍ୟଜ୍ଞାନ ମୋ'ର କେଉଁ କାମରେ ଲାଗିବ ? ସେ ବିଚଳିତ ହୋଇପଡ଼ିଲେ। ଯଦି, ଜାଣିଶୁଣି ହାରିବେ, ନିଜ ପ୍ରାଣ ଯିବ, ଜିତିଲେ ନିରୀହ ପ୍ରତିଦ୍ୱନ୍ଦ୍ୱୀର। ଏହା ଭାବିଭାବି ସେ ଡରିଗଲେ। ତାଙ୍କ ଅବସ୍ଥା ଦେଖି ଉପସ୍ଥିତ ଥିବା ଗୁରୁ କହିଲେ- ତୁମ ହୃଦୟ ନିର୍ମଳ। ତୁମେ ବିବେକବାନ। ତେଣୁ, ତୁମେ ପ୍ରତିଦ୍ୱନ୍ଦ୍ୱୀର ମୃତ୍ୟୁର କାରଣ ହେବା ପାଇଁ ଇଚ୍ଛା କରୁନାହଁ। ଏହା ହିଁ ତ ଦିବ୍ୟଜ୍ଞାନ।


ଅରଙ୍ଗାବାଦ, ବରୀ, ଯାଜପୁର

ମୋ: ୯୯୩୮୯୦୬୦୭୦


# ମୋବାଇଲରେ ଜୁଆ, ଯୁବବର୍ଗ ଭ୍ରମିତ

**ଗୋପାଳ ମହାପାତ୍ର**

ଡିଜିଟାଲ ଇଣ୍ଡିଆ ଫାଉଣ୍ଡେସନ ନିକଟରେ ଏକ ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟରେ ଦର୍ଶାଯାଇଛିଯେ ଭାରତରେ ଅନଲାଇନଗେମ୍ବଲିଙ୍ଗ ବା ଅନଲାଇନ ଜୁଆ ଖେଳ ବଢ଼ିବାରେ ଲାଗିଛି। ଅନଲାଇନରେ ଜୁଆଖେଳକୁ ପ୍ରୋତ୍ସାହିତ କରୁଥିବା ଏହି ଅନଲାଇନ୍ ପ୍ଲାଟଫର୍ମ ବା ଆପ୍ କୁ ବିଗତ ୩ମାସ ମଧ୍ୟରେ ୧୬୦ କୋଟି ଥର ଲୋକେ ଦେଖିଛନ୍ତି। ଏପରିକି ଖେଳିଛନ୍ତି। ସରକାରଙ୍କ ଦ୍ୱାରା ଏହି ଜୁଆ ଖେଳକୁ ରୋକିବା ବା ନିୟନ୍ତ୍ରିତ କରିବା ପାଇଁ ସମସ୍ତ ପ୍ରୟାସ ସତ୍ତ୍ୱେ ଅବୈଧ ଭାବେ ଏହି ଖେଳ ବଢ଼ିଲାଲିଛି। ସମାଜ ବିଶେଷ ଭାବେ ଯୁବ ବର୍ଗ ଓ ପିଲାଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି। ଦି ଲାସେଣ୍ଟ ପତ୍ରିକାରେ ପ୍ରକାଶିତ ରିଚାର୍ଡ୍ ଆରାମିଣ୍ଡେଡ୍‌ଙ୍କ ସର୍ବେକ୍ଷଣ ଅନୁସାରେ ଅନଲାଇନ ଜୁଆ ପିଲାଙ୍କ ମାନସିକ,ଭାବନାତ୍ମକ ତଥା ସାମାଜିକ ସ୍ୱାସ୍ଥ୍ୟ ଏବଂ ପାଠପଢ଼ା ଉପରେ ପ୍ରଭାବ ପକାଉଛି। ଯୁବବର୍ଗ ଓ ପିଲାମାନେ ଅନଲାଇନରେ ଏହି ଜୁଆ ଖେଳରେ ଫସି ଯାଉଛନ୍ତି ଯାହା ସେମାନଙ୍କୁ ଏଥିରେ ଧିରେ ଧିରେ ଅଭ୍ୟସ୍ତ କରିଦେଉଛି। ନୂଆ ଟେକ୍‌ନିକରୁ ଅନେକ ଲାଭ ମିଳିବ ବୋଲି କୁହାଯାଉଛି କିନ୍ତୁ ସାବଧାନ ନରହିଲେ ଏହା ଗୁରୁତର କ୍ଷତି କରିବାର ସମ୍ଭାବନା ମଧ୍ୟ ରହିଛି। ମୋବାଇଲ ଫୋନ୍ ?ରେ ଅନେକ ସୁବିଧା ମିଳିପାରୁଛି, ଏହାର ଅନେକ ଫାଇଦା ମଧ୍ୟ ରହିଛି କିନ୍ତୁ ଏବେ ମୋବାଇଲ ଅନେକ ପ୍ରକାରର ଜୁଆ ଖେଳର ମାଧ୍ୟମ ପାଲଟିବାକୁ ବସିଛି। ତାସ, ଲୁଡୁ ଏବଂ କ୍ରିକେଟ ଭଳି ଖେଳକୁ ଅନଲାଇନ୍‌ରେ ଏଭଳି ରପ ଦିଆଯାଉଛି ଯାହା ଜୁଆର ବିକଳ୍ପ ଅଟେ।

ଏହି ନୂଆ ପ୍ରକାରର ଜୁଆ ଖେଳର ଜାଲରେ ଅନେକ କିଶୋର ଓ ଯୁବା ଫସିଯାଉଛନ୍ତି। ଏପରିକି ଗାଁ ଗହଳିରେ ମଧ୍ୟ ଏହି ଅନଲାଇନ ଜୁଆର ପ୍ରସାର ବଢିବାରେ ଲାଗିଛି। ଏହି ଅନଲାଇନ୍ ଜୁଆରେ ଥରେ କିଛି ଅର୍ଥ ହାରିବା ପରେ କେମିତି ହାରିଥିବା ଅର୍ଥ ଜିତିବେ ସେଇ ଆଶାରେ ଯୁବବର୍ଗ ଅଧିକ ଖେଳୁଛନ୍ତି ଏବଂ ଜିତିବା ପରିବର୍ତ୍ତେ ଅଧିକ ଭାବେ ହାରିବାରେ ଲାଗିଛନ୍ତି। ଅଧିକ ବାର ହାରିବା ପରେ ଚାପଗ୍ରସ୍ତ ଯୁବ/ କିଶୋର ମାନେ ପରିବାରର ଅର୍ଥ କୁ ଜୁଆର ଲଗାଉଥିବା ଓ ହାରୁଥିବା ସମ୍ପର୍କରେ ଅନେକ ଖବର ମିଳୁଛି। ଅନେକ ସମୟରେ ଛୋଟ ଛୋଟ ପିଲାମାନେ ମଧ୍ୟ ଏହି ଜୁଆରେ ଫସିଯାଉଛନ୍ତି। ଯଦିଓ ଏହି ଖେଳ ପାଇଁ ଏକ ନିର୍ଦ୍ଧାରିତ ବୟସର ଯୁବ/ କିଶୋର ମାନଙ୍କୁ ଅନୁମତି ମିଳିଥାଏ କିନ୍ତୁ କେତେକ କ୍ଷେତ୍ରରେ ଏହାର ଉଲଂଘନ ମଧ୍ୟ ହେଉଛି। ଏହି ଖେଳ ଯୋଗୁଁ ଯୁବ/ କିଶୋରଙ୍କ ଧ୍ୟାନ ପାଠପଢ଼ାରୁ ହଟିଯାଇଥାଏ ଓ ସେମାନେ ଅନେକ ପ୍ରକାରର ଚିନ୍ତା ଓ ଚାପର ଶିକାର ହୋଇଥାନ୍ତି। ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି ଯେଉଁ ବୟସରେ ସେମାନେ ଏକ ଉତ୍ତମ ଜୀବନ ପାଇଁ ପ୍ରସ୍ତୁତ ହେବା କଥା ସେହି ସମୟକୁ ଜୀବନର ବରବାଦ ପାଇଁ ଲଗାଇ ଦେଉଛନ୍ତି, ଏ ପ୍ରସଙ୍ଗରେ ପରିବାରର ଲୋକେ ଜାଣିବା ପରେ ଯଦି କିଛି ଉପଦେଶ ଦିଅନ୍ତି ବା ଗାଳିଗୁଲଜ କରନ୍ତି ତେବେ ଜୁଆ ଖେଳୁଥିବା ଯୁବ/ କିଶୋର ମାନେ ଅଧିକ ଚାପଗ୍ରସ୍ତ ହୋଇ ପିତାମାତାଙ୍କୁ ପାଲଟା ଗାଳୁଗୁଲଜ କରୁଥିବା ବାବଦରେ ମଧ୍ୟ ଅନେକ କଥା ଶୁଣିବାକୁ ଓ ଜାଣିବାକୁ ମିଳୁଛି। ଏହି କାରଣରୁ ଅନେକ ପିତାମାତା ମଧ୍ୟ ଅସୁବିଧା ଭୋଗ କରୁଛନ୍ତି।

ଅନ୍‌ଲାଇନ୍‌ରେ ଏହି ଜୁଆ ଏବେ ଯୁବ/ କିଶୋର ମାନଙ୍କ ପାଇଁ ଏକ ନିଶା ପାଲଟିବାକୁ ବସିଲାଣି। ଏର୍ଣ୍ଣଷ୍ଟ ଆଣ୍ଡ ୟଙ୍ଗ ନ୍?ମକ ଏକ କନସଲଟାନସ ଫାର୍ମର ରିପୋର୍ଟ ଅନୁସାରେ ଆମ ଦେଶର ଲୋକେ ଦୈନିକ ପାଖାପାଖି ୫ଘଣ୍ଟା ମୋବାଥଲ ଫୋନର ବ୍ୟବହାର କରୁଛନ୍ତି। ରିପୋର୍ଟ ଅନୁସାରେ ୨୦୨୪ ରେ ଆମ ଦେଶର ଲୋକେ ୧.୧ ଲକ୍ଷ କୋଟି ଘଣ୍ଟା ଫୋନର ବ୍ୟବହାର କରିଛନ୍ତି। ୭୦ ପ୍ରତିଶତ ଲୋକ ସୋସିଆଲ ମିଡିଆ, ଭିଡିଓ ଏବଂ ଏହି ଜୁଆ ଖେଳ ପାଇଁ ଫୋନ ବ୍ୟବହାର କରିଛନ୍ତି। ତଥ୍ୟ ଅନୁସାରେ ପ୍ରତି ମାସରେ ପ୍ରତିବ୍ୟକ୍ତି ପାଖାପାଖି ୨୭ ଜିବିରୁ ଅଧିକ ଡାଟା (ଇଣ୍ଟରନେଟ) ବ୍ୟବହାର କରିଥାନ୍ତି। ଏହା ଏକ ବିଡ଼ମ୍ବନା ନୁହେଁକି? ଭାରତକୁ ଏକ ଯୁବ ଦେଶ ବୋଲି କୁହାଯାଉଛି। କିନ୍ତୁ ଯୁବ ବର୍ଗ କରୁଛନ୍ତି କ'ଣ? ସ୍ମାର୍ଟଫୋନରେ ରିଲସ୍ ଦେଖୁଛନ୍ତି ଜୁଆଖେଳୁଛନ୍ତି। କୁହାଯାଉଛି ଫୋନ ଯୁବବର୍ଗଙ୍କୁ ଖରାପ ରାସ୍ତାକୁ ଟାଣିନେଉଛି। ନୂଆ ପିଢ଼ୀ ଖରାପ ହେବାରେ ଲାଗିଛି। ଯୁବବର୍ଗ ବରବାଦ ର ରାସ୍ତାରେ। କିନ୍ତୁ ଏସବୁ କହିବା କହିବାରେ ରହିଯାଉଛି। ମୋବାଇଲର ବ୍ୟବହାର ବଢିବାରେ ଲାଗିଛି।

ଇଣ୍ଟରନେଟ ହେଉଛି ସୂଚନା ଏବଂ ତଥ୍ୟର ଅନ୍ତହୀନ ଭଣ୍ଡାର। ଏହି ଭଣ୍ଡାରରୁ ଶିକ୍ଷା, ଜ୍ଞାନକୌଶଳ, ଭାଷାଭଳି ଅନେକ ସକାରାତ୍ମକ ତଥ୍ୟ ବାବଦରେ ଜାଣିବା ପରିବର୍ତ୍ତେ ଜୁଆ ରପି ନିଶାରେ ନିଶାଗ୍ରସ୍ତ ଆଜିର ପିଢ଼ୀ। ଏ କଥା ମଧ୍ୟ ମନେରଖିବା ଉଚିତ୍ ଯେ ଇଣ୍ଟରନେଟରେ ଘଣ୍ଟା ଘଣ୍ଟା ସମୟ ବିତାଇବା କାରଣରୁ ଗେମିଙ୍ଗ କମ୍ପାନୀ ମାଲାମାଲ ହେଉଥିବା ବେଳେ ଜୁଆ ଖେଳୁଥିବା ଲୋକେ (ଯୁବ/କିଶୋର) ବ୍ୟାପକ ଅର୍ଥ ହରାଉଛନ୍ତି। ୨୦୧୪ରେ ୧.୧ ଲକ୍ଷକୋଟି ଘଣ୍ଟାର ମୋବାଇଲ ଫୋନ ବ୍ୟବହାର ହୋଇଛି ଓ ଡାଟା (ଇଣ୍ଟରନେଟ)ର ବ୍ୟବହାର ହୋଇଛି। ଏଥିରୁ ଗେମିଙ୍ଗ୍ କମ୍ପାନୀ ଏବଂ ମନୋରଞ୍ଜନ କମ୍ପାନୀ ଅଢ଼େଇ ଲକ୍ଷ କୋଟି ଟଙ୍କା ରୋଜଗାର କରିଛନ୍ତି। ଅର୍ଥାତ୍ ଗେମିଙ୍ଗ କମ୍ପାନୀ ମାନଙ୍କର ଦୁଇ ପ୍ରକାରର ଲାଭ ରହିଛି। ଜୁଆ ଖେଳରେ ଲୋକେ ହାରିବା ଯୋଗୁଁ ତାଙ୍କ ପାଖକୁ ସିଧାସଳଖ ଅର୍ଥ ଯାଇଥିବା ବେଳେ ଇଣ୍ଟରନେଟ ବ୍ୟବହାର ସୂତ୍ରରୁ ମଧ୍ୟ କୋଟି କୋଟି ଟଙ୍କା ପାଇଛନ୍ତି।

ଆମେ ବିଶ୍ୱର ସବୁଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ। ଦୁର୍ଭାଗ୍ୟ ଯେ ପ୍ରତିବର୍ଷ ଜିଡିପି ଏବଂ ଆୟ ମଧ୍ୟ ବଢୁନାହିଁ। କିନ୍ତୁ ଆମର ବଢ଼ୁଛି କ'ଣ? ହୁଏତ ଆମ ଅପେକ୍ଷା ଅନ୍ୟ ଦେଶର ଲୋକେ ଅଧିକ ସମୟ ଫୋନ ବ୍ୟବହାର କରୁଥାଇ ପାରନ୍ତି, କିନ୍ତୁ ଆମର ସେଥିରେ ଯାଏ ଆସେ କ'ଣ? ଆମେ ନିଜକୁ ନିଜେ ଦେଖିବା ଆବଶ୍ୟକ। ଟେକ୍ନୋଲୋଜି ଭଲ ଜିନିଷ, ଏହାକୁ ଆପଣେଇବା ଉଚିତ କିନ୍ତୁ ଏହାର ଠିକ୍ ଉପଯୋଗ କରାଯିବା ଆବଶ୍ୟକ। ଆମେ ଯଦି ସଚେତନ ନହେବା ତେବେ ଏହି ଜୁଆ ନିଶାରୁ ବର୍ତ୍ତିବା ଅସମ୍ଭବ। ଅନ୍ୟପକ୍ଷରେ ସରକାର ମଧ୍ୟ ଅନଲାଇନ୍ ଗେମିଙ୍ଗ କମ୍ପାନୀ ମାନଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନେବା ସହ ଏଭଳି ପ୍ଲାଟଫର୍ମ ଗୁଡିକୁ ସଂପୂର୍ଣ୍ଣ ବନ୍ଦ କରିବା ଦିଗରେ ପଦକ୍ଷେପ ନେବା ଆବଶ୍ୟକ।


+ରାମଚନ୍ଦ୍ରପୁର, ରଣପୁର

ମୋ :୯୪୩୮୪୮୫୦୯୪


# ସୁରକ୍ଷିତ ପୃଥିବୀ ପାଇଁ ଆହ୍ୱାନ

**ବିପିନ ବିହାରୀ ରାଉତ**

ପୃଥିବୀ ଆମର ମାଆ। ତାରି କୋଳରେ ଜନ୍ମ ନେଇ ତାରି କୋଳରେ ବଢ଼ି ଖେଳି ଆମେ ଜୀବନ ନିର୍ବାହ କରିଥାଉ। ଏହିଠାରେ ଆମର ଜନ୍ମ, ତାପରେ କର୍ମ ଏବଂ ତାପରେ ମୃତ୍ୟୁ। ଯେଉଁଠାରେ ଆମେ ଜନ୍ମ ହୋଇ ସମଗ୍ର ଜୀବନକୁ ଅତିବାହିତ କରି ଶେଷରେ ମୃତ୍ୟୁବରଣ କଲେ ତାହାର ସୁରକ୍ଷା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ପୃଥିବୀକୁ ସୁରକ୍ଷା କରିବା ଅର୍ଥ ଆମ ମାଆକୁ ସୁରକ୍ଷା କରିବା। ସୁରକ୍ଷିତ ପୃଥିବୀ ହିଁ ସୁସ୍ଥ ମାନବ ଜାତି ତଥା ସମଗ୍ର ଜୀବଜଗତ ପାଇଁ ଅତ୍ୟନ୍ତ ମଙ୍ଗଳପ୍ରଦ। ସମ୍ପ୍ରତି ବିଜ୍ଞାନର ସହଯୋଗ ମଣିଷର ଜୀବନଯାତ୍ରାକୁ ମଧୁମୟ କରିଛି। ସେଥିପାଇଁ ତ ମଣିଷ ସୁଖଶାନ୍ତିରେ ପୃଥିବୀରେ ବସବାସ କରୁଛି। ମାତ୍ର ସେ ଦେଇଛି କ'ଣ, ପୃଥିବୀକୁ ବରଂ ପ୍ରତି ବଦଳରେ ନିଜ ସୁଖ ସୁବିଧା ପାଇଁ ସେ ସୁନ୍ଦର ପ୍ରକୃତି ଉପରେ କରିଚାଲିଛି ଅକଥନୀୟ ଅତ୍ୟାଚାର। ଦିନକୁ ଦିନ ଗଛ କାଟୁଛି, ଜଙ୍ଗଲ ସଫା କରୁଛି। ସେଥିପାଇଁ ତାପମାତ୍ରା ବଢୁଛି। ଠିକ୍ ସମୟରେ ବର୍ଷା ହେଉନାହିଁ। ରୌଦ୍ରତାପର ଅସହ୍ୟ। ତା'ସାଙ୍ଗକୁ କଳକାରଖାନା ଯାନବାହନ ପାଇଁ ବହୁ ପରିମାଣରେ ବଢ଼ିଚାଲିଛି ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ଜଳ ପ୍ରଦୂଷଣ। ଫଳରେ ମନୁଷ୍ୟ ନିଜେ ହିଁ ବିବିଧ ସମସ୍ୟା ଏବଂ ନାନାବିଧ ସମସ୍ୟାର ସମ୍ମୁଖୀନ ହେଉଛି। ଏଥିପାଇଁ ବେଳ ହୁଁ ସଜାଗ ରହିବା ଏକାନ୍ତ ଆବଶ୍ୟକ। ସେଥିପାଇଁ ସଜାଗ ନହେଲେ ଖୁବ୍ କମ୍‌ଦିନ ମଧ୍ୟରେ ବିଶ୍ୱ ଧ୍ୱଂସ ପାଇବାଟା ହିଁ ସାରା ହେବ।

ବିଗତ କେତେବର୍ଷ ଧରି ଦ୍ରୁତ ପରିବର୍ତ୍ତନ ଅବସ୍ଥା ଦେଖି ବୁଦ୍ଧିଜୀବି ବୈଜ୍ଞାନିକ ଗୋଷ୍ଠୀ ବିଶ୍ୱନେତାମାନଙ୍କୁ ଏଭଳି ସମସ୍ୟାରୁ ମୁକୁଳିବା ପାଇଁ ଆହ୍ୱାନ ଦେଇଆସିଛନ୍ତି । ମାତ୍ର ଉଦ୍‌ବେଗର ବିଷୟ ହେଉଛି ବହୁ ଆଲୋଚନା, ପର୍ଯ୍ୟାଲୋଚନା ପରେ ମଧ୍ୟ ଏ ଦିଗରେ ଆଜିଯାଏ ଆବଶ୍ୟକ କର୍ଯ୍ୟ କରାଯାଇପାରିନାହିଁ । ଅବସ୍ଥା କ୍ରମେ ଅଣାୟତ୍ତ ସ୍ଥିତି ଆଡ଼େ ମୁହାଁଇଛି । ଆଜିଯାଏଁ ପୃଥିବୀପୃଷ୍ଠର କୋଟି କୋଟି ସାଧାରଣ ଜନତା ପାଣିପାଗ ପରିବର୍ତ୍ତନ କ'ଣ ଓ ଏହା କାହିଁକି ଘଟୁଛି ସେ ସମ୍ପର୍କରେ ହୁଏତ ଜାଣିନାହାନ୍ତି । ଅବଶ୍ୟ ଏମାନଙ୍କ ମଧ୍ୟରୁ ଶତକଡ଼ା ୧୦/୯୦ ଭାଗ ଲୋକଙ୍କ ପାଇଁ ପାଣିପାଗରେ ପରିବର୍ତ୍ତନ ଘଟୁନାହିଁ । ଯେଉଁମାନଙ୍କ ପାଇଁ ପୃଥିବୀପୃଷ୍ଠରେ ଅଧିକାଂଶ ବିଭ୍ରାଟ ଘଟୁଛି ସେମାନେ ହିଁ ବୁଦ୍ଧିଜୀବୀ, ଶିକ୍ଷିତ । ଅବସ୍ଥା ଲାଗୁ କରାଗଲେ ଯେଉଁ କେତେକ ଅସୁବିଧା ଦେଖାଦେବ ସେଭଳି ଅବସ୍ଥାର ସମ୍ମୁଖୀନ ହେବା ପାଇଁ ବୋଧହୁଏ ଏହି ବୁଦ୍ଧିଜିବୀ ଲୋକମାନେ ରାଜି ନୁହନ୍ତି । ଏହି କମ୍ ସଂଖ୍ୟକ ଲୋକ ନିଜର ବିଳାସବ୍ୟସନ ପାଇଁ କେବଳ ଯେ ପୃଥିବୀପୃଷ୍ଠର ସମ୍ବଳକୁ ବେପରୁଆ ଭାବେ ବ୍ୟବହାର କରୁଛନ୍ତି ତାହା ନୁହେଁ, ପରନ୍ତି ନିଜର ସୁଖସୁବିଧା, ବିଳାସବ୍ୟସନ ପାଇଁ ପ୍ରାକୃତିକ ସମ୍ପଦର ଅତ୍ୟଧିକ ବିନିଯୋଗ କରିବା ସହିତ ପ୍ରକୃତି ଉପରେ ଅତ୍ୟାଚାର ଚଳାଇଛନ୍ତି ।

ଯଥାର୍ଥରେ ବିଶ୍ୱ ପାଣିପାଗ ସମ୍ମିଳନୀରେ ନିକଟରେ ମୁନ୍ ଅଭିଭାଷଣ ଦେଇ ଯେଉଁ ସତର୍କ ସୂଚନା ପୃଥିବୀବାସୀଙ୍କ ପାଇଁ ଦେଇଯାଇଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କୁହାଯାଇଛି ଏବେ ପାଣିପାଗରେ ଦ୍ରୁତ ପରିବର୍ତ୍ତନ ପାଇଁ ହିଁ ସବୁପ୍ରକାର ଅଘଟଣ ଘଟିବା ଆରମ୍ଭ ହୋଇଛି । ସମୁଦ୍ର ଓ ସ୍ଥଳଭାଗରେ ବାତ୍ୟା, ଘୂର୍ଣ୍ଣିବାତ୍ୟା ସଂଖ୍ୟା ବଢ଼ିଛି । ଅନିୟମିତ ବର୍ଷା ଏକ ସାଧାରଣ କଥା ହୋଇଥିବାବେଳେ ମରୁଡ଼ି, ପ୍ରବଳ ବନ୍ୟା ତଥା ଅତି ବର୍ଷା ମଧ୍ୟ ପାଣିପାଗ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି ପାଇଁ ଘଟୁଛି ବୋଲି ସୂଚନା ମିଳିଲାଣି ।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)


## କବିତା କୋଣାର୍କ

### ଶବ୍ଦକୋଷରେ ଶବ୍ଦର ଅଭାବ

**ନିରଞ୍ଜନ ସାହୁ**

ଶବ୍ଦକୋଷରେ ଶବ୍ଦର ଅଭାବ
ଆହୁରି ଶବ୍ଦ ଯେ ଲୋଡ଼ା
କେମିତି ଲେଖିବି ପ୍ରଣୟ କବିତା
ଯତିପାତ ହେବ ଯୋଡ଼ା ।

ଏମିତି କେମିତି ରୂପ ସମ୍ଭାରରେ
ତୁମେ ହୋଇଅଛ ଗଢ଼ା
ତୁମରି ରୂପକୁ ବର୍ଣ୍ଣନା କରିବି
ନାହିଁ ତ ମୋହରି ପଢ଼ା
ଏମିତି ସେମିତି ଲେଖିଦେବି ଯଦି
ଖାଇବି ମୁଁ କାନମୋଡ଼ା ।

ଯେତେଯେତେ ଶବ୍ଦ
ସଂଯୋଜନା କରେ
ତଥାପି ନିଅଣ୍ଟ ପଡ଼େ
ଉପଯୁକ୍ତ ଶବ୍ଦ ଖୋଜି ପାଏନାହିଁ
କଲମ ମୋ ତଳେ ଗଡ଼େ
ଶବ୍ଦ ସନ୍ଧାନରେ ବାହାରେ ଚଢ଼ି ମୁଁ
ମୋ ମନପବନ ଘୋଡା ।

ମିଳିଯାଆନ୍ତା କି ମୋ ପସନ୍ଦ ଶବ୍ଦ
କବିତା ହୁଅନ୍ତା ଲେଖା
କବିତା ନାୟିକା ସାଜିଥାନ୍ତ ତୁମେ
ମୋ ସାଥେ କରନ୍ତ ଦେଖା
ତୁମରି ହାତକୁ ବଢ଼ାଇ ଦିଅନ୍ତି
ଶରଧାରେ ଫୁଲତୋଡ଼ା ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ :- ୯୯୩୮୭୪୧୫୮୩


### ସହି ମୁଁ ପାରୁନି

**ଜୟନ୍ତ କୁମାର ମଲ୍ଲିକ୍**

ସହି ମୁଁ ପାରୁନି ବିରହ ବେଦନା
ଛାତି ମୋ ଯାଉଛି ଫାଟି -
କହିବାକୁ ଅଛି କେତେ କଥା ପ୍ରିୟା
ଫିଟାଇ ପାରୁନି ପାଟି,
ଇଚ୍ଛା ଥିଲେ ମଧ ଯାଇ ମୁଁ ପାରୁନି
ରହିଛି ଅନେକ ବାଧା -
କଳି କାଳର ମୁଁ ଅସହାୟ କୃଷ୍ଣ
ତମେ ନିରିମାଖି ରାଧା,
ଛାତି ତଳେ କାନ୍ଦେ କେତେ ଅବସୋସ
ଝରିଯାଏ ଆଶା ଫୁଲ -
ରାଗ ଅଭିମାନ ହୋଇ ଏକାକାର
ପାଲଟନ୍ତି ନିଆଁ ଝୁଲ,
ତୁମ ବିନା ଏଠି ଅଶାନ୍ତି ଭିତରେ
କରୁଅଛି ମୁହିଁ ଗତି -
ହେଇ ପାରୁ ନାହିଁ ସଫଳ ପ୍ରେମିକ
ଅବା ମୁଁ ସଫଳ ପତି।


+ଶୂରଡିହ,ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ:୯୪୩୭୮୬୫୭୨୭


### ବସନ୍ତ ପାଇଁ ଏକ ଉଚ୍ଛ୍ୱାସ

**ରଶ୍ମିତା ମହାପାତ୍ର**



ଏଇ ବସନ୍ତରେ
ଶିଶିର ନରମ ଛୁଆଁ ବଉଳକୁ
ଯେତେ ମହକାଏ
ସପନ ମୋ ସେତେ ବେଶୀ ଥୋପା
ଥୋପା ଫଗୁ ଅବିରରେ
ନାନା ଭାବେ
ବିହ୍ୱଳର ଚିତା ଆଙ୍କୁଥାଏ ।

ତାରା ଫୁଲ ଆକାଶେ ଫୁଟିଲେ
ଏଇ ମନେ ମହକ ତାହାର
ଏକାନ୍ତର ମୁଗ୍ଧ ଅନୁଭବେ
ଯେତେ ଯେତେ ମଗ୍ନ ହୁଏ
ସିନ୍ଦୁରା ଫାଟିଲେ ,
ସେତେ ସେତେ ଏଇ ଋତୁ ରାଜ
ହୃଦୟର ସ୍ପନ୍ଦନକୁ
ନରମ ଓ ନିବିଡ଼ ର ଅସ୍ପଶେ
ସାରାଂଶର ଲୟ ଖୋଜି
ସମୟର ସ୍ୱର ଶୁଣୁ ଥାଏ ।

ଦେହ ସେଠି ଭିଜିଗଲେ ମିଠା ମିଠା
ଅନୁରାଗେ ଦରଦର ଶିଶିର ଟୋପାରେ
ଅଭୁଲା ସେ ଅନୁଭବ ଶୀତଳ ଛୁଆଁକୁ,
ଏ ବସନ୍ତ ପୁଲକର ସ୍ପର୍ଶେ
ସିକ୍ତ କରୁଥାଏ ସେହି ସବୁ ପାହାନ୍ତି
ରାତିରେ ।

ମାଟିର ମହକ ଅବା ନନ୍ଦନ ସେ ସୁଖ
ଅକୁହା ଭାବରେ କହି
ହେଉଥିବା ଲକ୍ଷ୍ୟ,
ଏଇ ବସନ୍ତରେ
ମିଳନର ମଧୁଗିତୀ ମଧୁରାତି ହୋଇ
କେବେ ସିଏ ସ୍ମୃତି ହୋଇଯିବ,
ଅସହଣୀ ରୋମନ୍ଥନ ତା'ର
ନୂଆ ରୂପ, ନୂଆ କଳ୍ପେ
ଯାହା କେବେ ହୁଏନି ବିଷାଦ
ଅସରନ୍ତି କ୍ରମିକର
ଧାରା ହୋଇ ଆଉ ଏକ ଅଧ୍ୟାୟର ପୃଷ୍ଠା
ସାଜୁଥିବ ।

ସପନ ଭାଙ୍ଗିଲେ ଭିଜେ
ସାରା ଦେହ
ସ୍ପନ୍ଦନକୁ ଦୃତତର କରି,
ଆକାଶର ତାରା ଫୁଲ
ଏ ଆଖି ପରିସୀମାରୁ ଗଲେ ଅପସରି ,
ସମୟର ଯେତେ ସବୁ ଦନ୍ତୁରିତ ପଥ
ଲଙ୍ଘିବାର ଉପକ୍ରମ ସଜାଡୁ ସଜାଡୁ
ଏଇ ବସନ୍ତରେ
ଆମନ୍ତ୍ରିବା ସବୁବେଳେ
ସୁଖ ଦୁଃଖ,ଭଲ ମନ୍ଦେ
ସଦା ବ୍ୟବସ୍ଥିତ ।

ସତରେ,
ଏଇ ବସନ୍ତ ଶେଷରେ
ପ୍ରଖରର ଖରାବେଳେ ଦିଏ ଯେତେ
ନିଷ୍ଠୁରକୁ ସ୍ୱରୂପରେ ତା'ର
ବିଭଙ୍ଗର ସମୀକରଣରେ ଆହୁରି
ଅବୁଝା ଲାଗେ
ସରଳେ ବୁଝି ଯିବାକୁ ସେ ସବୁ ରମ୍ୟ
ପ୍ରତିତ୍ୟର ।


+ଅଧ୍ୟାପିକା ଓଡ଼ିଆ ଭାଷା ଓ ସାହିତ୍ୟ
ବିଭାଗ, ନୀଳମଣି ମହାବିଦ୍ୟାଳୟ
ରୁପ୍ସା, ବାଲେଶ୍ୱର

## ଅଶୁଖା ଘାଆ

### ରତ୍ନାକର ରାଉତ



ସେ ଝିଅ ହେଉ କିବା ବୋହୂ
ଯୁବତୀ ହେଉ ଅବା ପ୍ରୌଢ଼ା
ସଭିଙ୍କର ଥାଏ ବାଘକୁ ଡର ।
ନ ଡରିବେ, କେମିତି ?
ନାରୀ ତ' ନାରୀ
ତାଙ୍କ ନିଆରା ବାସ୍ନା
ବାରି ପାରନ୍ତି ବାଘ,
ରଂଗ, ରୂପରେ ମତୁଆଲା ହୁଅନ୍ତି ।
ତେଣୁ ବାଘଠୁ ସୁରକ୍ଷିତ
ଦୂରତାରେ ରହନ୍ତି ସଭିଏଁ ।

ବେଳେବେଳେ ନ ଭାବିଥିବା
ଘଟଣା ଚକିତ କରେ ।

ବାଘମାନେ ବହୁରୂପୀ,
ଏଣ୍ଡୁଅ ପରି ବେଶ ବଦଳାନ୍ତି ।
ଏକାନ୍ତରେ ନାରୀଟିଏ ଥିଲେ
ଠେକୁଆ, ମେଷଛୁଆ, ଗଧିଆ,
ମିରିଗ ଏମାନେ ସବୁ ବାଘ ରୂପଧରି
ଝାମ୍ପି ପଡ଼ନ୍ତି ବେଳ ଉଣ୍ଡି ।
ନାରୀ କେମିତି ବିଶ୍ରାମ କରନ୍ତି।
ଏତେ ନିରୀହ ଏମାନେ ସବୁ
ହିଂସ୍ର ଜାନୁଆର ବାଘ ହୋଇପାରନ୍ତି ?

ନାରୀର ନଖ ଓ ଦାନ୍ତ ବି'
କମ୍ ଶକ୍ତି ନୁହେଁ ।
ଏ ସଂପର୍କରେ ସଠିକ୍ ଧାରଣା ନଥାଏ
ଅନେକଙ୍କର ।
ମାତ୍ର ଥରେ ଯିଏ ସେ ଆଞ୍ଚୁଡ଼ା ଖାଏ,
ସାରା ଜୀବନ ସେ ଅଶୁଖା ଘାଆ
ଓ ତା'ର ଅକୁହା ପୀଡ଼ାର
ବୋଝ ବୋହି ଚାଲେ ।

ପରେ ଦଲାଲ ହେଉ ପଛେ,
କିଏ ଜଣେ, ବକିରି କେତେବେଳେ
ବାଘ ରୂପ ଧରିବ,
ତେଣୁ ସାଧୁ ସାବଧାନ ।
ବେଳ ହୁଁ ଭଲକି ବାଡ଼
ଘେରିଦେବା ମଙ୍ଗଳ ।


+ ଭୁବନେଶ୍ୱର


## କାଲିର ସ୍ନିଗଧ ସକାଳ

### ସୁଜିତ୍ କୁମାର ମିଶ୍ର



କେତେଜନମର ତପୋବଳେ କୋଳେ
ପାଦଥାପେ କନ୍ୟା ରତ୍ନ,
ଆକାଶକୁ ଛୁଏଁ ଅନନ୍ୟ ଉଡାଣେ ତାର
କଲେ କୋଟିଯତ୍ନ ।
କୋମଳ କୁସୁମ ମରତରେ ସିଏ ମହ ମହ
ତାର ବାସ,
ଅସରନ୍ତି ଆଶା ଅଗଣାର ଭାଷା
ଦିବ୍ୟଜ୍ୟୋତି ପରକାଶ ।

ସିଏ ଲୋଡେ ସ୍ନେହ ମମତାର ଝର
ଅସରନ୍ତି ଦିନରାତି,
ମିଳିଲେ ବଦନ ସଜଫୁଟା ଫୁଲ
ନମିଳିଲେ ରଷି ଦୁଖୀଃ ।
ଅବୋଧଶିଶୁ ସେ ଅବାଧ ହୋଇଲେ
ହୋଇଯିବା ଆମେ ଶିଶୁ,
ଲୁହ ଧାର ଧାର ସହସା ଶୁଖିବ ଧିରେ
ହସ ଫୁଟି ମୁଖୁ ।

ତାର ହାତ ଧରି ଚାଲୁଥିବା ନିତି ନଷ୍ଟଭ୍ରଷ୍ଟ
ସମାଜରେ,
ତା ଆଖିର ଆମେ ରୋଷଣୀ ହୋଇବା
ସାଜି ସୂର୍ଯ୍ୟ ସରାଗରେ ।
ସିଏ ହେବ କାଲି କଳ୍ପନା ଇନ୍ଦିରା,
ଆରତୀ, ବିଜୟ ଲକ୍ଷ୍ମୀ,
ଉଡାଇବା ଥୟ ବୈଜୟନ୍ତୀ ଧ୍ୱଜା ବିତରି
ତା ଜ୍ଞାନରଶ୍ମି ।

କନ୍ୟାଟି କାଲିର ସ୍ନିଗଧ ସକାଳ ମନା ତାକୁ
ଅଣଦେଖା,
ଲୁହକୋଠରୀରେ ଲକ୍ଷ୍ମୀ ପୁରାଣ ସେ
ମରତର ସୂର୍ଯ୍ୟଶିଖା ।


+ ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ:୭୬୮୩୮୬୭୭୪୨




ଓଡ଼ିଆ କାବ୍ୟର ତପୋଭୂମିରେ ପଦ୍ମଭୂଷଣ ରମାକାନ୍ତ ରଥଙ୍କ 'ଶ୍ରୀରାଧା'... ବିରହର ମାର୍ମିକ ମର୍ମର ସୃଷ୍ଟି କରିଥିବା ଏକ ଚିର ଅମ୍ଳାନ ସଫଳ ସାରସ୍ୱତ ପ୍ରୟାସ ...ଯାହା ପାଠକର ହୃଦୟକୁ ଆଚ୍ଛନ୍ନ କରିରଖେ, ମନକୁ ଶ୍ରୀରାଧାମୟ କରିଦିଏ, ପ୍ରେମକୁ ତ୍ୟାଗଝରା ନିର୍ଝରଟିଏ କରି ବୁହାଇଆଣେ ଉଷର ଛାତିକୁ, ବୁନ୍ଦା ବୁନ୍ଦା ବିରହର ଅମୃତରସରେ ସିଞ୍ଚିତ କରିବାକୁ... ତାଙ୍କରି ଅମ୍ଳାନ ସ୍ମୃତିରେ ସମର୍ପଣ କରୁଚି, ତାଙ୍କରି ଧାରାର ଏ- 'ଶ୍ରୀରାଧାଙ୍କ ବିରହ ସ୍ୱର' ...

## ଶ୍ରୀରାଧାଙ୍କ ବିରହ ସ୍ୱର (୪)

### ଲକ୍ଷ୍ମୀଧର ନାୟକ ଆଦିସ୍ୟ



ହେ କୃଷ୍ଣ !

ବୃନ୍ଦାବନ ରାସ- କୁଞ୍ଜ ଲତା ଯେତେ
ଫୁଲହରା ବାସହରା
ଯମୁନା ତରଙ୍ଗ ନୀପ ତରୁ ଭୃଙ୍ଗ
ନିଶ୍ଚୁପ ଚକିତ ପରା !
ଭାବନ୍ତି, କେମିତି ହେଲା...!!!
ଶ୍ରୀରାଧା ସୁନ୍ଦରୀ କେଉଁ ଦୋଷ ଯୋଗୁଁ
ଶ୍ରୀକୃଷ୍ଣ ମୁରୁଛି ଦେଲା ???
ପଚାରନ୍ତି ଯିଏ ଯେତେ...
ନିଜ ଦୋଷ ନିଜ ଛାତିରେ ଖୋଜେ ମୁଁ
କା' କଥା ଶୁଣିବି କେତେ ?..। ୧୩ ।..

ରତ୍ନାବଳୀ ପୁରେ ରାତି ପୁହାଇଲ
ଅଭିସାରିକା ମୁଁ ଥିଲି
ନିଶି ଉଜାଗରେ କେତେ ମୁଁ ଝୁରିଲି
ଅଭିମାନେ ଜଳିଗଲି।
ସେହି ପାଇଁ ଆର ଦିନେ...
ରୋଷଭରେ ପ୍ରିୟ ଦେଖା ମୁଁ ଦେଲିନି
ରହିଲି କୋପ ଭବନେ ।
କେତେ ହେଲ ନିଉଛାଳି...
ଦେଖା ତ ଦେଲିନି କଥା ବି ହେଲିନି
ଅପମାନେ ଗଲ ଚାଲି ..। ୧୪ ।..

ମାନ ଭଞ୍ଜନକୁ ଶ୍ରେଷ୍ଠ ମଣିଥିଲ
ନାପିତୁଣୀ ସାଜି ଦିନେ
ଆଲକ୍ତ କରିଲ ମୋ ପାଦ ଯୁଗଳ
ସତ ନାପିତୁଣୀ ଯେହ୍ନେ !

ଧରିଥିଲ ଯେଣୁ ପାଦ...
ନଜାଣି ହେ ପ୍ରିୟ ! ଅର୍ଜିଥିଲି ସିନା
ଏଡ଼େ ବଡ଼ ପରମାଦ !
ସେଇ ଅପରାଧ ପାଇଁ...
ମଥୁରା ପୁରକୁ ଚାଲିଗଲ ପ୍ରିୟ
ଦର୍ଶନ ବି ଦେଲ ନାହିଁ ?..। ୧୫ ।..

ପତଙ୍ଗ ମରଇ ପ୍ରଦୀପ ପ୍ରେମରେ
ଭ୍ରମର ମରେ ପଦ୍ମରେ
ହରିଣୀ ମରଇ ବୀଣା-ପ୍ରେମ-ସ୍ୱନେ
ବ୍ୟାଧର ତୀକ୍ଷ୍ଣ ତୀରରେ ।
ମୁଁ ତୁମକୁ ପ୍ରେମ କରି...
ମରିନାହିଁ ସିନା ସବୁ ବୃତ୍ତି ମାରି
ଜଳୁଚି ସଳିତା ପରି !
ମରିବା ବାଟଟି କୁହ...
ଯେଉଁ ମରଣରେ ମୋ ମନ ତୁମଠି
ତା ସାଥେ ରହିବ ଦେହ....। ୧୬ ।..

(ଆର ଥରକୁ)


+ ସାହିତ୍ୟ ସାରାକାଳ,
ବ୍ରହ୍ମ ଆଳୟ ନିତ୍ୟ ନିଳୟ, ଦେଉଳସାହି,
ଓଲାଭର, କେନ୍ଦ୍ରାପଡା-୭୫୪୨୨୭
(ମୋ) ୬୩୭୧୩୮୯୮୭୧


## ଚଞ୍ଚକତା

### ଅଧ୍ୟାପକ ଶ୍ରୀ ଶରତ କୁମାର ଦାସ



କେହି କିଛି ଜାଣିବା ପୂର୍ବରୁ
ଚାଲିଯାଅ ଏ ମଞ୍ଚ ଛାଡ଼ି ଧୀରେଧୀରେ
ଲିଭାଇଦିଅ ହୁତୁହୁତୁ ଜଳୁଥିବା
ତମ ଅହଙ୍କାରର ନଗ୍ନ ବହ୍ନିଶିଖା ।

ବନ୍ଦକର ତମ ଅଙ୍ଗୀକାରହୀନ
ଅସ୍ପଷ୍ଟ ଆଳାପ
ବନ୍ଦକର ତମ ଆସ୍ପର୍ଦ୍ଧାର ନଭଶ୍ଚୁମ୍ବୀ ଦିଗ ।

ରାତିର ଅନ୍ଧାରୀ ଗର୍ଭରେ
ଫିଙ୍ଗିଦିଅ ତମେ ଅର୍ଜିଥିବା ଯେତେସବୁ
ତମ ମିଛ କୃତିତ୍ୱର ଫାଙ୍କା ଉପଢ଼ୌକନ ।

ପୋଛିଦିଅ ତମ ଦେହରେ
ନେସିହୋଇରହିଥିବା ଯେତେସବୁ
ରିକ୍ତ ଓ ଶୀର୍ଣ୍ଣ ବିଶେଷଣର
ଅର୍ଥହୀନ ଆବରଣ
ଆଉ ମଧ୍ୟ ଓହ୍ଲାଇଦିଅ

କାନ୍ଥରେ ଲଟକିଥିବା ବୁଢ଼ିଆଣୀ ବସାଭଳି
ତମ ତଥାକଥିତ ଅସ୍ମିତାର ଆଙ୍ଗିକ ଆଭରଣ।

ପାରୁଛ ଯଦି ସଯତ୍ନେ
ବାନ୍ଧିରଖ ପୁଞ୍ଜିକରି ପିନ୍ଧିଥିବା ଦରବାରେ
ତମ ନିରବଚ୍ଛିନ୍ନ ନିରାସକ୍ତ ଦୌଡ଼ର
ଶ୍ରଦ୍ଧାଶୀଳ ଆତ୍ମିକ ଉଚ୍ଚାରଣ।
ସଜାଡ଼ି ରଖ ପ୍ରୀତିସିକ୍ତ ଆଶ୍ଳେଷର
କୋମଳ ଅନୁରାଗ
ଆଉ ମୂଲ୍ୟବୋଧର ଗୈରିକ ଗୋପନାଂଶ ।

ଦେଖିବ ପାହିଯିବ ଅସତ୍ୟର କାଳରାତି
ଝଲସିଉଠିବ ଶୁଭ୍ର ଚେତନାର
ଦିଗନ୍ତ ବିସ୍ତାରି ସବୁଜିମା ।

ମାଟିକୁ ଛୁଇଁବ ଆପେଆପେ
କେଉଁ ଏକ ମହାସଂକଳ୍ପର
ନୈସର୍ଗିକ ବର୍ଣ୍ଣବିଭା
ପଲ୍ଲବିତ ହେବ ବିଶ୍ୱାସର ବଟବୃକ୍ଷ
ଚିତ୍ରିତ ହେବ ଭାବନାର ବର୍ଣ୍ଣବୋଧ
ମହାସମ୍ମୋହନର ମହାପାର୍ବଣରେ ।

ଫୁଲରୁ ଝରିବ ପରାଗ ପୁନଶ୍ଚ
ମେଘରୁ ଖସିବ ମହ୍ଲାର
ଛଳନାର ବିଷଜ୍ୱାଳା ପ୍ରଶମିତ ହେବ କ୍ରମଶଃ
ଅପସରିଯିବ ଚଞ୍ଚକତା ଯେତେ
ନୂଆ ସକାଳର ସଫେଦ ଆଲୋକରେ ।


+ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ପ୍ରେମିକଶ୍ରେଷ୍ଠ-୩

### ରାଧାମୋହନ ପାଣିଗ୍ରାହୀ



ଛାଇ ଛାଇ ନିଦରୁ ଉଠି
ହୋଇଛି ବିଭୋର
ଧୀରେ ଆସି କାଳେ ବସିଥିବ ମୋ ସଙ୍ଗରେ
ନିଜର ବୋଲି ଭାରି ଗୋଟେ ଆସକ୍ତି
ଆସିଥିବ
ଅଥଚ ଆଖି ମଳି ଖୋଲିବା ପରେ
ସ୍ୱପ୍ନ ପରି ଯେତେକ କଳ୍ପନାର ଅନ୍ତ
ଏମିତି ଅନେକ ଥର ଘଟିଛି।

ଆସନା ଆସନା ବୋଲି
ନେହୁରା ହୋଇ କେତେ ଥର କହିଛି,

ଧରା ପଡ଼ି ଲୋକ ହସା ହୋଇଛି
ଟୋପେ ପାଣିରେ ଟଳମଳ ପଦ୍ମ ପତ୍ର ପରି
ପ୍ରେମକୁ ସାଥି କରି ଗୋପପୁରେ
ଅନେକ ଲାଞ୍ଛନା ବି ସହିଛି
ଏବେ କିନ୍ତୁ ଭାରି ଯନ୍ତ୍ରଣାପୂର୍ଣ୍ଣ ଏ ନିସଙ୍ଗତା
ନଦୀର ଧାର ପରି ଆଖିରୁ ଗଡୁଥିବା ଲୁହକୁ

ଆଉ ଜମାରୁ ଅଟକାଇ ପାରୁନି।

ମନ ଯମୁନା ପରି ଉଛୁଳି ଚାଲିଛି ଯେ ଚାଲିଛି
ବଂଶୀ ସ୍ୱନରେ ଆନମନା ହେବା ପାଇଁ
ନା ଅଛି ବଇଁଶୀ ନା ଅଛ ତୁମେ
କଥା ଦେଇ ଏଯାବତ୍ ତୁମେ ତ ଫେରିନ
ଫେରିନି ବି ତୁମ ସେଇ ବଇଁଶୀର ସ୍ୱନ।
ଆହା !! କେତେ ଭାଗ୍ୟ ସେ ବଂଶୀର
ନିକଟରେ ଅଛି ବୋଲି କେତେ ଯେ ସ୍ୱତନ୍ତ୍ର
ଭାରି ଈର୍ଷା ଲାଗେ
ସେଇ ବଇଂଶୀର ରନ୍ଧ୍ର
ତୁମ ଓଠ ସ୍ପର୍ଶ କରି ପାଏ ବୋଲି ଆନନ୍ଦ।


+ ଗ୍ରାମ-ପଦ୍ମପୁର,ଜିଲ୍ଲା-ରାୟଗଡ଼
ମୋ - ୭୨୦୫୧୨୬୯୫୧


## ଶତାବ୍ଦୀର ସୂର୍ଯ୍ୟ

### ଜୟଶ୍ରୀ ପଟ୍ଟନାୟକ



ସ୍ୱାଭିମାନର ପାହାଚେ ବସି ଜାତିର ଉନ୍ନତି ଲାଗି
କୋଟି ଓଡ଼ିଆଙ୍କ ହୃଦୟରେ ଜାତିପ୍ରାଣ ଦେଲ ଜାଗି
ବ୍ୟାକୁଳିତ ହୃଦ ଆକୁଳିତ ଚିତ୍ତ ଖୋଜୁଥିଲା ତ ଏକତା
ପରର ଆଶ୍ରିତରେ ବଞ୍ଚିବା ନଥିଲା ତାଙ୍କର ଚିନ୍ତା।

ଉଠରେ ଉଠରେ ଉତ୍କଳ ଦାୟାଦ ନିଦ୍ରା ତେଜି ଉଠ ଜାଗି
ଓଡ଼ିଆ ଜାତିର କୋଠ ସମ୍ପତ୍ତିକୁ ଦିଅନାହିଁ ଆନେ ଭୋଗୀ
ଦେଶପ୍ରେମ ହେଉ ମାନବର ଲକ୍ଷ୍ୟ ଜାତିପ୍ରେମ ତ ସଂକଳ୍ପ
ପତିତ ଉଦ୍ଧାର ପାଇଁ ତୁମ ପ୍ରାଣ ସହୁଥାଉ କଷ୍ଟ ଅଳ୍ପ।

ଜାତି ଇତିହାସ ନ ହୁଏ ସମ୍ଭବ ସ୍ୱାର୍ଥପର ହେଲେ ଜନ
ମା ମାଟି ପାଇଁ ଗର୍ବ ଗଉରବେ କାନ୍ଦି ଉଠୁ ତୋ ପ୍ରାଣ
ଏଇ ମୋ ଭୂଖଣ୍ଡ ଉତ୍କଳ ଜାତିର ରଖୁଥିବ ତାର ଟେକ
ସୂର୍ଯ୍ୟ ଅସ୍ତ ହେବ ନାହିଁ କେବେ ଯେବେ ସବୁ ହୋଇଥିବ ଏକ ।

ଖୋସାମତିଆ କି ହୋଇ ଗଡାଣିଆ ଆଣିନାହିଁ ସ୍ୱାଧୀନତା
ଜାତି କର୍ମ ବୀର ଧରି ଧର୍ମଦଣ୍ଡ ରଖିଥିଲି ମନୁଷ୍ୟତା
ଜଗତର ନାଥ ପ୍ରଭୁ ଜଗନ୍ନାଥ କୋଟି ଓଡ଼ିଆର ପ୍ରାଣ
ପୂଜୁଥିଲେ ତାଙ୍କୁ ଘୁଞ୍ଚିବ ଅନ୍ଧାର ଦିଶିବ ନବଜୀବନ।

ମା ମାଟି ପାଇଁ ରଖିବ ମମତା ସ୍ୱାର୍ଥ ଭାବ ଭୁଲିଯାଇ
ଶେଷ ପ୍ରାଣବିନ୍ଦୁ ମିଶାଉଥିବ ଏ ଜାତି ମୁକତି ପାଇଁ
ଚିନ୍‌ହା ମୁହଁ ଯେତେ ଅଚିହ୍ନା ନ ସାଜୁ ଜାତି ଧର୍ମ ଭେଦ ନାମେ
ସଭିଏଁ ଏକାଠି ହୋଇଥିଲେ ନର ନଥିବ ଦୁଃଖ ତ ଭୂମେ।

ଓଡ଼ିଆ ମନରେ ଜାତୀୟତା ଭାବ ଗଢିଥିଲେ ମଧୁ କାମେ
ଜାତୀୟ ଚେତନା ଜାଗରଣ ପାଇଁ ଆଜି ସ୍ମରୁ ତାଙ୍କୁ ଆମେ
ଜନ୍ମ ଜୟନ୍ତୀରେ ଶ୍ରଦ୍ଧା ସୁମନକୁ ଅରପିବା ଚରଣରେ
ଓଡିଶା ଗଠନ ପାଇଁ ମଧୁବାବୁ ଅମ୍ଳାନ ଥିବେ ମାଟିରେ ।


+ ଗଙ୍ଗ ନଗର ଛକ, ଭୁବନେଶ୍ୱର-୭
(ମୋ) ୭୯୭୮୧୧୦୪୭୪


## କବିତା ପାଇଁ କବିତାଟିଏ

### ପୂଜା ସା



ହେ ମୋର ପ୍ରିୟର କବିତା
ଆଚ୍ଛା କହିଲୁ ତୋ ବିନା
କଣ ମୁଁ ବଞ୍ଚି ପାରିବି ?
ପ୍ରତି ମୁହୂର୍ତ୍ତରେ ତୋ ଭିତରେ
ନିଜକୁ ମୁଁ ହଜେଇ ଦେଇଛି
ତୋତେ ପାଇ ମୁଁ ପାଇଛି କେତେ
ଆନନ୍ଦ ଆଉ କେତେ ଖୁସି
ତୁ ହିଁ ମୋର ଆରମ୍ଭ ଆଉ
ତୁ ହିଁ ମୋର ଶେଷ
ତୁ ହିଁ ମୋର ଆଖିର ପଲକ

ଆଉ ତୁ ହିଁ ମୋର ହୃଦୟର ସ୍ପନ୍ଦନ
ତୋତେ ଲେଖି ଯେଉଁ ଖୁସି ମିଳେ
ପ୍ରକୃତରେ ସେହି ଖୁସି ଅବର୍ଣ୍ଣନୀୟ
ସତରେ ତୋର ଆଗମନ ହିଁ ମୋତେ
ଦେଇଛି ଦୁଃଖରେ ସାହାରା
ତୋ ଭାବନା ମୋତେ ଦେଇଛି

ଆଗକୁ ବଢିବାର ପ୍ରେରଣା
ତୋର ପ୍ରେରଣା ମୋତେ ଶିଖେଇଛି
ଜୀବନର ପ୍ରକୃତ ସଂଜ୍ଞା
କହ ତୋ ବିଷୟରେ ଆଉ କଣ ଲେଖିବି
ତୋ ବିଷୟରେ କବିତା କଣ
ଉପନ୍ୟାସ ଲେଖିଲେ ବି
ହେବନି ତାହାର ସମାପ୍ତ
ଯାହା ବି ଲେଖୁଛି ମୁଁ ଦେଉଛି ମୋତେ
ଆଜି ତାହା ଆତ୍ମଖୁସି
ହଁ ସତରେ ତୋ ପ୍ରତି ଥିବା ଏ
ଶାଶ୍ୱତ ପ୍ରେମ ସଦା ଥାଉ ଚିରନ୍ତନ।


+ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପ୍ରଥମ ବର୍ଷ
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ
ଭବାନୀପାଟଣା(କଳାହାଣ୍ଡି)


## ସାତୋଟି ଏକପଦୀ

### ଭରତ ଚନ୍ଦ୍ର ଦାଶ



॥ ଏକ ॥
ପ୍ରୀତି ତନୁ ସ୍ପର୍ଶ ବସନ୍ତର ରାସ
ଅନନ୍ୟ ମିଳନ ଧାର
ଚଇତି ମଳୟ ବିଶ୍ୱ ମଧୁମୟ
ପ୍ରଣୟ ପୀୟୂଷ ଝର ।

॥ ଦୁଇ ॥
ଅନନ୍ୟ ଚିନ୍ତନ ଚିତ୍ରକଳ୍ପ ତୁମେ
ଚିତ୍ରକଳା ରଙ୍ଗ ରୂପ
ଫଗୁଣର ରାସ ବସନ୍ତ ବିଳାସ
ମଳୟେ ମହକେ ଧୂପ ।

॥ ତିନି ॥
ଅଧରର ରଙ୍ଗ ଲୋହିତକୁ ନିନ୍ଦେ
ଶ୍ୱେତକୁ ନିନ୍ଦୁଛି ଦେହ
ଶ୍ରୀତନୁରେ ତୁମ ସବୁ ରଙ୍ଗ ମିଶି
ରଚୁଛି ପ୍ରୀତିର ମୋହ ।

॥ ଚାରି ॥
ସେ ଲୁହ ଯେବେ ମୋ ହୃଦୟ ଉପରେ
ଲହୁ ହୋଇ ବୋହିଯାଏ
ସେ ପ୍ରଣୟ ଧାର ପ୍ରୀତିର ନିର୍ଝର
ମିଳନର କଥା କହେ ।

॥ ପାଞ୍ଚ ॥
ତୁମେ ମୋତେ ଲାଲ୍ ଗୋଲାପଟିଏ ଦିଅ
ହୃଦୟ ଅରପି ଦେବି
ସେ ହୃଦୟେ ପ୍ରେମ ବସନ୍ତେ କୁସୁମ
ମରମରେ ଅନୁଭବି ।

॥ ଛଅ ॥
ଦୂର ଦିଗନ୍ତରେ ସାତ ସିନ୍ଧୁ ପାରେ
ବିରହ ବସନ୍ତ ସହେ
ଚୋରା ଚଇତାଳି କୋକିଳ କାକଳି
ମିଳନ ମଳୟ ବହେ ।

॥ ସାତ ॥
ପ୍ରୀତି ଅଭିମାନ ପ୍ରୀତିର ଗୁମାନ
ମୋ ମନେ ଅଭୁଲା ସ୍ମୃତି
ଚେତନରେ ହେଉ ଅବଚେତନରେ
ଗାଏ ମିଳନର ଗୀତି ।


+ ପ୍ରାକ୍ତନ ସଦସ୍ୟ, ଓଡ଼ିଶା ସାହିତ୍ୟ
ଏକାଡେମୀ
ମାର୍କୋଣା, ବାଲେଶ୍ୱର - ୭୫୬୧୨୬
ମୋ: ୮୯୮୪୪୩୯୧୬୬


## ସ୍ୱପ୍ନ ନାୟିକା

### ସୌମେନ୍ଦ୍ର ମହାନ୍ତି



କାହିଁ କେଜାଣି ତୁ ସବୁଦିନ ସ୍ୱପ୍ନରେ ଆସୁ
ଜାଣେନା, ଜାଣେନା ମୁଁ......
ସତରେ କଣ ତୁ ମୋତେ ଏତେ ମନେ
ପକାଉଛୁ ?
ସତରେ କଣ ତୁ ମୋ କଥା
ସବୁବେଳେ ଭାବୁଛୁ ?

ତାହେଲେ.....
କାହିଁକି ? କାହିଁକି ତୁ
ମୋଠୁ ଏତେ ଦୂରରେ ଅଛୁ ?
କାହିଁକି ମୋଠୁ ତୁ ଦୂରେଇ ଯାଉଛୁ ?

ବୁଝିବି ଅବୁଝା ମୁଁ,
ବୁଝେଇ ପାରୁନି ନିଜକୁ, ନିଜ ମନକୁ ?

ଖାଲି ପ୍ରତୀକ୍ଷା, ପ୍ରତୀକ୍ଷା ଆଉ ପ୍ରତୀକ୍ଷା......
କେବେ ଅନ୍ତ ହେବ ଏଇ ପ୍ରତୀକ୍ଷାର ?
କେବେ ଅନ୍ତ ହେବ
ଅସୁମାରି ଆଶା ଆଉ ଆକାଂକ୍ଷାର ?
କେବେ ଅନ୍ତ ହେବ
ମୋ ମନ ଉପବନେ ଉଙ୍କିମାରୁଥିବା
ଆନମନା ପ୍ରଶ୍ନଗୁଚ୍ଛର ।


+ ରାଣୀଓଳା, କସର୍ଦା, କଟକ

# ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ୫ଦିନ ଧରି ଚାଲିଥିବ ଅନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

କେନ୍ଦୁଝର,୨୧/୪(ନି. ପ୍ର): ଧରଣୀଧର ବିଶ୍ୱବିଦ୍ୟାଳୟ ଅନୁକୂଲ୍ୟ ରେ ୫ ଦିନ ଧରି ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ଅନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ଆଜି ଉଦଯାପିତ ହୋଇଥିବ ବେଳେ ଚର୍ଚ୍ଚା କିନ୍ତୁ ଥମିନାହିଁ । ଏହି ପ୍ରତିଯୋଗୀତାର ଯଥେଷ୍ଟ ପୂର୍ବରୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାନଯିବା ଏବଂ ନିଜସ୍ୱ ବିଶ୍ୱବିଦ୍ୟାଳୟ ପ୍ରତିଯୋଗୀ ମାନଙ୍କ ପ୍ରତି ଅବହେଳା କାରଣରୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଆୟୋଜକ ବିଶ୍ୱବିଦ୍ୟାଳୟ ର ଟିମ ମାନଙ୍କୁ ପରାଜୟର ମୁହଁ ଦେଖିବାକୁ ପଡିଥିଲା । ଯାହାକୁ ସ୍ଥାନୀୟ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁ ନାହାଁନ୍ତି । କର୍ତ୍ତୃପକ୍ଷଙ୍କ ଦ୍ୱାରା ଗଠିତ କମିଟିମାନଙ୍କରେ ଆବଶ୍ୟକ ବ୍ୟକ୍ତିବିଶେଷଙ୍କ ପ୍ରିୟା ପ୍ରିତି କରାଯାଇ ଅନାବଶ୍ୟକଙ୍କୁ ଅଧିକ ପ୍ରଧାନ୍ୟ ଏବଂ ସୁପରିଚାଳନା ପାଇଁ ଅଭିଜ୍ଞ, କର୍ମଠ ଆଦିଙ୍କୁ ସ୍ଥାନ ଦିଆନଯିବା କାରଣରୁ ସୃଷ୍ଟି ଅବ୍ୟବସ୍ଥାକୁ ସୁଧାରିବା ରେ ସମସ୍ୟା ହେଲା । ସୃଷ୍ଟି ଅବ୍ୟବସ୍ଥା ପାଇଁ ଜିଲ୍ଲା ଅଯଥା ବଦନାମ ହେଲା ବୋଲି କହାଯିବା ସହ ଏଥିପାଇଁ କର୍ତ୍ତୃପକ୍ଷଙ୍କୁ ଦାୟୀ କରାଯାଇଛି । ଅନ୍ୟପକ୍ଷରେ ଉଦଯାପନୀ ଉତ୍ସବ ର ପୁରସ୍କାର ବିତରଣ ସଭାକୁ ବିଶ୍ୱବିଦ୍ୟାଳୟ ଟିମ୍ କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ଏବଂ ମୁଖ୍ୟ ଅତିଥି ଭାବେ ଆନ୍ତର୍ଜାତୀୟ ଖେଳାଳୀ ଦୂତି ଚାନ୍ଦ ଯୋଗଦେଇ ଖେଳାଳୀ ମାନଙ୍କୁ ନିଷ୍ଠା ଓ ଏକାଗ୍ରତା ରଖି କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ନୋଡାଲ ଅଫିସର ଡ଼କ୍ଟର ଦାମୋଦରୀ ସାହୁ ଓ କ୍ରୀଡା ପରିଷଦ ସମ୍ପାଦକ ଶ୍ରୀ ବିଜୟ ଦାସା । ଅତିଥି ପରିଚୟ ପ୍ରଦାନ କରିଥିଲେ ଡ଼କ୍ଟର ସଂଗୀତା ସୁଶ୍ରୀ ନାୟକ ।

ଏହାପୂର୍ବରୁ ଆଜି ସକାଳେ ପାଂଚୋଟି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପୁରୁଷ କ୍ରିକେଟ୍ ଫାଇନାଲ ମ୍ୟାଚ ଉତ୍କଳ ବିଶ୍ୱବିଦ୍ୟାଳୟ ସହିତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ହୋଇଥିଲା ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ କୁ ପରାସ୍ତ କରିଥିଲା । ମହିଳା କ୍ରିକେଟ ମ୍ୟାଚ୍ ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁ ପରାସ୍ତ କରିଛି ।

ଖୋଖୋ ପୁରୁଷ ମ୍ୟାଚ୍ ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରାସ୍ତ କରିଥିବା ବେଳେ ମହିଳା ମ୍ୟାଚ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁପରାସ୍ତ କରିଛି । ସବୁଠାରୁ ଚିତାକର୍ଷକ ମ୍ୟାଚ୍ ଥିଲା ପୁରୁଷ ହକି ଫାଇନାଲ ମ୍ୟାଚ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ ରେ ଅନୁଷ୍ଠିତ ମ୍ୟାଚରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ବିଜୟୀ ଘୋଷଣା କରାଯାଇଛି । ଏହିମ୍ୟାଚ ରେ ଉତ୍କଳ ବିଶ୍ୱବିଦ୍ୟାଳୟ ର ଖେଳାଳୀ ମାନେ ରେଫରି ସହିତ ବିଶୃଙ୍ଖଳିତ ଆଚରଣ କରିଥିବାରୁ ଟିମ୍ କୁ ଦଣ୍ଡିତ କରାଯାଇଛି । ସମଗ୍ର କ୍ରୀଡା ପ୍ରତିଯୋଗିତା ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ର ପ୍ରାଧାନ୍ୟ ଦେଖିବାକୁ ମିଳିଥିଲା । ସମସ୍ତ ବିଜୟୀ ପ୍ରତିଯୋଗୀ ମାନଙ୍କୁ ଟ୍ରଫି,ମେଡାଲ ସହିତ ଅର୍ଥରାଶି ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା । ବିଶ୍ୱବିଦ୍ୟାଳୟ ର କୁଳସଚିବ ଡ଼କ୍ଟର ଶଶିକାନ୍ତ ଜେନା ଧନ୍ୟବାଦ ପ୍ରଦାନ କରିଥିବା ବେଳେ ଆଜି ସଭାକୁ ପରିଚାଳନା କରିଥଲେ ଡ଼କ୍ଟର ଜୟଲକ୍ଷ୍ମୀ ମହାପାତ୍ର ।

# ଓପିଟିସିଏଲ କର୍ମଚାରୀ ସଂଘର ୭ମ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର,୨୧/୪(ନି. ପ୍ର): ଓପିଟିସିଏଲ ଶ୍ରମିକ କର୍ମଚାରୀ ସଂଘର ୭ମ ସମାବର୍ତ୍ତନ ଉତ୍ସବ ମାଷ୍ଟରକ୍ୟାଂଟିନ୍ ନିକଟସ୍ଥ ପ୍ରେସ୍ କ୍ଲବ ଠାରେ ସଂଘର ସଭାପତି ଶ୍ରୀ ନାରାୟଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶ୍ରମିକ ନେତା, ଜାତୀୟ ଉପସଭାପତି ତଥା ରାଜ୍ୟସଭାପତି ଡଃ ରାମଚନ୍ଦ୍ର ଖୁଂଟିଆ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଜଗନ୍ନାଥ ପ୍ରଧାନ, ସଂଘର ଉପଦେଷ୍ଟା ପବିତ୍ର ମୋହନ ମହାପାତ୍ର, ଅକ୍ଷୟ କୁମାର ତ୍ରିପାଠୀ, ସାଧାରଣ ସମ୍ପାଦ ବିରେନ୍ଦ୍ର ପ୍ରତାପ ରାୟ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱୋଳନ କରି ଆନୁଷ୍ଠାନିକ ଭାବରେ ଏହି ସମାବେଶକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଡଃ ରାମଚନ୍ଦ୍ର ଖୁଂଟିଆ ତାଙ୍କ ବକ୍ତବ୍ୟରେ କହିଲେ ଯେ ସମସ୍ତ ବର୍ଗର ଶ୍ରମିକମାନେ ଏକ ହୋଇ ରହିବା ସହିତ, ସଂଘର ଆର୍ଥିକ ପରିସ୍ଥିତି ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ । ବିଜେପିର ରାଜ୍ୟକାର୍ଯ୍ୟକାରିଣୀ ସଭ୍ୟ ଶ୍ରୀ ଜଗନ୍ନାଥ ପ୍ରଧାନ ତାଙ୍କ ବକ୍ତବ୍ୟରେ ସଂଗଠନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେବା ସହ କର୍ମଚାରୀମାନଙ୍କ ସମସ୍ୟାକୁ ଖୁବ୍ ଶୀଘ୍ର ମନ୍ତ୍ରୀଙ୍କ ସହ ବସି ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ବିଜେପିର ସଭାପତି ମନମୋହନ ସାମଲ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୁର ସୂର୍ଯ୍ୟବଂଶୀ କହିଲେ ଯେ ସଂଘକୁ ସପୂର୍ଣ୍ଣ ସହଯୋଗ କରିବା ପାଇଁ ବାର୍ତ୍ତା ପ୍ରେରଣ କରିଥିଲେ ।

ସଂଘର ସାଧାରଣ ସମ୍ପାଦକ ବିରେନ୍ ପ୍ରଦାପ ରାୟ ତାଙ୍କର ବକ୍ତବ୍ୟରେ ବାର୍ଷିକ ବିବରଣୀ ପାଠ କରିବା ସହିତ କର୍ମଚାରୀମାନଙ୍କ ସର୍ଭିସ୍ ରେଗୁଲେସନ ତୁରନ୍ତ କରିବା, ପିଲ୍ଡରେ କର୍ମଚାରୀ ଯୋଗାଇଦେବା, ଓପିଟିସିଏଲ ୩୩ ଶହ ଗ୍ରେଡ୍ ପେ ଉଚ୍ଛେଦ କରିବା । ଝୁଲା କର୍ମଚାରୀମାନଙ୍କୁ ହାଇସ୍କିଲ୍ ଦରମା ଦେବା, ସୁପର ଭାଇଜର କର୍ମଚାରୀମାନଙ୍କୁ ଇନ୍‌କ୍ରିମେଂଟ୍ ଦେବା, ୨୦୧୩ ବ୍ୟାଚ ଆଇ.ଟି.ଆଇ. କର୍ମଚାରୀଙ୍କୁ ତୁରନ୍ତ ପଦ୍ୱୋନ୍ନତି ଦେବା । କ୍ୟାଡର ପୁନଃଗଠନ କରିବା ପାଇଁ ଦୃଢ଼ ଦାବି ରଖିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ଭଟଚାର୍ଯ୍ୟ, ଅନନ୍ତ କିଶୋର ଜେନା, ଏମ୍.ଏମ୍. ଅର୍ସର, ବିଜୟ କୁମାର ସ୍ୱାଇଁ, ବିଜୟ କୁମାର ସାହୁ, ନଳିନୀ କାନ୍ତ ଜେନା, ସଂଜୀବ ପ୍ରସାଦ ବେହେରା, କର୍ମଚାରୀ ବିଭିନ୍ନ ସମସ୍ୟା ଉପରେ ଆଲୋକ ପାତ କରିଥିଲେ । ୨୦୨୫-୨୬ ପାଇଁ ସଭାପତି ଭାବେ ଶ୍ରୀ ନାରାୟଣ ଖୁଂଟିଆ,କାର୍ଯ୍ୟକାରି ସଭାପତି- ନଳୀନକାନ୍ତ ଜେନା, ସାଧାରଣ ସମ୍ପାଦକ- ବିରେନ୍ଦ୍ର ପ୍ରତାପ ରାୟ, କୋଷାଧ୍ୟକ୍ଷ- ନିତ୍ୟାନନ୍ଦ ବେହେରା ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ ଏବଂ ମୁଖ୍ୟ ଉପଦେଷ୍ଟା ଶ୍ରୀ ଅକ୍ଷୟ କୁମାର ତ୍ରିପାଠୀ ଓ ଉପଦେଷ୍ଟା ପବିତ୍ର ମୋହନ ମହାପାତ୍ର ଏବଂ ପରିଶେଷରେ ଦିପକ ରଞ୍ଜନ ଜେନା ମଞ୍ଚ ପରିଚାଳନା କରିବା ସହିତ ଶ୍ରୀ ପ୍ରୀତିଶ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

## ଗ୍ୟାସ ଟାଙ୍କି ବିସ୍ଫୋରଣ

କୋରେଇ,୨୧/୪(ନି. ପ୍ର): ପାଣିକୋଇଲି ମା ତାରିଣୀ ମହାବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗର ଅଧ୍ୟାପିକା ତଥା ଯୁକ୍ତ ୨ର ଅଦ୍ୟକ୍ଷା ବସନ୍ତ ମଂଜରୀ ସାହୁଙ୍କ ବାସଭବନରେ ଏକ ଗ୍ୟାସ ଟାଙ୍କି (୫ ଲିଟର)ରେ ନିଆଁ ଲାଗି ବିସ୍ଫେରଣ ହୋଇଥିବା ବେଳେ ସୌଭାଗ୍ୟ ବଶତଃ କାହାର କିଛି କ୍ଷତି ହୋଇନାହିଁ । ପ୍ରକାଶଯେ ଅଧ୍ୟାପିକା ମହାବିଦ୍ୟାଳୟରେ ଥିବା ବେଳେ ତାଙ୍କର ବୋହୁ ବାହାରେ ଗ୍ୟାସ ଚୁଲାରେ ରୋଷେଇ କରୁଥିଲେ । ତେବେ ଗ୍ୟାସ ଟାଙ୍କିରେ ଲିକ ହୋଇଯିବା ଯୋଗୁଁ ନିଆଁ ଲାଗିଯାଇଥିଲା । ତେବେ ଉପସ୍ଥିତ ବୁଦ୍ଧି ଖଟାଇ ଏକ ବାଉଁଶ ସାହାଯ୍ୟରେ ଜଳନ୍ତା ଟାଙ୍କିକୁ ଘର ନିକଟରୁ ଦୁରକୁ ଫିଙ୍ଗି ଦେଇଥିଲେ । ତେବେ କିଛି ସମୟ ପରେ ଟାଙ୍କିଟି ବିସ୍ଫୋରଣ ଘଟିଥିଲା । ଏ ନେଇ କାହାର କିଛି କ୍ଷତି ଘଟିନାହିଁ ।

# ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ କରିବ ଖେଲୋ ଇଣ୍ଡିଆ ସେଂଟର: କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ

ଭୁବନେଶ୍ୱର,୨୧/୪(ନି. ପ୍ର): 'ଆଜି କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଓଡ଼ିଶାର ୩୦ଟି ଜିଲ୍ଲାରେ ୩୦ଟି ଖେଲୋ ଇଣ୍ଡିଆ ସେଂଟରର ଉଦଘାଟନ କରାଯାଇଛି ।ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ହେବା ସହିତ ଓଡ଼ିଶାର ପ୍ରତିଟି ଜିଲ୍ଲାରେ ଯେପରି କ୍ରୀଡ଼ା ପ୍ରତିଭା ବିକଶିତ ହୋଇପାରିବ ସେ ଲକ୍ଷ୍ୟ ନେଇ ଖେଲୋ ଇଣ୍ଡିଆ ସେଂଟରର ନିର୍ମାଣ କରାଯାଇଛି । ଖେଲୋ ଇଣ୍ଡିଆ ସେଂଟର ମାନଙ୍କରେ କ୍ରୀଡ଼ାବିତମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ବିଭିନ୍ନ କ୍ରୀଡ଼ା ଯଥା ଫୁଟବଲ୍, ଭଲିବଲ୍, ହକି, ଆଥଲେଟିକ୍ସ, ଖୋଖୋ, କବାଡ଼ି ଆଦି ନିମନ୍ତେ ସୁଦୃଢ଼ ଭିତ୍ତିଭୂମି ଏବଂ ସମସ୍ତ ପ୍ରକାର ସୁବିଧା ଖେଳାଳୀ ମାନଙ୍କୁ ପ୍ରଦାନ କରାଯିବ । ଏଥିସହିତ ଏହି ଖେଲୋ ଇଣ୍ଡିଆ ସେଂଟର ଗୁଡ଼ିକର ଉପଯୁକ୍ତ ପରିଚାଳନା ନିମନ୍ତେ ସରକାରଙ୍କ ତରଫରୁ ବାର୍ଷିକ ୫ ଲକ୍ଷ ଟଙ୍କାର ଅନୁଦାନ ରାଶି ମଧ ପ୍ରଦାନ କରାଯିବ । ଜିଲ୍ଲା ମାନଙ୍କରେ ସ୍ଥାପିତ ହୋଇଥିବା ଏହି ଖେଲୋ ଇଣ୍ଡିଆ ସେଂଟର ମାନଙ୍କରେ ପ୍ରତ୍ୟେକ ଜିଲ୍ଲାର ଆଞ୍ଚଳିକ କ୍ରୀଡ଼ାକୁ ମଧ ପ୍ରଧାନ୍ୟ ଦିଆଯିବ । ପୂର୍ବରୁ ଜାତୀୟ ସ୍ତରୀୟ ଏବଂ ରାଜ୍ୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା କ୍ରୀଡ଼ାବିତ ହିଁ ଖେଲୋ ଇଣ୍ଡିଆ ସେଂଟରର କୋଚ୍ ଭାବରେ ଆଗାମୀ ଭବିଷ୍ୟତର କ୍ରୀଡ଼ାବିତମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ । ଏଥିସହିତ ଅଧିକରୁ ଅଧିକ କ୍ରୀଡ଼ାବିତମାନେ ଯେପରି ଖେଲୋ ଇଣ୍ଡିଆ ସେଂଟରରେ ଅନ୍ତର୍ଭୁକ୍ତ ହେବେ ତାହାକୁ ମଧ ସୁନିଶ୍ଚିତ କରାଯିବ ।କେବଳ ପ୍ରମୁଖ ସହର ନୁହେଁ ବରଂ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ କ୍ରୀଡ଼ା ପ୍ରତିଭାର ଯେପରି ବିକାଶ ହୋଇପାରିବ ସେହି ଲକ୍ଷ୍ୟରେ ଖେଲୋ ଇଣ୍ଡିଆ ସେଂଟରର ନିର୍ମାଣ କରାଯାଇଛି', ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ।

ଆଜି କଳିଙ୍ଗ ଷ୍ଟାଡିୟମ ଠାରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଖେଲୋ ଇଣ୍ଡିଆ ସେଂଟରର ଉଦଘାଟନୀ ସମାରୋହରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବୈଠକରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ଖେଲୋ ଇଣ୍ଡିଆ ସେଂଟର ସ୍ଥାପନର ଲକ୍ଷ୍ୟ ଏବଂ କାର୍ଯ୍ୟକାରିତା ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ପ୍ରଶାସନର ଅଧିକାରୀ, କ୍ରୀଡ଼ାବିତ ଏବଂ ପ୍ରଶିକ୍ଷକମାନେ ଆଭାସୀ ମାଧ୍ୟମରେ ଏହି ବୈଠକରେ ଯୋଗଦେଇ କ୍ରୀଡ଼ାରେ ବିକାଶର ଲକ୍ଷ୍ୟକୁ ନେଇ ଜିଲ୍ଲା ସ୍ତରରେ ଉଦଘାଟିତ ହୋଇଥିବା ଖେଲୋ ଇଣ୍ଡିଆ ସେଂଟର ନିମନ୍ତେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ମନ୍ତ୍ରୀ ଶ୍ରୀ ସୂରଜ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର କ୍ରୀଡ଼ାବିତ ଏବଂ ପ୍ରଶିକ୍ଷକମାନଙ୍କ ସହିତ ଓଡ଼ିଶାରେ କ୍ରୀଡ଼ାକ୍ଷେତ୍ରର ଯେପରି ସାମଗ୍ରିକ ବିକାଶ ହୋଇପାରିବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ । ଏଥିସହିତ କ୍ରୀଡ଼ାବିତମାନଙ୍କୁ କ୍ରୀଡ଼ାଜଗତରେ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିପାରିବା ପାଇଁ ପ୍ରୋତ୍ସାହିତ କରିଥିଲେ ।

ଓଡ଼ିଶାର ୩୦ଟି ଜିଲ୍ଲାରେ ଖେଲୋ ଇଣ୍ଡିଆ ସେଂଟରର ଉଦଘାଟନ ହେବା, ଆଗାମୀ ଦିନରେ ଓଡ଼ିଶାର ସମସ୍ତ ବ୍ଲକରେ ବ୍ଲକ ସ୍ତରୀୟ ଷ୍ଟାଡିୟମର ନିର୍ମାଣ ହେବା ଏବଂ ତୃଣମୂଳ ସ୍ତରରେ ସିଏମ-ଫୁଟବଲ ଟ୍ରଫି ପ୍ରତିଯୋଗିତାର ଆୟୋଜନ କରାଯିବା ଆଦି ପଦକ୍ଷେପ ମାଧ୍ୟମରେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଓ କ୍ରୀଡ଼ାପ୍ରତିଭାର ବିକାଶ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଛନ୍ତି ।

# ଜଳ କର ଦେଇ ଚାଷୀକୂଳ ପାଉନାହାଁନ୍ତି ବୁନ୍ଦାଏ ଜଳ: ଇନ୍ଦ୍ରଦେବ ହିଁ ଭରଷା

ଭଦ୍ରକ,୨୧/୪(ନି. ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକରେ ପ୍ରବାହିତ ହେଉଥିବା ପାଂଚ ନମ୍ବର କେନାଲଟି ପ୍ରାୟ ୧୬.୩ ଜିଲାମିଟର ପର୍ଯ୍ୟନ୍ତ ଲମ୍ବିଛି । ଏହି କେନାଲଟି ପାଂଚ ଛଅଟି ପଂଚାୟତ ଦେଇ ପ୍ରବାହିତ ହୋଇଛି । କେନାଲ ଉପରେ ନିର୍ଭର କରନ୍ତି ୧୮ ହଜାର ଚାଷୀ । କେନାଲରେ ସଫେଇ ଓ କାଡ଼ା ନଳ ସୁବିଧା ନ ଥିବାରୁ ଏହି ପଂଚାୟତମାନଙ୍କରେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଗକୁ ଖରିଫ ଚାଷ ପାଇଁ ପାଣିର ଆବଶ୍ୟକତା ଥିବାବେଳେ କେନାଲ ରେ ସଫେଇ ର ଅଭାବ ଯୋଗୁଁ କେନାଲ ଜଳ ବିଲ ପର୍ଯ୍ୟନ୍ତ ଯାଇ ପାରୁ ନାହାଁନ୍ତି ।ଚାଷୀ ଜଳକର ଦେଇ ସୁଦ୍ଧା ବୁନ୍ଦାଏ ଜଳ ପାଇ ପାରୁନାହାନ୍ତି । କେନାଲ ଦ୍ୱାରା ଜଳସେଚିତ ହେଉଥିବା ଚାଷଜମିଗୁଡିକର ଚାଷୀମାନେ କେନାଲ ଉପରେ ନିର୍ଭର କରି ଏବେ ହତାଶ ହୋଇଗଲେଣି କେନାଲ ଡିଭିଜନ ତରଫରୁ କୌଣସି ପଦକ୍ଷେପ ନିଆଯାଉନାହିଁ ! ଅନେକ ଥର ବିଭାଗୀୟ ଅଧିକାରୀଙ୍କୁ ଏନେଇ ଜଣାଇଥିଲେ ମଧ ଚାଷୀମାନେ ଜଳ ପାଉନାହାନ୍ତି ଧାମନଗର ବ୍ଲକରେ ରେବ, କପାଳି, କୋଚିଳା, ଗେଙ୍ଗୁଟି ଓ କଣ୍ଡିଆ ଆଦି ଯାଇଛି ! କିନ୍ତୁ ଏସବୁ ନଦୀ ଜଳକୁ ସଂରକ୍ଷିତ କରି କୃଷି କାର୍ଯ୍ୟରେ ବିନିଯୋଗ କରିବା ପାଇଁକୌଣସି ପଦକ୍ଷେପ ନିଆଯାଇନାହିଁ । ଯାହାର ପରିଣାମ ସ୍ୱରୂପ ଏବେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି ! କୋଠାର ଠାରୁ ତଳିଆ ଅଂଚଳକୁ ପୂର୍ବ ଦିଗରେ କେନାଲର ସୁବିଧା ନ ଥିବାରୁ ପ୍ରାୟ ଦଶଟି ପଞ୍ଚାୟତ କେବଳ ନଦୀ ଜଳ ଉପରେ ନିର୍ଭର କରନ୍ତି ! ଯେଉଁ ଅଂଚଳରେ ଉଠା ଜଳସେଚନର ସୁବିଧା ରହିଛି ସେ ଅଂଚଳରେ ବୀର୍ଘ ଦିନ ଧରି ଉଠା ଜଳସେଚନ ପ୍ରକଳ୍ପଗୁଡିକ ଅଚଳ ହୋଇପଡ଼ିଛି ! ଗୋବିନ୍ଦପୁର ପଂଚାୟତ ସମେତ ଅନେକ ପଞ୍ଚାୟତରେ ଜଳସେଚନ ବ୍ୟବସ୍ଥା ବିପର୍ଯ୍ୟସ୍ତ କଲ୍ୟାଣୀ, ଗୋବିନ୍ଦପୁର, କାକୁଡିଗଡ଼ିଆ, ଉଚ୍ଚପଦା, ବମକୁରା, ପତ୍ରୀସାହି, ସରପୁର, କଷଟି, ଅଜମତପୁର, କୋରୁଆ, ଝାରଡ଼ିଆ, ଗଡିଆଳି, ଫତେପୁର୍ ଇତ୍ୟାଦି ଅଂଚଳରେ ଜଳାଭାବ ପାଇଁ ଉତ୍କଟ ମରୁଡି ପରିସ୍ଥିତିକୁ ସାମନା କରିବାକୁ ଯାଉଛି ! ତୁରନ୍ତ ୫,ନମ୍ବର କେନାଲ ରେ ଜଳ ଯୋଗାଇ ଦେବାକୁ ଚାଷୀ ମହଲରେ ଦାବି ହେଉଛି !ବିଶେଷ କରି ଗୋବିନ୍ଦପୁର ମୌଜା ରେ ଉପର ବିଲ ଓ ବଣ ବିଲ ରେ ଜଳାଭାବ ଯୋଗୁଁ ୩୫ ଏକର ଜମି ରେ ମରୁଡି ପରିସ୍ଥିତି ଉପୁଜିଛି । ପୁଣି ପ୍ରଚଣ୍ଡ ଗ୍ରୀଷ୍ମ ର ରୌଦ୍ର ତାପ ରେ ନଈ ନାଳ ଶୁଖି ଯାଇ ଆହୁରି ଚାଷୀର ଚିନ୍ତା କୁ ବଢାଇ ଦେଇଚି । ନା ଅଛି କେନାଲ ର ଜଳ, ନା ନଦି ଜଳ କିଛି ନାହିଁ । କେବଳ ଇନ୍ଦ୍ରଦେବ ହିଁ ଭରଷା ।ଯଦି ଆଗାମୀ ଦିନରେ ଚାଷୀ କୁଳ ଙ୍କ ସମସ୍ୟା ର ସମାଧାନ ନ ହୁଏ ଜିଲ୍ଲାପାଳ ଙ୍କ ଅଫିସ ଘେରାଉ କରାଯିବ ବୋଲି ଚେତାବନୀ ଦିଆ ଯାଇଛି । ଚାଷୀ ଗଣ ତଥା ବିଦ୍ୟାଧର ଦାସ, ଭାଗିରଥି ଦାସ, ବିଦ୍ୟାଧର ବସନ୍ତିଆ, ଅନିଲ ଜେନା, ଜୟଦେବ ସାହୁ, ଜାଗର ସାହୁ, ଲକ୍ଷ୍ମଣ ନାଥ, ଅକ୍ଷୟ ନାଥ, ବ୍ରହ୍ମାନନ୍ଦ ଜେନା, ନିରାକାର ଜେନା ପ୍ରମୁଖ ।

# ଖୋର୍ଦ୍ଧା ଜିଲ୍ଲା ଅବକାରୀ କାର୍ଯ୍ୟାଳୟର ଉଦ୍‌ଘାଟନ କଲେ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ

ଭୁବନେଶ୍ୱର,୨୧/୪(ନି. ପ୍ର): ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଅବକାରୀ ବିଭାଗକୁ ସମଗ୍ର ଖୋର୍ଦ୍ଧା ଜିଲ୍ଲାରେ ସଂପୂର୍ଣ୍ଣ ରୂପେ ସଶକ୍ତିକରଣ କରିବା ନିମନ୍ତେ ଜିଲ୍ଲା ଅବକାରୀ କାର୍ଯ୍ୟାଳୟକୁ ଉଦଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଓଡ଼ିଶା ପ୍ରଦେଶରେ ବେଆଇନ ମଦ,ଗଞ୍ଜେଇ ଓ ବ୍ରାଉନସୁଗାର ଚାଲାଣକୁ ସଂପୂର୍ଣ୍ଣ ରୂପେ ରୋକିବା ଦିଗରେ ଅବକାରୀ ବିଭାଗ ନିୟମିତ ଭାବରେ ଚ଼ଢାଉ କରି ଜବତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । ଏହି ପରିପ୍ରେକ୍ଷୀରେ ନୂତନ ଅବକାରୀ କାର୍ଯ୍ୟାଳୟ ବିଶେଷ ଭାବେ ସହାୟକ ହେବ । ଏହି ନବ ନିର୍ମିତ କାର୍ଯ୍ୟାଳୟରେ ବିଲ୍ଡିଂ ଏବଂ ବାରାକ୍, ଅଧିକ୍ଷକଙ୍କ କାର୍ଯ୍ୟାଳୟ ,ଅବକାରୀ ଉପ- ନିରୀକ୍ଷକଙ୍କ କାର୍ଯ୍ୟାଳୟ ,ଜିଲ୍ଲା ଭ୍ରାମ୍ୟମାଣ ଭାରପ୍ରାପ୍ତ ଅବକାରୀ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ସମ୍ମିଳନୀ କକ୍ଷ, କମ୍ପ୍ୟୁଟର କୋଠରୀ, ରେକର୍ଡ କୋଠରୀ,ଆଧୁନିକ ମାଲଖାନା, ଅଧିକାରୀଙ୍କ ବିଶ୍ରାମ କକ୍ଷ,ପୁରୁଷ ହାଜତ, ମହିଳା ହାଜତ, ଭିନ୍ନକ୍ଷମ ପୁରୁଷ ଓ ମହିଳା ମାନଙ୍କ ନିମନ୍ତେ ଶୌଚାଳୟ ,କରିଡ଼ର , ଯାନବାହନ ପାର୍କିଂ ବ୍ୟବସ୍ଥା, ତଥ୍ୟ ସଂରକ୍ଷଣ ବ୍ୟବସ୍ଥା,ଅଗ୍ନି ନିର୍ବାପକ ଯନ୍ତ୍ର ଏବଂ ଅଗ୍ନି ସତର୍କ ସୂଚନା ଘଂଟି ବ୍ୟବସ୍ଥା ଭଳି ଅତ୍ୟାଧୁନିକ ବ୍ୟବସ୍ଥା ମଧ କରାଯାଇଛି । ଏହି କାର୍ଯ୍ୟକ୍ରମ ଅବସରରେ ଖୋର୍ଦ୍ଧା ବିଧାୟକ ଶ୍ରୀ ପ୍ରଶାନ୍ତ ଜଗଦେବ,ଅବକାରୀ ବିଭାଗର କମିଶନର ତଥା ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର, ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ଚ଼ଞ୍ଚଳ ରଣା,ଭାରପ୍ରାପ୍ତ ଅବକାରୀ ଆୟୁକ୍ତ ଶ୍ରୀ ଧର୍ମେନ୍ଦ୍ର ମଲ୍ଲିକ, ଭୁବନେଶ୍ୱର ଅବକାରୀ ଅଧିକ୍ଷକ ଶ୍ରୀ ଦେବାଶିଷ ପଟେଲ,ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ଶ୍ରୀମତୀ ସୁମତି ତ୍ରିପାଠୀଙ୍କ ସହ ଅନ୍ୟ ଅଧିକାରୀ ଓ କର୍ମଚାରୀ ବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ଖୋର୍ଦ୍ଧା ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ଖୋର୍ଦ୍ଧା,୨୧/୪(ନି. ପ୍ର): ୩ କୋଟି ୬୫ଲକ୍ଷ ବ୍ୟୟରେ ୩ମହଲା ବିଶିଷ୍ଟ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ କଲ୍ୟାଣ ନିଗମ ଲିଃ ଦ୍ୱାରା ନବନିର୍ମିତ ଖୋର୍ଦ୍ଧା ଜିଲ୍ଲା ଅବକାରୀ କାର୍ଯ୍ୟାଳୟକୁ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ତେବେ ଜିଲ୍ଲା ବାସୀଙ୍କ ସେବା ଉଦ୍ୟଶରେ ଉତ୍ସର୍ଗ କରିବା ସହ ଅବକାରୀ ନିୟମ ଓ ଅଧିନିୟମ ପ୍ରଣୟନ ଦ୍ୱାରା ଚୋରା ମଦ କାରବାର ବିକ୍ରି ବନ୍ଦ କରିବା, ଚୋରା ବେପାରୀଙ୍କୁ ପ୍ରତିହତ କରିବା ଓ ନିଶାକୁ ପ୍ରଭାବ ସହ ନିଶା କ୍ରିତଦାସରୁ ସମାଜକୁ ବଂଚାଇ ଏକ ନିଶାମୁକ୍ତ ସଶକ୍ତ ସମାଜ ଗଠନରେ କାର୍ଯ୍ୟାଳୟ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି କହିଥିଲେ କ୍ଷ ସେ ଅହୁରି ମଧ କହିଲେ ଯେ, ଅବକାରୀ କର୍ମଚାରୀ ମାନଙ୍କୁ ଆର୍ମ -୩ ଅସ୍ତ୍ର ଦିଆଯାଇ ଚୋରା ବେପାରୀଙ୍କୁ ଦୃଢ଼ ମୁକାବିଲା କରି ସାରା ରାଜ୍ୟକୁ ସଶକ୍ତ କରାଯିବ ।

ସମ୍ମାନିତ ଅତିଥି ରୂପେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲା ପରିଷଦ ଅଧକ୍ଷା ରୁପଶ୍ରୀ ରାଣୀ ଗୁମାନ ସିଂହ, ଖୋର୍ଦ୍ଧା ପୌର ପରିଷଦ ଅଧକ୍ଷା କନକ ଲକ୍ଷ୍ମୀ ମହାନ୍ତି, ସାଂସଦଙ୍କ ପ୍ରତିନିଧି, ରାଜ୍ୟ ଅବକାରୀ ବିଭାଗ ଶାସନ ସଚିବ ଗୁହା ପୁନମ ତାପସ କୁମାର, ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଂଚଳ ରାଣା, ଭାରପ୍ରାପ୍ତ ଅବକାରୀ ଆୟୁକ୍ତ ଧର୍ମେନ୍ଦ୍ର ମଲ୍ଲିକ, ଆରକ୍ଷୀ ଅଧିକ୍ଷିକା, ଅବକାରୀ ସୁମତି ତ୍ରିପାଠୀ, ଭୁବନେଶ୍ୱର ଆରକ୍ଷୀ ଅଧିକ୍ଷକ, ଅବକାରୀ ଦେବାଶିଷ ପଟେଲ, ଆରକ୍ଷୀ ଅଧିକ୍ଷକ, ଅବକାରୀ, କଟକ କରୁଣା ଶଙ୍କର ତିୱାରୀ, ଯୁଗ୍ମ ଆୟୁକ୍ତ, ଅବକାରୀ ରାଜେନ୍ଦ୍ର ଭୋତ୍ରା, ଅଶୋକ କୁମାର ଗଡତିଆ, ଉମ୍ବରୁଧର ଖଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂହ, ଉପଜିଲ୍ଲାପାଳ ଅଶୋକ କୁମାର ପଣ୍ଡା,ଡେପୁଟି କଲେକ୍ଟର ଦେବବ୍ରତ କର, ଶ୍ରୀତପା ମିଶ୍ର, ଅନନ୍ୟା ସୃଷ୍ଟି ଶତପଥୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସଂପୃକ୍ତ ବିଭାଗୀୟ କର୍ମଚାରୀ, ଜନପ୍ରତିନିଧି ଏବଂ ଗଣ ମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଓ ସମ୍ମାନିତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଦଳିତ ମହିଳାଙ୍କୁ କ୍ଷତିପୂରଣ ଦେବାକୁ ଓଡ଼ିଶାର ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଲେ ଏନ୍‌ଏଚଆରସି

ଭଦ୍ରକ,୨୧/୪(ନି. ପ୍ର): ପୋଲିସ ମାଡ଼ ଏବଂ ନିର୍ଯାତନାର ଶିକାର ହୋଇଥିବା ଭଦ୍ରକ ଜିଲା ଚାନ୍ଦବାଲି ଅଂଚଳର ମିତା ସେଠିଙ୍କୁ ୧୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏନଏଚଆରସି ଛଅ ସପ୍ତାହ ମଧ୍ୟରେ ଦେୟର ପ୍ରମାଣ ସହିତ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ସିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଧିବକ୍ତା ଏବଂ ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠିଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ଆବେଦନ ଉପରେ ଏନଏଚଆରସି ଏହି ନିର୍ଦ୍ଦେଶ ଦେଇଛି । ଆବେଦନରେ ସେ ଜୁନ୍ ୨୫, ୨୦୨୪ ରେ ଘଟିଥିବା ଘଟଣାର ଉଦାହରଣ ଦେଇଛନ୍ତି । ଯେଉଁଥିରେ ଭଦ୍ରକ ଜିଲ୍ଲାର ଚାନ୍ଦାବାଲି ଥାନା ପରିସରରେ ମିତା ନାମକ ଜଣେ ମହିଳାଙ୍କୁ ପୋଲିସ ଅଧିକାରୀମାନେ ନିର୍ମମ ଭାବରେ ଆକ୍ରମଣ କରିଥିଲେ । ଏହି ଘଟଣା ସେତେବେଳେ ରାଜ୍ୟ ତମାମ ଚର୍ଚ୍ଚାର ବିଷୟ ହୋଇଥିଲା । ଯେତେବେଳେ ମହିଳାଙ୍କ ଶିଶୁ ସନ୍ତାନଟି ଜୋତା କଭର ସହିତ ଖେଳୁଥିଲା ସେହି ସମୟରେ କର୍ତବ୍ୟରତ କନେଷ୍ଟବଳ ରବି ସେଠି ମହିଳାଙ୍କୁ ଜୋତା କଭର ଉଠାଇବାକୁ କହିବାରୁ ଥାନା ସମ୍ମୁଖରେ ଜୋତା କଭର ପଡ଼ିଗଲା । ଫଳରେ ମହିଳା ଜଣକ ତାଙ୍କୁ ତାଙ୍କ ଚାକର ନୁହେଁ ବୋଲି କହି କଥାକୁ ମାନିନଥିଲେ । ଅଭିଯୁକ୍ତ କନଷ୍ଟେବଳ ରବି କ୍ରୋଧରେ ତାଙ୍କୁ ଚାପୁଡ଼ା ମାରିଥିଲେ । ଯାହାଙ୍କ ସହିତ ପରେ ଜଣେ ଏସ୍‌ଆଇ ସମେତ ଅନ୍ୟ ଦୁଇଜଣ ମଧ ମିଶି ମାରିଥିଲେ । ଏହି ଘଟଣାଟି ନିକଟସ୍ଥ ବାସିନ୍ଦା ମୋବାଇଲରେ କଏଦ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ । ଭିଡିଓରେ ଦେଖାଯାଉଛି ଯେ ପୋଲିସ କର୍ମଚାରୀମାନେ ମହିଳାଙ୍କୁ ତାଙ୍କ ଗୋଡ଼ ଧରି ଟାଣି ତଳେ ଫିଙ୍ଗି ଦେଉଛନ୍ତି । ସେମାନେ ପ୍ଲାଷ୍ଟିକ୍ ପାଇପ୍ ସାହାଯ୍ୟରେ ମହିଳାଙ୍କୁ ଆକ୍ରମଣ ମଧ କରିଛନ୍ତି । ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ମାନସିକ ସାମାଜିକ ପରାମର୍ଶ ଏବଂ ପୀଡିତା ମହିଳାଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଇତ୍ୟାଦି ସହିତ ଘଟଣାର ସ୍ୱାଧୀନ ଏବଂ ନିରପେକ୍ଷ ତଦନ୍ତ ପାଇଁ ତ୍ରିପାଠି ଅନୁରୋଧ କରିଥିଲେ । ପିଟିସନ ଉପରେ ବିଚାର କରି ଏନଏଚଆରସି ଭଦ୍ରକ ଏସପିଙ୍କଠାରୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଥିଲା । ଏସପିଙ୍କ ଦ୍ୱାରା ଦାଖଲ ଏଟିଆରେ କୁହାଯାଇଛି ଯେ ମହିଳା ଏବଂ ପୋଲିସ କନଷ୍ଟେବଳ ଉଭୟଙ୍କ ଆଚରଣ ପାଇଁ ଦୁଇଟି ଭିନ୍ନ ଭିନ୍ନ ଏତଲାରେ ରିପୋର୍ଟଗୁଡ଼ିକୁ ଅନୁଧାନ କରାଯାଇଛି । ଏବଂ ୧୨.୧୧.୨୦୨୪ ତାରିଖର କାର୍ଯ୍ୟାଦେଶ ଅନୁଯାୟୀ ନିମ୍ନଲିଖିତ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା ଏନଏଚଆରସି । ମାନବାଧିକାର ସୁରକ୍ଷା ଆଇନ, ୧୯୯୩ ର ଧାରା ୧୮ ଅନୁଯାୟୀ ଓଡ଼ିଶା ସରକାରଙ୍କୁ ମୁଖ୍ୟ ସଚିବଙ୍କ ମାଧ୍ୟମରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା । କମିଶନ କାହିଁକି ମିତା ସେଠୀଙ୍କ ପତି ଶମ୍ଭୁ ରାମଙ୍କୁ ୧୦ ହଜାର ଟଙ୍କା ଆର୍ଥିକ କ୍ଷତିପୂରଣ ସୁପାରିଶ କରିବେ ନାହିଁ । କାରଣ ଦର୍ଶାଅ ନୋଟିସର ଜବାବରେ, ଭଦ୍ରକ ଏସପିଙ୍କ ଦ୍ୱାରା ଦାଖଲ ରିପୋର୍ଟରୁ ଜଣାପଡିଛି ଯେ ଅଭିଯୁକ୍ତ ପୋଲିସ ଅଧିକାରୀମାନଙ୍କୁ ଚାର୍ଜସିଟ୍ କରାଯାଇଛି ଏବଂ ମାମଲା କୋର୍ଟରେ ବିଚାରାଧୀନ ଅଛି । କାରଣ କ୍ଷତିପୂରଣ ସୁପାରିଶ କମିଶନ ଦ୍ୱାରା ପୁନର୍ବିଚାର କରାଯିବା ଉଚିତ । ତଥାପି, ରିପୋର୍ଟ ପଢିବା ପରେ, ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କମିଶନଙ୍କ ଅବହେଳା ବିଷୟରେ ନିର୍ଣ୍ଣୟକୁ ଦୃଢ଼ କରୁଛି । ପୂର୍ବରୁ, ଭଦ୍ରକ ଜିଲ୍ଲା କାର୍ଯ୍ୟବାହୀ ନଂ ୦୫/୨୪ ଏବଂ ୦୬୧୨୪ ଅନୁଯାୟୀ ଏଏସଆଇ ନେପାଳ ଶା ଏବଂ କନେଷ୍ଟବଳ ରବୀନ୍ଦ୍ର କୁମାର ସେଠୀଙ୍କ ବିରୁଦ୍ଧରେ ସେମାନଙ୍କର ତ୍ରୁଟି ପାଇଁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା ଏବଂ ଉଭୟଙ୍କୁ ନିଲମ୍ବିତ କରାଯାଇଥିଲା । ରିପୋର୍ଟଗୁଡ଼ିକର ଉପଯୁକ୍ତ ବିଚାର ପରେ ଏନଏଚଆରସି କ୍ଷତିପୂରଣ ପ୍ରଦାନ ପାଇଁ ଏହାର ସୁପାରିଶକୁ ନିଶ୍ଚିତ କରିଛି ଏବଂ ପୀଡିତା ମହିଳାଙ୍କୁ ଦେୟ ନିଶ୍ଚିତ କରିବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛି ।

# ବିଶିଷ୍ଟ ଔପନ୍ୟାସିକ ତଥା ଓଡ଼ିଶାର ପ୍ରଥମ ଜ୍ଞାନପୀଠ ପୁରସ୍କାର ବିଜେତା ଗୋପୀନାଥ ମହାନ୍ତିଙ୍କ ଜୟନ୍ତୀ ପାଳିତ

ଜୟପୁର,୨୧/୪(ନି. ପ୍ର): କୋରାପୁଟ ଜିଲ୍ଲାରେ ଆଜି ବିଶିଷ୍ଟ ଔପନ୍ୟାସିକ ତଥା ଓଡ଼ିଶାର ପ୍ରଥମ ଜ୍ଞାନପୀଠ ପୁରସ୍କାର ବିଜେତା ଗୋପୀନାଥ ମହାନ୍ତିଙ୍କ ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । 'ଅମୃତର ସନ୍ତାନ', 'ମାଟିମଟାଳ', 'ପରଜା', 'ଛାଇଆଲୁଅ' ପରି କାଳଜୟୀ ରଚନା ସହ ନାଟ୍ୟକାର, ଗାଳ୍ପିକ ଏବଂ ମାନବଧର୍ମୀ ଲେଖକ ଭାବେ ଓଡ଼ିଆ ସାହିତ୍ୟ ଜଗତ ପ୍ରତି ନିଜ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ । ଏହି ଅବସରରେ ତାଙ୍କ ତତ୍କାଳୀନ ବାସ ଭବନ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଦ୍ୱୈ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେ କହିଥିଲେ ଯେ, ବରପୁତ୍ର ମାନଙ୍କର ସମ୍ମାନ କରିବା ଦାୟାଦ ମାନଙ୍କର ପ୍ରଥମ କର୍ତବ୍ୟ, ସାହିତ୍ୟ ସମାଜର ବହୁ ପ୍ରତିକ୍ଷୀତ ଦାବିକୁ ସମ୍ମାନ ଦେଇ ସ୍ୱର୍ଗତ ଗୋପୀନାଥ ମହାନ୍ତିଙ୍କର ତତ୍କାଳୀନ ବାସ ଭବନକୁ ଏକ ସ୍ମାରକ ହିସାବରେ ପରିଣତ କରିବା ପାଇଁ ଯାହାବି ଆବଶ୍ୟକତା ଅଛି ତାହା ପାଇଁ ପଦକ୍ଷେପ ନିଆଯିବ । ଓଡିଆ କଥା ସାହିତ୍ୟ ର ଶିଖର ପୁରୁଷ ପଦ୍ମଭୂଷଣ ଗୋପୀନାଥ ମହାନ୍ତିଙ୍କ ଜନ୍ମଜୟନ୍ତୀ ଆଜି କୋରାପୁଟ ରେ ତାଙ୍କ ରହଣି ସମୟର ବାସ ଭବନରେ ଏତେ ସୁନ୍ଦର ଭାବରେ ପାଳନ କରିଥିବାରୁ ଜିଲ୍ଲା ପ୍ରଶାସନ ନିକଟରେ କୋରାପୁଟ ସାହିତ୍ୟେ ପରିବାର କୃତଜ୍ଞ ଜଣାଇଛନ୍ତି । ବହୁଦିନ ପରେ ଏଇ ଅଭିଳଷିତ ବାସଭବନର ମୁଖ୍ୟ ଦ୍ୱାର ଜନସାଧାରଣଙ୍କ ନିମନ୍ତେ ଉନ୍ମୁକ୍ତ ହେଇଥିବାରୁ ସାହିତ୍ୟିକ ମହଲରେ ଆନନ୍ଦ ଖେଳିଯାଇଛି ।

# ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ଉପକରଣ ବଂଟନ ଶିବିର




ବଡସାହି, ୨୧/୪ (ନି.ପ୍ର): ବଡସାହି ବ୍ଲକ୍ ପରିସରରେ ସୋମବାର ଇଣ୍ଡିଆନ ଅଏଲ ଆନୁକୂଲ୍ୟରେ ଓ 'ଆଲିମକୋ' କମ୍ପାନୀ ପରିଚାଳନାରେ ଏକ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କ ଉପକରଣ ବଂଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ୍ ଅଧକ୍ଷ୍ୟା ମିନତୀ ସିଂ ଅଧକ୍ଷ୍ୟତା କରିଥିଲେ । ପ୍ରାରମ୍ଭରେ ଉପସ୍ଥିତ ଅତିଥିମାନେ ପ୍ରଭୂ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଫଟୋଚତ୍ରରେ ଧୂପପୁଷ୍ପ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ଜଳନ କରି ଶିବିରକୁ ଉଦଘାଟନ କରିଥିଲେ । ଏହାପରେ ବିଡିଓ ବନାଜ ଦାସ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ବଡସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସରେନ, ଉପାଧକ୍ଷ୍ୟ କାଂଚନ ପ୍ରଧାନ ପ୍ରମୁଖ ଯୋଗ ଦେଇ ଏହି ଉପକରଣ ବଂଟନ ଦ୍ୱାରା ବାରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନେ କିପରି ଉପକୃତ ହେବେ, ସେ ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କୁ ସଚେତନ କରିଥିଲେ । ଏହି ଶିବିର ପାଇଁ ପୂର୍ବରୁ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନଙ୍କୁ ନେଇ ଡାକ୍ତରଙ୍କ ଉପସ୍ଥିତିରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଯାଂଚ କରାଯାଇ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା । ଏଥିରେ ଉପକରଣ ବଂଟନ ପାଇଁ ୨୭୧ଜଣ ବରିଷ୍ଠ ନାଗରିକ ଓ ୧୩୭ ଜଣ ଦିବ୍ୟାଙ୍ଗଙ୍କୁ ଚୟନ କରାଯାଇଥିଲା । ମାତ୍ର ଏହି ବଂଟନ ଶିବିରର ୪ଟି କାଉଂଟରରେ ସେମାନଙ୍କ ମଧ୍ୟରୁ ୧୨୭ ଜଣ ବରିଷ୍ଠ ନାଗରିକ ଓ ୯୭ ଜଣ ଦିବ୍ୟାଙ୍ଗ ପଂଜିକୃତ କରିଥିବାର ଜଣାଯାଇଛି । ଉପସ୍ଥିତ ଅତିଥିମାନେ ସେମାନଙ୍କୁ ଡାକ୍ତରଙ୍କ ପରାମର୍ଶ ଅନୁଶାରେ ଆବଶ୍ୟକୀୟ ଜିନିଷ ବଂଟନ କରିଥିଲେ । ସେମାନଙ୍କ ମଧ୍ୟରୁ ୮ଜଣଙ୍କୁ କୃତିମ ଅଙ୍ଗ ଓ ୧୫ ଜଣଙ୍କୁ ଇ-ସାଇକେଲ ମଧ୍ୟ ଦିଆଯାଇଥିବାର ଜଣାଯାଇଛି । ଏତଦବାଦ ଅନୁପସ୍ଥିତ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କୁ ବ୍ଲକ୍ ପକ୍ଷରୁ ପର୍ଯ୍ୟାୟ କ୍ରମେ ଦିଆଯିବ ବୋଲି ବ୍ଲକ୍ ସମାଜିକ ସୁରକ୍ଷା ଅଧିକାରୀ ସାଓ୍ୱନା ହେମ୍ବ୍ରମ୍ ଜଣାଇଛନ୍ତି । ଏହି ଶିବିରରେ ନିର୍ବାହୀ ସହକାରୀ ଯନ୍ତ୍ରୀ ରବିନାରାୟଣ ପୁଥାଳଙ୍କ ନେତୃତ୍ୱରେ ସମସ୍ତ ବ୍ଲକ୍ କର୍ମଚାରମାନେ ସହଯୋଗ କରିଥିଲେ । ମାତ୍ର 'ଆଲିମକୋ' କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ଜିନିଷ ଅତ୍ୟନ୍ତ ନିମ୍ନମାନର ବୋଲି କିଛି ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନେ ଅସନ୍ତୋଷ ପ୍ରକାଶ କରିଥିଲେ ।

## ସୁରକ୍ଷିତ ପୃଥିବୀ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ମିଳିଥିବା ତଥ୍ୟ ଅନୁସାରେ ହିମାଳୟ ପର୍ବତମାଳାଠାରୁ ଏସିଆ ଦେଇ ଲମ୍ବି ରହିଥିବା ୪ ହଜାର ମାଇଲ ଲମ୍ବର ପର୍ବତମାଳା ଏବେ ତାପମାତ୍ରା ବୃଦ୍ଧି ପାଇଁ ଅତ୍ୟଧିକ ଭାବେ କ୍ଷତିଗ୍ରସ୍ତ ହୋଇଛି । ପର୍ବତମାଳାର ଉପତ୍ୟକା ଓ ଆଖପାଖ ଅଞ୍ଚଳରେ ଆଗାମୀ ଦିନରେ ଝଡ଼ବାତ୍ୟା, ଅଦିନ ତୁଷାରପାତ ଓ ବିଭୀଷିକାପୂର୍ଣ୍ଣ ଅବସ୍ଥା ଦେଖାଦେବାରୁ ସୂଚନା ମିଳିବା ପରେ ଏ ଅଞ୍ଚଳବାସୀ ବିବ୍ରତ ହେବା ସ୍ୱାଭାବିକ । ଏସବୁ ପର୍ବତମାଳାରେ ହଜାର ହଜାର ବର୍ଷ ତଳୁ ଜମା ହୋଇ ରହିଥିବା ବରଫଗଦା ତରଳିବା ଦ୍ୱାରା ଯେଉଁ ବିଭୀଷିକା ସୃଷ୍ଟି ହେବାକୁ ଯାଉଛି ତାହା ବନ୍ଦ ହେବ କିପରି ? କଥା ଅଛି 'ଠିକିଲେ ଶିଖେ' । ଆମେ ଯେ ଯାଏ ନ ଠିକିଛୁ ସେ ଯାଏ ଶିକ୍ଷା ଲାଭ କରୁନାହୁଁ । ମାତ୍ର ଏ କ୍ଷେତ୍ରରେ ଠିକିବା ଯାଏ ଅପେକ୍ଷା କଲେ ହୁଏତ ଅବସ୍ଥା ସାଂଘାତିକ ହୋଇଯାଇପାରେ । ଏହା ପୂର୍ବରୁ ଆମକୁ ସଚେତନ ହେବା ଜରୁରୀ । ତାପମାତ୍ରା ବୃଦ୍ଧି ପାଇଁ ପୃଥିବୀର ଯେଉଁ କେତେକ ଅଞ୍ଚଳ ବିପନ୍ନ ହେବାକୁ ଯାଉଛି ତା ମଧ୍ୟରୁ ହିମାଳୟ ପର୍ବତମାଳା ଅନ୍ୟତମ । ଏହାକୁ 'ହଟସ୍ପଟ' ଆଖ୍ୟା ଦିଆଯାଇଛି । ଏଠାରୁ ବରଫ ତରଳିଲେ ନେପାଳ, ଭାରତ, ବାଙ୍ଗାଲାଦେଶରେ ଜଳକଷ୍ଟ ଦେଖାଦେବା ସହ ମାଳଦ୍ୱୀପ, ବାଙ୍ଗଲାଦେଶ, ଶ୍ରୀଲଙ୍କା ସମୁଦ୍ର ଜଳପତ୍ତନ ବୃଦ୍ଧି ସମସ୍ୟାରେ ଆକ୍ରାନ୍ତ ହେବ । ଜାତିସଂଘ ମହାସଚିବ ଯଥାର୍ଥରେ କହିଛନ୍ତି ଆମ ପାଦ ଏବେ ଘୂରୁଥିବା ଏକ ଆକ୍ସିଲେଟରରେ ରହିଛି । ଯାହାର ଶେଷଭାଗ କ୍ରମେ ପାଖେଇ ଆସୁଛି । ଆମେ ସତର୍କ ନହେଲେ ଖୁବ୍‌ଶୀଘ୍ର ରସାତଳକୁ ଖସିପଡ଼ିବା । ଏହି ବକ୍ତବ୍ୟ ପ୍ରତି ଏବେ ଗୁରୁତ୍ୱର ସହ ବିଚାର କରିବାର ବେଳ ଆସିଛି । ସୁନ୍ଦର ପୃଥିବୀକୁ ଦିନକୁ ଦିନ ମାଡ଼ି ଆସୁଥିବା ବିପଦରୁ ରକ୍ଷା କରିବା ପାଇଁ ସମଗ୍ର ବିଶ୍ୱବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏକାନ୍ତ ଆବଶ୍ୟକ । ୧୯୭୦ ମସିହା ଏପ୍ରିଲ ମାସ ୨୨ ତାରିଖ ଦିନ ଏହିସବୁ କାରଣରୁ ଜନ ସଚେତନତା ପାଇଁ ପୃଥିବୀ ଦିବସ ପାଳନ କରାଯାଇଥିଲା । ସେହିଦିନ ଠାରୁ ପ୍ରତିବର୍ଷ ଏପ୍ରିଲ ମାସ ୨୨ ତାରିଖ ଦିନ ସମଗ୍ର ବିଶ୍ୱରେ ବିଧିବିଧାନର ସହିତ ପୃଥିବୀ ଦିବସ ପାଳିତ ହୋଇଆସୁଛି । ସମସ୍ତ ବିଶ୍ୱବାସୀଙ୍କୁ ଆକସ୍ମିକ ବିପଦରୁ ରକ୍ଷା କରିବା ପାଇଁ ପୃଥିବୀବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ଆଜିର ବିଜ୍ଞାନ ସମଗ୍ର ମାନବଜଗତକୁ ଦେଉଛି ଅନେକକିଛି, ଯାହା ମଣିଷର ଜୀବନଯାତ୍ରାକୁ ସହଜ ତଥା ସୁଗମମୟ କରିଦେଇଛି । ଫଳରେ ମାନବ ସମାଜ ଶାନ୍ତିରେ ବସବାସ କରିପାରୁଛି । ମାତ୍ର ଏ ମନୁଷ୍ୟଜାତି, ନିଜର ସୁଖ ସ୍ୱାଛନ୍ଦ୍ୟ ତଥା କ୍ଷଣିକ ସୁଖ ପାଇଁ ସର୍ବୋପରି ଅଧିକ ଆନନ୍ଦ ପାଇଁ ନଷ୍ଟ କରି ଚାଲିଛି ପ୍ରକୃତିରାଣୀକୁ । ଗଛ କାଟିବା ଦ୍ୱାରା ତାପମାତ୍ରା ବଢ଼ୁଛି, ଠିକ୍ ସମୟରେ ବର୍ଷା ହେଉନାହିଁ । ମୌସୁମୀ ଠିକ୍ ସମୟରେ ଆସୁନାହିଁ, ଅପରପକ୍ଷରେ କଳକାରଖାନା, ଯାନବାହନ ଏପରି ଦ୍ରୁତଗତିରେ ବଢ଼ି ଚାଲିଛି ଯେ, ଯଦ୍ୱାରା ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଏବଂ ଜଳ ପ୍ରଦୂଷଣ ବଢ଼ୁଛି, ଆମେ ଜାଣିଶୁଣି ଆମ ପାଇଁ ବିପଦକୁ ଟାଣି ଆଣୁଛୁ । ଏଣୁ ବେଳହୁଁ ଆମ ସମସ୍ତଙ୍କୁ ସଜାଗ ହେବାକୁ ପଡ଼ିବ, ନହେଲେ ଅବିଳମ୍ବେ ବିଶ୍ୱ ଧ୍ୱଂସ ପାଇବ । ଏଣୁ ଆମେମାନେ ସମସ୍ତେ ବିଶ୍ୱବାସୀ ସଜାଗ ହୋଇ ବିଶ୍ୱକୁ ଆକସ୍ମିକ ବିପଦରୁ ରକ୍ଷା କରିବା ଉଚିତ । ଏହିସବୁ ଦୃଷ୍ଟିକୋଣରୁ ଆଖି ଆଗକୁ ଆଣି ବିଶ୍ୱ ସଚେତନତା ସୃଷ୍ଟି କରିବା ପାଇଁ ସମଗ୍ର ବିଶ୍ୱରେ ଅପ୍ରେଲ ମାସ ୨୨ ତାରିଖକୁ ପୃଥିବୀ ଦିବସ ରୂପେ ପାଳନ କରାଯାଉଛି ।

+ ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ

# ଆନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ଉପଲକ୍ଷେ ସାମ୍ବାଦିକଙ୍କ ଅଭିନବ ପ୍ରୟାସ




ନୀଳଗିରି, ୨୧/୪ (ନି.ପ୍ର): ଯେଉଁ ମହାପୁରୁଷ ମାନେ ଦେଶମାତୃକା ପାଇଁ କିଛି ଅବଦାନ ଓ ବଳିଦାନ ଦେଇଥାନ୍ତି ତାଙ୍କର ଜୟନ୍ତୀ କିମ୍ବା ବଳିଦାନ ଦିବସରେ ତାଙ୍କର ପ୍ରତିମୂର୍ତ୍ତି କଥା ଆମେ ମନେ ପକାଇଥାଉ । ବର୍ଷର ଅନ୍ୟ ଦିବସମାନଙ୍କରେ ଧୂଳି ଧୂସରରେ ପ୍ରତିମୂର୍ତ୍ତି ପଡିରହିଥିବା ଦେଖାଯାଏ । ଆଜି ହେଉଛି ଆନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ । ହେଲେ ଆଜିର ଦିବସକୁ ସତେ ଯେପରି ସମସ୍ତେ ଭୁଲି ଯାଇଛନ୍ତି । ତେବେ ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ନିଉଜ-୭ ଓ ପ୍ରମେୟ ପରିବାର ତରଫରୁ ସାମ୍ବାଦିକ ବ୍ରଜକିଶୋର ପାଣିଙ୍କ ନେତୃତ୍ୱରେ ନିଆଯାଇଛି ଏକ ନିଆରା ପ୍ରୟାସ ।ଏହି ଅବସରରେ ନୀଳଗିରି ସହରରେ ଥିବା ସମସ୍ତ ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତି ଗୁଡିକ ସଫେଇ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି । ସହରର ବାଇପାସ ଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି,ଏନଏସି ଅଫିସ ଆଗରେ ଥିବା ପ୍ରଥମ ନଗରପାଳ କ୍ଷିତିଶ ରାୟ, ଉପଜିଲ୍ଲାପାଳ ଅଫିସ ପରିସରରେ ମଧୁବାବୁ,କେସି ହାଇସ୍କୁଲ ପରିସରରେ ଥିବା ପଣ୍ଡିତ ଗୋପବନ୍ଧୁ, ମହାତ୍ମାଗାନ୍ଧି, ମଧୁବାବୁ, ଫକୀରମୋହନ, ସୁବାଷ ଚନ୍ଦ୍ର ବୋଷ,ରାଜା କିଶୋର ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ,କୈଳାସଚନ୍ଦ୍ର ମହାନ୍ତିଙ୍କ ପ୍ରତିମୂର୍ତ୍ତି ଧୋଇ ସଫେଇ କରିବାପରେ ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି । ସାମ୍ବାଦିକ ବ୍ରଜକିଶୋର ପାଣି ଏଭଳି ନିଆରା କାର୍ଯ୍ୟକ୍ରମର ମଙ୍ଗ ଧରିଥିଲେ । ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିବା ବେଳେ କେସି ହାଇସ୍କୁଲର ପ୍ରଧାନ ଶିକ୍ଷକ ଭୀମସେନ ବିଶ୍ୱାଳ,ସ୍କୁଲ ପରିଚାଳନା କମିଟିର ସଭାପତି ଲକ୍ଷ୍ମୀଧର ରାଉଳ, ଶିକ୍ଷକ ଓ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏହି ଆନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସରେ ପ୍ରତିମୂର୍ତ୍ତି ଗୁଡିକରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।ତେବେ ଦେଶମାତୃକା ପାଇଁ ନିଜକୁ ସମର୍ପିତ କରିଥିବା ଏହି ମହାନ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତ୍ତିକୁ ଆଗାମୀ ଦିନ ମାନଙ୍କରେ କେବେ ଅବହେଳା ନକରିବାକୁ ସମସ୍ତେ ଶପଥ ନେଇଥିଲେ ।

## ୨୦ ବର୍ଷ ଧରି ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମା' 'ସୀତା'

ଉଦଳା , ୨୧/୪ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଉଲଦା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଫାଗୁ ସୋରେନଙ୍କର ଦେହାନ୍ତ ହୋଇଯିବା ପରେ ଆଜକୁ ୨୦ ବର୍ଷ ଧରି ତାଙ୍କର ସହଧର୍ମିଣି ସୀତା ସୋରେନ ବିଧବା ଜୀବନ ବିତାଇବା ସାଙ୍ଗକୁ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ବିଧବା ମା' ମାନଙ୍କୁ ସରକାର ସାମାଜିକ ସୁରକ୍ଷା ଯୋଜନାରେ ଯୋଗାଇଦେଉଥିବା ଭତା 'ସୀତା' ଏ ପର୍ଯ୍ୟନ୍ତ ପାଇପାରିନଥିବାର କଥା ଗଣମାଧ୍ୟମକୁ ଜଣାଇଛନ୍ତି । ଏଥିପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର 'ସୀତା' ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜନଜାଗୃତି ମଂଚର ସଦସ୍ୟ ରୁପାଏ ବାସ୍କେ ଦାବି ଜଣାଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସମ୍ବଲପୁରରେ ୧୪୦୦...

ଭୁବନେଶ୍ୱର ବାହାରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ସଭା ହୋଇଥିବାରୁ ଲୋକଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ଭରପୁର ଉତ୍ସାହ । ସେହିଠାରେ ହିଁ ୧୮ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୯ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ଦିଆଯାଇଛି । ସମସ୍ତଙ୍କ ଦୁଃଖ ଶୁଣି ସମାଧାନ ପାଇଁ ଆଶ୍ୱସନା ଦେଇଛନ୍ତି ସିଏମ । ଜନ ଅଭିଯୋଗ ଶୁଣାଣି ପାଇଁ ପୋଲିସ ପ୍ରଶାସନ ତରଫରୁ ହୋଇଥିଲା ବ୍ୟାପକ ବ୍ୟବସ୍ଥା । ୧୮ ପ୍ଲାଟୁନ ଫୋର୍ସ ସହ ବରିଷ୍ଠ ଅଧିକାରୀ ମୁତୟନ ହୋଇଥିଲେ ।

### ନୀଳମଣି ମହାବିଦ୍ୟାଳୟର ...

ପାଣି ଚଳିତ ବର୍ଷ ମହାବିଦ୍ୟାଳୟ ୫୦ ତମ ପ୍ରତିଷ୍ଠା ଦିବସ ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଥିବା ବେଳେ ବସନ୍ତ ଉତ୍ସବର ରୌପ୍ୟ ଜୟନ୍ତୀ ପାଳନ ଏକ ଶୁଭ ସୂଚନା ବୋଲି ମତ ଦେଇଥିଲେ । ବିଭାଗର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ ଓ କବିତା ଆବୃତି ପ୍ରତିଯୋଗିତାକୁ ଅଧାପିକା ରଶ୍ମିତା ମହାପାତ୍ର, ଅଧାପିକା ପିନାକ୍ଷୀ ପଣ୍ଡା, ଅଧାପିକା ରୋଜାଲିନ ସ୍ୱାଇଁ, ଅଧାପିକା କଳ୍ପନା ମଞ୍ଜରୀ ପାତ୍ର, ବାସନ୍ତୀ ସାହୁ, ଅଧାପକ ବିଜୟ ବେହେରା, ଡ଼. ତପନ କୁମାର ଦାସ, ଲାଙ୍ଗାମ ହାସ୍ ?, ଡ. ଶାନ୍ତନୁ ଜେନା, ଜୟନ୍ତ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ । କବିତା ପାଠରେ ଅଂଶଗ୍ରହଣ କରିଥିବା ବସୁମତି ବାରିକ, ପ୍ରଜ୍ଞା ପାରମିତା, ଚର୍ଚ୍ଚିତା, ସଞ୍ଜୟ ପ୍ରଧାନ, ମଞ୍ଜୁଲତା, ଅଜୟ, ପ୍ରମୁଖ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା' ତରଫରୁ ସ୍ୱତନ୍ତ୍ର ମାନପତ୍ର ସହ ନବକବି ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ ହୋଇଥିଲେ । ଅଧାପକ ଶ୍ରୀଧର ବେହେରା ଧନ୍ୟବାଦ ଅର୍ପଣ କରିବା ସହ ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା, ଅଣ-ଶିକ୍ଷକ କର୍ମଚାରୀ, ମିଡ଼ିଆ ବନ୍ଧୁଙ୍କୁ ରୌପ୍ୟ ଜୟନ୍ତ ଉତ୍ସବର ସଫଳତା ପାଇଁ କୃତଜ୍ଞତା ଜଣାଇଥିଲେ । ଶେଷରେ ମହାବିଦ୍ୟାଳୟର ସଙ୍ଗୀତ ଗାନ ସହ ଓଡ଼ିଆ ଅସ୍ମିତାର ପ୍ରତୀକ 'ବନ୍ଦେ ଉତ୍କଳ ଜନନୀ' ଗାନ କରି ମାତୃଭୂମି ଓ ମାତୃଭାଷାକୁ ସମ୍ମାନ ଜଣାଇ ଉତ୍ସବର ପରିସମାପ୍ତି ଘଟିଥିଲା ।

### ଯାତ୍ରା ବିବାଦ ମଞ୍ଚରେ...

ଗାଁରେ ଗତ ଦୁର୍ଗାପୂଜା ଅବସରରେ ୩ ରାତି ଯାତ୍ରା ପରିବେଷଣ ପାଇଁ ବାଘାଯତୀନ ଲୋକନାଟ୍ୟକୁ ୪ ଲକ୍ଷ ଟଙ୍କା ଅଗ୍ରୀମ ଦିଆଯାଇଥିଲା । ଯାତ୍ରା ହେବ ବୋଲି ନିଆଳହାଟ ଦଶରା ପଡ଼ିଆରେ ଟେଣ୍ଟ ବାଉଁଶ ବନ୍ଧା ହେବା ସହ ସବୁ ଯାତ୍ରା ଉପକରଣ ବି ଆସିଥିଲା, ହେଲେ ଆଜିଯାଏଁ ନା ଯାତ୍ରା ହେଲା, ନା ମାଲିକ ଟଙ୍କା ଫେରାଉଛନ୍ତି । ତେବେ ଯାତ୍ରାପାର୍ଟି ଭାଙ୍ଗିଯିବାରୁ ଏଭଳି ସମସ୍ୟା ହୋଇଥିବା କହି ଆସନ୍ତା ୨୫ ତାରିଖ ସୁଦ୍ଧା ସବୁ ଟଙ୍କା ଫେରସ୍ତ କରାଯିବ ବୋଲି କହିଛନ୍ତି ବାଘାଯତୀନ ଲୋକନାଟ୍ୟର ପରିଚାଳକ । ତେବେ ଏହା ପରେ ପୁଣି ଆରମ୍ଭ ହୋଇଯାଇଛି ପାର୍ବତୀ ଗଣନାଟ୍ୟର ପରିଚାଳକ ଜଗତଜୀବନ ପଣ୍ଡା ଏବଂ ବାପି ପଣ୍ଡାଙ୍କ ମଧ୍ୟରେ ଯାତ୍ରା କଳି । ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ଜଗତଜୀବନ କହିଛନ୍ତି, 'ମୁଁ ଗଣମାଧ୍ୟମକୁ ଆସିବିନି । ବାପି ପଣ୍ଡା ଓ ମୋ ଭିତରେ ଶୀତଳ ଯୁଦ୍ଧ ଚାଲିବ । ମୁଁ ସ୍ୱର ନରମାଇଥିଲି । କିନ୍ତୁ ବାପି ପଣ୍ଡା ନିଆଁ ଲଗାଇଲେ । ଏଥିରେ କୌଣସି କଳାକାର ଅନ୍ତର୍ଭୁକ୍ତ ନାହାନ୍ତି ।' ଅପରପକ୍ଷରେ ନିଜର ପ୍ରତିକ୍ରିୟା ରଖି ବାପି ପଣ୍ଡା କହିଛନ୍ତି, ' ଶୀତଳ ଯୁଦ୍ଧ ଆରମ୍ଭ କରିଦେବ, ମତେ ମାରିଦେବ, ମାରିଦିଅ । ତଥାପି ମୋ ଫଟୋ ରହିବ ଫଟୋରେ ଫୁଲ ମାଳ ରହିବ । ସେଇ ଫଟୋ ଦେଖି ହଜାରେ ବାପି ପଣ୍ଡା ତିଆରି ହୋଇଯିବେ । ଶେଷ ରକ୍ତ ବିନ୍ଦୁ ଥିବା ଯାଏଁ ବାପି ପଣ୍ଡା କେବେ ପଛ ଘୁଞ୍ଚା ଦେବ ନାହିଁ ।' ତେବେ ନିଇତି ନୂଆ ନୂଆ ବିବାଦରେ ଛନ୍ଦି ହେଉଥିବା ଜଲିଉଡ୍, ଏଭଳି ସ୍ଥିତିରୁ କେବେ ଏବଂ କେମିତି ମୁକୁଳୁଛି ଏବେ ତା'ଉପରେ ସବୁ କଳାକାର ଓ ଯାତ୍ରାପ୍ରେମୀଙ୍କ ନଜର ।

### ଆଶୀର୍ବାଦ ନିଖୋଜ...

ଗତକାଲି ଖୋର୍ଦ୍ଧା-ପଟ୍ଟନାୟିକିଆ ମୁଖ୍ୟ ରାସ୍ତାର ହାଟ ଡେଲାଙ୍ଗ ଠାରେ ଟାୟାର ଜାଳି ରାସ୍ତାରୋକ କରିଥିଲେ ନିଖୋଜ ନାବାଳକଙ୍କ ପରିବାର ଲୋକ ଓ ଗ୍ରାମବାସୀ । ହେଲେ ବିଳମ୍ବିତ ରାତିରେ ମୃତ ନାବାଳକଙ୍କ ଘର ନିକଟସ୍ଥ ଏକ ପାଇଖାନା ଟାଙ୍କିରୁ ତାଙ୍କର ଗଳିତ ମୃତଦେହ ଉଦ୍ଧାର ହୋଇଥିଲା । ଘଟଣାକୁ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଆବିର୍ଭାବ ଉତ୍ସବ

ଖଇରା, ୨୧/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରଡାଙ୍ଗ ସତସଙ୍ଗ ଉପଯୋଜନା କେନ୍ଦ୍ର ଆନୁକୂଲ୍ୟରେ ରବିବାର ସଂଧ୍ୟାରେ ସାରଡାଙ୍ଗ ଖେଳ ପଡିଆରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୭ତମ ଆବିର୍ଭାବ ଉତ୍ସବ ପାଳିତ ହୋଇ ଯାଇଛି । ସରପ୍ରତିରିତ୍ୱିକ ରବିନାରାୟଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମଣିଷର ଦୈନିକ ଜିବନଧାରାରେ ଠାକୁର ବାଣୀ ର ଉପଯୋଗିତା ଉପରେ ଆଲୋକପାତ କରିଥିଲେ । ସହପ୍ରତିରିତ୍ୱିକ ମହେଶ୍ୱର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବିଷ୍ଣୁମୋହନ ଉପାଧ୍ୟାୟ,ନରେନ୍ଦ୍ର ପଣ୍ଡା,ପ୍ରତାପ ଚନ୍ଦ୍ର ବେହେରା, ରଘୁନାଥ ଘଡେଇ, ଦୁର୍ଯୋଧନ ନାୟକ ତଥା ସମସ୍ତ ଗୁରୁଭାଇ ଓ ମାତୃମଣ୍ଡଳୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

# ସାରସ୍ୱତ ସାଧନା ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୨୧/୪ (ନି.ପ୍ର): ବାସୁଦେବପୁର ତୃପ୍ତି ମହିଳା ମହାବିଦ୍ୟାଳୟ ପରିସରରେ ସାରସ୍ୱତ ସାଧନା ପରିଷଦର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ସାହିତ୍ୟିକ ଡକ୍ଟର ବସନ୍ତ କୁମାର ଦାସ । ବିଶିଷ୍ଟ ଆଧାତ୍ମିକ ପ୍ରବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଆଖଣ୍ଡଳମଣି ମହାବିଦ୍ୟାଳୟର ଅଧକ୍ଷ ନୀହାର ରଞ୍ଜନ କର,ନାଟ୍ୟଶ୍ରୀ ନିର୍ମଳ ରାଉତ, ଗୀତିକାର ପୀତାମ୍ବର ମିଶ୍ର, ଓଡିଆ ଚଳଚିତ୍ର ନିର୍ଦ୍ଦେଶକ ସୁବାସ ରାମ, ସତ୍ୟସାଇ ସେବା ସଂଗଠନର ବୃନ୍ଦାବନ ଚନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସାହିତ୍ୟ ଓ କଳା ସଂସ୍କୃତିର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଏହି ଅବସରରେ ତୃପ୍ତି ମହିଳା ମହାବିଦ୍ୟାଳୟ ଅଧକ୍ଷା ସ୍ନିଗ୍ଧା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇ ଥିଲା । କବିତା ସଂଯୋଜନା କରିଥିଲେ କବି ଶାନ୍ତିଲତା ପଣ୍ଡା ଓ ଅଧାପକ ରଶ୍ମି ରଞ୍ଜନ ପାଣିଗ୍ରାହୀ । ବହୁ କବି କବିତା ପାଠ କରିଥିଲେ । ଶହୀଦ ତୀର୍ଥଯାତ୍ରା ସଂଘ ପ୍ରତିଷ୍ଠାତା ବୈଲୋଚନ ଜେନା, କବି ବିକାଶ ଶତପଥୀ, କବି ସଦାନନ୍ଦ ପାଣିଗ୍ରାହୀ, ରଙ୍ଗରାଗ ସାହିତ୍ୟ ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି , କବି ପ୍ରହ୍ଲାଦ ବାରିକ, କବି ବସନ୍ତ କୁମାର ବାରିକ, ଭାଗୀରଥି ମହନି, ଗୋପାଳ ଚନ୍ଦ୍ର ମହାକୁଡ଼, କବି କୈଳାସ ଚନ୍ଦ୍ର ପାଢ଼ୀ, ପାର୍ଥ ସାରଥି ବାରିକ ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇଥିଲେ । ଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । କବି ଗୟାଧର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ କବି ଚାରୁଲତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଳେଶ୍ୱରରେ ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ମହାସମାରୋହରେ ପାଳିତ



ଜଳେଶ୍ୱର, ୨୧/୪ (ନି.ପ୍ର): ରୋଟାରୀ କ୍ଲବ ଅଫ ସୁବର୍ଣ୍ଣରେଖା ରାଇବଣିଆ ଓ ଜଳେଶ୍ୱର ବିକାଶ ପରିଷଦ ସଂଗଠନର ମିଳିତ ଆହ୍ୱାନ କ୍ରମେ ଜଳେଶ୍ୱରରେ ପ୍ରଥମ ଥର ପାଇଁ ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ଆଜି ମହାସମାରୋହରେ ପାଳିତ ହୋଇଯାଇଛି ।ଧିରେ ଧିରେ ଏହାର ସୁଦୂର ପ୍ରସାରୀ ହୋଇ ସମଗ୍ର ବିଶ୍ୱକୁ ଏକ ସୁବାର୍ତ୍ତା ଜଳେଶ୍ୱରରୁ ପ୍ରେରିତ ହେଉଥିବାରୁ ଜଳେଶ୍ୱରବାସୀ ଗର୍ବ ଅନୁଭବ କରିଛନ୍ତି ।ଏହି କ୍ରମରେ ଜଳେଶ୍ୱରରେ ଏହି ଦିବସକୁ ଅତ୍ୟନ୍ତ ଶ୍ରଦ୍ଧା ଓ ଆନ୍ତରିକତାର ସହିତ ପାଳନ କରାଯାଇ ସକାଳ ୭ଘଟିକାରେ ବଡ଼ବଜାର ଛକ ନିକଟରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପରିଷ୍କାର କରାଯାଇଥିଲା ।ପରେ ପରେ ପୁରୁଣା କୋର୍ଟ ନିକଟରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି,ନୂଆବଜାର ପୌରପରିଷଦର ଦୀନକୃଷ୍ଣ ଶିଶୁ ଉଦ୍ୟାନ ପରିସରରେ ଥିବା ଭକ୍ତକବି ଦୀନକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତି,ପୂର୍ବତନ ନଗରପାଳ ହିମାଂଶୁ ନନ୍ଦୀଙ୍କ ପ୍ରତିମୂର୍ତ୍ତି ସ୍ଥଳ ସଫେଇ ଓ ପ୍ରତିମୂର୍ତ୍ତି ଧୋଇବା ପରେ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ସ୍ମୃତି ଚାରଣ ଓ ଏ ଦିବସ ପାଳନ ସମ୍ପର୍କରେ ଉଦବୋଧନ ଦେଇଥିଲେ । ଅନୁରୂପ ଭାବେ ଉଭୟ ସଂଗଠନ ଓ ଲୋକପ୍ରତିନିଧି ଜଳେଶ୍ୱର ବ୍ଲକ ପରିସରରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀ ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିକୁ ସଫେଇ କରି ଉକ୍ତ ଦିବସକୁ ଅତ୍ୟନ୍ତ ଶ୍ରଦ୍ଧାର ସହିତ ପାଳନ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ରୋଟାରୀ କ୍ଲବ ଅଫ ସୁବର୍ଣ୍ଣରେଖା ରାଇବଣିଆର ସମ୍ପାଦକ ସୁକୁମାର ରଣା ଓ ଜଳେଶ୍ୱର ବିକାଶ ପରିଷଦର ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ପାଦକ ମନୋରଞ୍ଜନ ଦାସ ଓ କୋଷାଧକ୍ଷ ସୌଭିକ କୁମାର ଜେନା,ଯୁବ ସମାଜସେବୀ ଆନନ୍ଦ କର,କାଉନସିଲର ଚନ୍ଦନ ଦାସ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୁରଲୀ ମୋହନ ପ୍ରଧାନ,କତାଶିଳ୍ପ ବ୍ୟବସାୟୀ କେଦାରନାଥ ପରିଡ଼ା, ବୀମା ଅଭିକର୍ତ୍ତା ଦିଲ୍ଲୀପ ଦାସ ଅଧିକାରୀ ପ୍ରମୁଖ କର୍ମକର୍ତ୍ତା ପରିଚାଳନା କରିଥିଲେ ।

# ସଦାଶିବ ତ୍ରିପାଠୀଙ୍କ ଭଳି ନିଷ୍କଳଙ୍କ ରାଜନେତା ବିରଳ

ଭୁବନେଶ୍ୱର, ୨୧/୪ (ନି.ପ୍ର): ଡଃ ସଦାଶିବ ତ୍ରିପାଠୀଙ୍କ ଭଳି ଜଣେ ସତ୍ୟନିଷ୍ଠ ସ୍ୱାଧୀନତା ସଂଗ୍ରାମୀ, ନିଷ୍କଳଙ୍କ ଓ ଆଦର୍ଶ ରାଜନେତା ଓ ସଫଳ ପ୍ରଶାସକ ବିରଳ ବୋଲି ସ୍ଥାନୀୟ ଜୟଦେବ ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ଯୁଗ୍ମ ଆନୁକୂଲ୍ୟରେ ଆୟୋଜିତ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଉତ୍ସବରେ ମୁଖ୍ୟମନ୍ତ୍ରୀ ଅତିଥି ଭାବେ ଯୋଗଦେଇ ଯାଜପୁର ସାଂସଦ ଡ଼. ରବୀନ୍ଦ୍ର ନାରାୟଣ ବେହେରା, ଡଃ ସଦାଶିବ ତ୍ରିପାଠୀଙ୍କ ଅମ୍ଳାନ ଜୀବନାଦର୍ଶ ଓ ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ ସବୁଠାରୁ ଲୋକପ୍ରିୟ, ନିଷ୍କଳଙ୍କ, ନିର୍ମଳ ବ୍ୟକ୍ତିତ୍ୱସଂପନ୍ନ ମୁଖ୍ୟମନ୍ତ୍ରୀ ରୂପେ ତାଙ୍କର ଭାବମୂର୍ତି ଓଡ଼ିଶାର ରାଜନୈତିକ ପରମ୍ପରାକୁ ଉଦ୍‌ଭାସିତ କରିଥିଲା । ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ୧୯୬୫ ଫେବୃଆରୀ ୨୧ରୁ ୧୯୬୭ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ତାଙ୍କ ଉଦ୍ୟମରେ ବ୍ରହ୍ମପୁର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇ ରାଜ୍ୟର ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତନ ଆସି ପାରିଥିଲା । ଆଦିବାସୀମାନଙ୍କ ମଧ୍ୟରେ ସେ ଦେଶପ୍ରେମର ବହ୍ନି ପ୍ରଜ୍ୱଳନ କରିଥିଲେ । ଜମିଦାରୀ ପ୍ରଥା, ଗୋତି ପ୍ରଥା, ଭୂଦାନ ଆନ୍ଦୋଳନର କର୍ଣ୍ଣଧାର ସାଜି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ଭୂଦାନ କାର୍ଯ୍ୟକ୍ରମରେ ତାଙ୍କ ନିଷ୍ଠାପରତା ଉଲ୍ଲେଖନୀୟ ବୋଲି କହିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଏହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଡ. ବେହେରା ମତବ୍ୟକ୍ତ କରିଥିଲେ ।

ଓଡ଼ିଶାର ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟବକ୍ତା ରୂପେ ଯୋଗଦେଇ କହିଲେ ଯେ ୧୯୧୦ ମସିହା ଆଜିର ଦିନରେ ସେ ନବରଙ୍ଗପୁର ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପ୍ରାରମ୍ଭିକ ଜୀବନ ଶିକ୍ଷକତାରୁ ଆରମ୍ଭ ହୋଇଥିଲା । ଶିକ୍ଷକ ଯେବେ ଶାସନର ହାତ ଧରେ ସେତେବେଳେ ସମାଜରେ ଏକ ପରିବର୍ତ୍ତନ ଆସେ । ଇଂରେଜ ଶାସନର ବିରୋଧ କରି ମହାତ୍ମା ଗାନ୍ଧୀଙ୍କ ଓ ଗୋପବନ୍ଧୁଙ୍କ ଆହ୍ୱାନ କ୍ରମେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ରାଜ୍ୟ ମନ୍ତ୍ରୀମଣ୍ଡଳରେ ସେ ବିଭିନ୍ନ ସମୟରେ ରାଜସ୍ୱ, ଅବକାରୀ, ସମବାୟ ବିଭାଗର ମନ୍ତ୍ରୀ ଭାବେ ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ ।


**AFFIDAVIT**

An affidavit before the executive Magistrate Basudevpur, I, Sagar Maity, aged about 29 yrs, S/o- Pramod Maity, resident At- Bideipur Pal, Po- Bideipur Pal, P.S.- Kasia Marine, Dist- Bhadrak, Odisha solemly and affirm and declare that my name is "Sagar Maity" which is mentioned Aadhaar card No- 274686524555 but my name "Sapneswra Maity" has been mentioned in my School leaving certificate and Voter ID Card No - TZB0949859. I declare that Sagar Maity and Sapneswra Maity is one and same person.

**Sagar Maity**

ମଙ୍ଗଳବାର, ଏପ୍ରିଲ ୨୨, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନୀଳଗିରି ସିପିଆଇର ତ୍ରୟୋଦଶ ଆଞ୍ଚଳିକ କମିଟି ସମ୍ମିଳନୀ ଅନୁଷ୍ଠିତ

ନୀଳଗିରି , ୨୧/୪ (ନି.ପ୍ର): ନୀଳଗିରି ଉପଖଣ୍ଡ ଏନ.ଏ.ସି କଲ୍ୟାଣ ମଣ୍ଡପ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଆଞ୍ଚଳିକ କମିଟି ତରଫରୁ ଦଳର ଶତବାର୍ଷିକ ଉପଲକ୍ଷେ ଆୟୋଜିତ ୩ଦିନିଆ କାର୍ଯ୍ୟକ୍ରମର ସୋମବାର ଅନ୍ତିମ ଦିବସରେ ତ୍ରୟୋଦଶ ଆଞ୍ଚଳିକ କମିଟି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି କ୍ଷଉକ୍ତ ସମ୍ମିଳନୀରେ ସଭାପତି ମଣ୍ଡଳୀ ସଦସ୍ୟ କୈଳାଶ ଚନ୍ଦ୍ର ପଣ୍ଡା, ନାରୀନେତ୍ରୀ ବାସନ୍ତୀ ନାୟକ ଏବଂ ଆଦିବାସୀନେତା ଜଗନ୍ନାଥ ଟୁଡୁ ମଞ୍ଚାସିନ ସମ୍ମିଳନୀର ଶୁଭାରମ୍ଭ କରିଥିଲେ ।ଉକ୍ତ ସମ୍ମିଳନୀର ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ ମଧ ଉପସ୍ଥିତଥିଲେ କ୍ଷ ମଞ୍ଚପରିଚାଳନା କରିଥିଲେ ଜୋନ ସମ୍ପାଦକ ବିଜୟ କୁମାର ସ ।୧୯ତାରିଖ ଆୟୋଜିତ ସମ୍ମିଳନୀର ପ୍ରଥମ ଅଧିବେଶନରେ ସାଙ୍ଗଠନିକ ଚିଠାପ୍ରସ୍ତାବ ଜୋନ ସମ୍ପାଦକ ବିଜୟ କୁମାର ସ ଙ୍କ ଦ୍ୱାରା ପାରିତ କରାଯାଇଥିବା ବେଳେ ୨୦ତାରିଖ ଦିବା ୧୦ଘଟିକା ସମୟରେ ପୂର୍ବତନ ରାଜ୍ୟ ସମ୍ପାଦକ ଦିବାକର ନାୟକଙ୍କ ଦେହାନ୍ତ ଖବରପାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ୨ ମିନିଟ ନୀରବ ପ୍ରାର୍ଥନା କରିବାପରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପରେ ଦ୍ୱିତୀୟ ଅଧିବେଶନରେ ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକଙ୍କ ଦ୍ୱାରା ଆଗତ ରାଜନୈତିକ ଚିଠା ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଗୃହୀତ କରାଯାଇଥିଲା। ସୋମବାର ତୃତୀୟ ତଥା ଅନ୍ତିମ ଦିବସରେ ସାଙ୍ଗଠନିକ ନିର୍ବାଚନ ହୋଇଥିଲା ।ବିଜୟ କୁମାର ସ ଜୋନସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ଯୁଗ୍ମ ସମ୍ପାଦକ ଭାବେ ଅଜୟ କୁମାର ପଟ୍ଟନାୟକ ଏବଂ ପୁରୁଷୋତ୍ତମ ସେଠିଙ୍କୁ ମନୋନୀତ କରାଯାଇଛି। ମହିଳା ସଭାପତି ଭାବରେ ନାରୀନେତ୍ରୀ ଗାୟତ୍ରୀ ପଣ୍ଡାଙ୍କୁ ନିର୍ବାଚିତ କରାଯାଇଥିଲା। ସଙ୍ଘର ଯୁବସଭାପତି ଭାବେ ନିହାର ରଞ୍ଜନ ଜେନା ମନୋନୀତ ହୋଇଥିଲେ।

# ପାରାଦୀପ ବନ୍ଦର ପକ୍ଷରୁ ଅଗ୍ନି ନିରାପତ୍ତା ସପ୍ତାହ ଉଦ୍‌ଯାପିତ



ପାରାଦୀପ, ୨୧/୪ (ନି.ପ୍ର): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଅଗ୍ନି ନିରାପତ୍ତା ସପ୍ତାହ ଉଦଯାପିତ ହୋଇଯାଇଛି। ୧୪ ଏପ୍ରିଲ ରୁ ଆରମ୍ଭ ହୋଇଥିବା ଏହି ସପ୍ତାହବ୍ୟାପି କାର୍ଯ୍ୟକ୍ରମରେ ପାରାଦୀପ ସହରର ବିଭିନ୍ନ ଗଣଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସ୍ୱେଚ୍ଛାସେବୀ ମାନେ ସାମିଲ ହୋଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ବିଭିନ୍ନ ସ୍ଥାନରେ କର୍ମଶାଳା, ଅଗ୍ନି ନିର୍ବାପନର କୌଶଳ, ଜନ ସଚେତନତା ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପାରାଦୀପ ଅଗ୍ନିଶମ ବାହିନୀ ଏଥି ନିମନ୍ତେ ସମସ୍ତଙ୍କ ସହଯୋଗକୁ କୃତଜ୍ଞତା ଜଣାଇଥିଲେ । ପାରାଦୀପ ବନ୍ଦର ଗେଟ୍ ନମ୍ବର-୪ ନିକଟରେ ଥିବା ଦମକଳ କେନ୍ଦ୍ରଠାରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବନ୍ଦର ଉପାଧକ୍ଷ ନିଲଭ୍ର ଦାସଗୁପ୍ତା ଯୋଗ ଦେଇ ଜନସାଧାରଣ ସଚେତନ ହେଲେ ଅଗ୍ନିକାଣ୍ଡ ଜନିତ ବିପର୍ଯ୍ୟୟରୁ ରକ୍ଷା ପାଇପାରିବା ବୋଲି ମତ ଦେଇଥିଲେ । ଭୟଭୀତ ନ ହୋଇ ଉପସ୍ଥିତ ବୁଦ୍ଧି ପ୍ରୟୋଗ କଲେ ଆମେ ବଡ ବିପର୍ଯ୍ୟୟରୁ ରକ୍ଷା ପାଇ ପାରିବା ବୋଲି କହିଥିଲେ। କମାଣ୍ଡାଣ୍ଟ ସନତ କୁମାର ପଟେଲ ଏହି ଉଦଯାପନୀ ସମାରୋହରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ୩୭ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ବିଧାୟକ ବାବୁ ସିଂ

ଭୁବନେଶ୍ୱର, ୨୧/୪ (ନି.ପ୍ର): ଏକାମ୍ର ନିର୍ବାଚନ ମଣ୍ଡଳୀର ୱାର୍ଡ଼ ନଂ ୫୯ ଓ ଲିଙ୍ଗିପୁର ପଞ୍ଚାୟତ ଅଞ୍ଚଳର ନୂଆଗାଁ, ମାରୁତି ନଗର,ବିଶାଳ ସିଟି, ଅପସନା ଗାଡେନ୍,ବିଜୟ ବିହାର,ରୁଦ୍ର ବିହାର,ଲିଙ୍ଗିପୁର,ଇନ୍ଦିରା କଲୋନୀ, ମୃତ୍ୟୁଞ୍ଜୟ ବିହାର,ମାରୁତି ନଗର,ଦିବ୍ୟ ବିହାର କଲୋନୀ ଓ ଏହାର ଆଖ ପାଖ ଅଞ୍ଚଳରେ ନୂତନ ରାସ୍ତା , ଡ୍ରେନେଜ୍ ଓ ସ୍ୱେରେଜ ପ୍ରକଳ୍ପ ନିର୍ମାଣର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ । ଏହି ଅବସରରେ ଶ୍ରୀ ସିଂ କହିଛନ୍ତି ଯେ,ପ୍ରତିଶ୍ରୁତି ପୂରଣ ହେଲା ।ବିକଶିତ ଏକାମ୍ର ର ସ୍ୱପ୍ନ ସାକାର ହେଲା ।ସ୍ଥାନୀୟ ଜନସାଧାରଣ ଙ୍କ ଅଭିଯୋଗ ଥିଲା ଏହି ଅଞ୍ଚଳରେ ରାସ୍ତା,ସ୍ୱରେଜ ଓ ଡ୍ରେନେଜ ବ୍ୟବସ୍ଥା ନଥିବା କାରଣରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ଏହି ଅଞ୍ଚଳ ଗୁଡ଼ିକରେ ରାସ୍ତା, ଡ୍ରେନ,ସ୍ୱରେଜ୍ ବ୍ୟବସ୍ଥା ହେବା ଦ୍ୱାରା ଜନସାଧାରଣ ଏସବୁ ଅସୁବିଧାରୁ ରକ୍ଷା ପାଇବେ ତେଣୁ ଏହି ନିର୍ମାଣ ଖୁବ୍ ଜଲ୍‌ଦୀ ସରିବ। ଏକାମ୍ର ବାସୀଙ୍କ ବିଶ୍ୱାସକୁ ନେଇ ବିଜେପି ସରକାର କାମ କରିବ। ଏହି କାର୍ଯ୍ୟକ୍ରମ ରେ ଭୁବନେଶ୍ୱର ମେୟର ସୁଲଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କଅର ,କର୍ପୋରେଟର ବିରଞ୍ଚିନାରାୟଣ ମହାସୂପକାର, ଅମରେଶ ଜେନା, ଅଜିତ ବେହେରା,ଭୁବନେଶ୍ୱର ବ୍ଲକ୍ ଅଧକ୍ଷା ନିରୁପମା ସାହୁ,ସରପଞ୍ଚ କ୍ଷୀରୋଦ କୁମାର ପ୍ରଧାନ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ,ୱାର୍ଡ଼ ମେମ୍ବର ଚିରଞ୍ଜିବ ଗୋଚ୍ଛାୟତ,ପ୍ରଶାନ୍ତ ପଟ୍ଟନାୟକ, ମମତା ସ୍ୱାଇଁ, ସମାଜ ସେବୀ ସଂଗ୍ରାମ ପାଇକରାୟ, ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବରଦା ମା' ଭଗବତୀ ହାଇସ୍କୁଲ ରଜନ୍ତ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

## ସଭା ସମ୍ବର୍ଦ୍ଧନା ଓ ନୃତ୍ୟଗୀତରେ କମ୍ପିଲା ସ୍କୁଲ ପରିସର



ଖଇରା, ୨୧/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବରଦାସ୍ଥିତ ମା ଭଗବତୀ ଉଚ୍ଚ ବିଦ୍ୟାପୀଠର ୩ଦିନିଆ ରଜନ୍ତ ଜୟନ୍ତୀ ଉତ୍ସବ ରବିବାର ସଂଧ୍ୟାରେ ନାଚଗୀତର ଆସର ମଧ୍ୟରେ ଉଦ୍‌ଯାପିତ ହୋଇ ଯାଇଛି । ସୁନାମଧନ୍ୟ ଗାୟିତା ଅନ୍ତରା ଚକ୍ରବର୍ତ୍ତୀ,ଦେବାଶିଷ ପତି ତଥା ଶେଷଦିନର ଗାୟକ ପ୍ରଭୁପାଦ ଓ ବିଷ୍ଣୁମୋହନ କବି,ଗାୟିକା ସୌମ୍ୟା ଆକର୍ଷଣର କେନ୍ଦ୍ର ସାଜିଥିଲେ । ଶୁକ୍ରବାର ବର୍ଷାଯୋଗୁଁ କାର୍ଯ୍ୟକ୍ରମ ସ୍ଥଗିତ ରହିଥିବା ବେଳେ ଶନିବାର ଦ୍ୱିତୀୟ ସଂଧ୍ୟାର ଉଦ୍‌ଘାଟନୀ ସମାରୋହରେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପୁହାଣ ପୌରହିତ୍ୟ କରିଥିଲେ । ଏଥିରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି,ସ୍ୱାମୀ ଶ୍ରୀକୃଷ୍ଣାନନ୍ଦ ଗିରି ମହାରାଜ ମୁଖ୍ୟବକ୍ତା,ବିବିସିବି ସଭାପତି ଗଣେଷ ପ୍ରସାଦ ମହାପାତ୍ର,ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ସମ୍ମାନୀତ ଅତିଥି,ଅବସରପ୍ରାପ୍ତ ଅଧ୍ୟକ୍ଷ ନାରାୟଣ ସେନାପତି ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇଥିଲେ । ସଂସ୍କାରଯୁକ୍ତ ଶିକ୍ଷା ପିଲାମାନଙ୍କୁ ଶୃଙ୍ଖଳିତ କରିଥାଏ ବୋଲି ପ୍ରକାଶ କରିଥିଲେ। ମୁଖପତ୍ର ବରଦାୟିନୀ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଉଦଯାପନୀ ସଂଧ୍ୟାରେ ପ୍ରାକ୍ତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟବକ୍ତା,ଶିକ୍ଷକ ସଂଘର ଜିଲା ସଭାପତି ଭାଗବତ ପ୍ରସାଦ ମହାନ୍ତି,ଓଷ୍ଟାର ବ୍ଲକ ସମ୍ପାଦକ ବିଷ୍ଣୁମୋହନ ମିଶ୍ର, ସରପଞ୍ଚ ପରିକ୍ଷିତ ମହାପାତ୍ର, ସମିତିସଭ୍ୟ ଅକ୍ଷୟ ଜେନା, ପ୍ରତିଷ୍ଠାତା ବ୍ରଜକିଶୋର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପିଲାଙ୍କୁ ମଣିଷ କରିବାରରେ ପ୍ରଥମ ଗୁରୁ ଭାବେ ମା ଓ ଦିତୀୟ ଗୁରୁ ଭାବେ ବିଦ୍ୟାଳୟର ଶିକ୍ଷକଙ୍କ ଭୂମିକା ଗୁରୁତ୍ୱ ପୁର୍ଣ୍ଣ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ଏହି ଅବସରରେ ବିଦ୍ୟାଳୟରେ ଶିକ୍ଷାଦାନ କରିଥିବା ଶିକ୍ଷୟତ୍ରୀ ଶିକ୍ଷକ, କାର୍ଯ୍ୟରତ କର୍ମଚାରୀ, ପାଚିକା ସହାୟିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବଟେଶ୍ୱର ଗ୍ରାମରୁ ଚୋରି: ଖଇରା ପୋଲିସର ତନାଘନା

ଖଇରା, ୨୧/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ମାୟାଧର ମହାପାତ୍ରଙ୍କ ଘରୁ୧୯ତାରିଖ ରାତିରେ ଚୋରୀ ହୋଇ ଯାଇହୋଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି । ମାୟାଧର ପୁଅ ସୁଜିତ ଖଇରା ଥାନାରେ କରିଥିବା ଅଭିଯୋଗ ମୁତାବକ ତାଙ୍କ ଘରେ ରହୁଥିବା ଜଣେ ଭଡାଟିଆଙ୍କର ଏଭଳି କାର୍ଯ୍ୟରେ ସଂପୃକ୍ତିଥିବା ନେଇ ଉଲ୍ଲେଖ କରିଛନ୍ତି । ଚୋରମାନେ ପଛପଟ କବାଟ ଭାଙ୍ଗି ଘରେ ପଶିବା ପରେ ପ୍ରତ୍ୟେକ ଘର ତାଲା ଭାଙ୍ଗି ବହୁ ଜିନିଷ ପତ୍ର ନେଇ ପଳାଇଛନ୍ତି । ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଳିକ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି । ଏବଂ ଘଟଣା ତଦନ୍ତ ଚାଲିଥିବା ସେ କହିଛନ୍ତି ।

# ୪ ବର୍ଷ ହେବ ଉଠୁଛି ଚାଉଳ ହେଲେ ପାଉନାହାନ୍ତି ହିତାଧିକାରୀ

## ଅଧିକାରିଣୀ କାର୍ଯ୍ୟଦକ୍ଷତାକୁ ନେଇ ଉଠିଲା ପ୍ରଶ୍ନ



ନୀଳଗିରି, ୨୧/୪ (ନି.ପ୍ର): ୪ ବର୍ଷ ହେବ ଉଠୁଛି ରାସନ ହେଲେ ପାଉନାହାନ୍ତି ହିତାଧିକାରୀ। ତେବେ ଚାଉଳ ଯାଉଛି କୁଆଡେ ଆଉ ଏହାକୁ ଖାଉଛି କିଏ? ଆୟୁଷ୍ମାନ କାର୍ଡ ଧରାଇଦେଇଛି ଚାଉଳ ହଡପର ସତ କାହାଣୀ । ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ଆରବନ୍ଧ ପଞ୍ଚାୟତ ଭଣ୍ଡଗାଁର ସ୍ୱର୍ଗତ ଦାମୋଦର ପାଣିଆଡିଆଙ୍କ ଝିଅ ରାଣୀ ପାଣିଆଡିଆ(୪୫) ଜଣେ ଅଶିକ୍ଷିତା ଓ ଗରିବ ଶ୍ରେଣୀର ମହିଳା।ଦୀର୍ଘ ୧୦ବର୍ଷ ହେବ ସେ ନିଜର ବାପ ମା ଙ୍କୁ ହରାଇଥିବା ବେଳେ ଏକାକୀ ଦୁଃଖ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି।୪ବର୍ଷ ତଳେ ରାସନ କାର୍ଡରେ ଯୋଗ୍ୟ ବିବେଚିତ ହେବା ସହ ତାଙ୍କୁ ଏକ କାର୍ଡ ପ୍ରଦାନ କରାଯାଇଥିଲା । ଯାହାର ନଂ ୦୨୦୭୦୨୧୦୬୧୮ ଅଟେ । ହେଲେ ତାଙ୍କୁ ଚାରିବର୍ଷ ହେବ ରାସନ ସାମଗ୍ରୀ ପ୍ରଦାନ କରାଯାଉନାହିଁ ବୋଲି ରାଣୀ ଖାଉଟିକଲ୍ୟାଣ ଅଧିକାରିଣୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ହେଲେ ସେ କାର୍ଡ ପାଇବାପରେ ପ୍ରତ୍ୟକ ମାସ ଡିଲରଙ୍କୁ ଦେଖାକରିଥିଲେ ବି ତମର କାର୍ଡ କଟିଯାଇଛି କହିବା ସହ ଡିଲର ଗାଳିଗୁଲଜ କରିଥିଲେ। ହେଲେ ନୂତନ ସରକାରଙ୍କ ଆୟୁଷ୍ମାନ କାର୍ଡ ଆସିବାରୁ ତାଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଯେଉଁଥିରେ ତାଙ୍କର ରାସନ ନମ୍ବର ଲେଖାରହିଥିଲା । ତେଣୁ ସେ ଜାଣିବାକୁ ପାଇଥିଲେ କି ତାଙ୍କର ରାସନ ଅଦ୍ୟାବଧି ରହିଛି । କଟିନାହିଁ । କେହି ଜାଲ କରି ତାଙ୍କ ରାସନ ସାମଗ୍ରୀକୁ ଚଲୁ କରୁଛି। ଏ ନେଇ ସ୍ଥାନୀୟ ସରପଞ୍ଚ କୁଳମଣି ନାୟକଙ୍କୁ ଜଣାଇବାପରେ ଉଭୟ ଆଜି ନୀଳଗିରି ଖାଉଟି କଲ୍ୟାଣ ଅଧିକାରିଣୀଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି ।ତଦନ୍ତ କରାଯାଇ ତାଙ୍କୁ ଚାରି ବର୍ଷର ରାସନ ସାମଗ୍ରୀ ସହ ଯିଏ ଏଭଳି ଚଞ୍ଚକତା କରିଛି ତା ବିରୋଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ରାଣୀ ଦାବୀ କରିଛନ୍ତି ।ଏନେଇ ଖାଉଟୀ କଲ୍ୟାଣ ଅଧିକାରିଣୀ ରାଜଲକ୍ଷ୍ମୀ ପଣ୍ଡାଙ୍କୁ ପଚାରିବାରୁ ଏବେ ମୋତେ ସମୟ ନାହିଁ ଆସନ୍ତା ସୋମବାରକୁ ମୁଁ ଦେଖିକି ଯାହା ଜଣେଇବି ବୋଲି କହିଥିଲେ। ନୀଳଗିରି ବ୍ଲକରେ ପୂର୍ବରୁ ମଧ ନରଣପୁର ପଞ୍ଚାୟତରେ ଜଣେ ଦିବ୍ୟାଙ୍ଗ ହିତାଧିକାରୀ ଚିତ୍ତରଞ୍ଜନ ସାହୁଙ୍କୁ ମଧ ୬ ବର୍ଷର ଚାଉଳ ପ୍ରଦାନ କରାନଯାଇ ଡିଲର ଚଞ୍ଚକତା କରି ଚାଉଳକୁ ହଡପ କରୁଥିଲେ ।ନୀଳଗିରି ବ୍ଲକରେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଖାଉଟି କଲ୍ୟାଣ ଅଧିକାରିଣୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବୁଦ୍ଧିଜୀବି ମାନେ ଦାବି କରିଛନ୍ତି।

# ବାଲେଶ୍ୱରରେ ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳିତ



ବାଲେଶ୍ୱର, ୨୧/୪ (ନି.ପ୍ର): ବାଲେଶ୍ୱର ଦର୍ଶନ ପ୍ରତିନିଧି ଓ ଯୁବ ବିକାଶ ସାମାଜିକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ବାଲେଶ୍ୱର ସହରରେ ବିଭିନ୍ନ ପ୍ରତିମୂର୍ତ୍ତି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଏଥିରେ ଉଦଘାଟକ ଭାବେ ଯୁବ ବିକାଶର ଅଧକ୍ଷ ଗୋବିନ୍ଦ ଦଳାଇ, ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁଦାସ, ପ୍ରଶାନ୍ତ କୁମାର ପାଢୀ, ଅରୁଣ କୁମାର ସ୍ୱାଇଁ, ଆଶିଷ ଚକ୍ରବର୍ତ୍ତୀ, ବିଶ୍ୱଜିତ ପରମାଣିକ, କବି ଅଭୟ ଦାସ, ଚନ୍ଦ୍ରାଂଶୁ ବାନାର୍ଜୀ, ରାଜେଶ ପାଢ଼ୀ, ଜଗଜ୍ୟୋତି ମହାନ୍ତି, ସୁବାସ ଖୁଣ୍ଟିଆ, ଲକ୍ଷ୍ମୀପ୍ରିୟା ମାରାଣ୍ଡି ପ୍ରଭୃତି ଯୋଗଦାନ କରିଥିଲେ । ସକାଳ ୮ ରେ ଆରମ୍ଭ ହୋଇ ଦିନ ୧୦.୩୦ ପର୍ଯ୍ୟନ୍ତ ସହରର ବିଭିନ୍ନ ପ୍ରତିମୂର୍ତ୍ତୀ ସଫେଇ କରିବା ସହିତ ସାଧାରଣ ଜନସାଧାରଣଙ୍କୁ ଏ ଦିବସର ମହତ୍ତ୍ୱ ବିଷୟରେ ସଚେତନ କରାଇବା କାର୍ଯ୍ୟକ୍ରମ ସ୍ୱେଚ୍ଛାସେବୀମାନେ ହାତକୁ ନେଇଥିଲେ।

# ମୋ ଜୀବନ ପ୍ରତି ବିପଦ ଅଛି: ବାପି ପଣ୍ଡା

ଭୁବନେଶ୍ୱର, ୨୧/୪ (ନି.ପ୍ର): ଜୀବନ ପ୍ରତି ବିପଦ ଥିବା କହି ସରକାରଙ୍କ ଠାରୁ ସୁରକ୍ଷା ଲୋଡିଛନ୍ତି ଯାତ୍ରା କଳାକାର ବାପି ପଣ୍ଡା। ସେ କହିଛନ୍ତି ମୋର ଜୀବନ ପ୍ରତି ବିପଦ ଅଛି ,ମତେ ସୁରକ୍ଷା ଦରକାର। ପାର୍ବତୀ ଗଣନାଟ୍ୟର ମୁଖ୍ୟ ପରିଚାଳକ ଜଗତ ଜୀବନ ପଣ୍ଡା ଶୀତଳ ଯୁଦ୍ଧର ଡାକରା ଦେଇ ନାହାନ୍ତି ତ ପରୋକ୍ଷରେ ମତେ ମାରି ଦେବାକୁ ଧମକ ଦେଇଛନ୍ତି। ଆମେ କଳାକାର ଆମେ ଯୁଦ୍ଧ ଚାହୁଁନା ଆମେ ସମାଧାନ ଚାହୁଁ। ସମାଧାନ ପାଇଁ ମାଲିକ ସଂଘ ହାତ ବଢ଼ାନ୍ତୁ ବୋଲି ପ୍ରତିକ୍ରିୟା ରଖିଛନ୍ତି ଯାତ୍ରା କଳାକାର ବାପି ପଣ୍ଡା।

# ଏମ୍‌ସିଏଏମ୍ ଛାତ୍ରାବାସରେ ବିଦାୟ କାଳୀନ ଉତ୍ସବ



ବାରିପଦା, ୨୧/୪ (ନି.ପ୍ର): ସ୍ଥାନୀୟ ମହରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନସି ଆଣ୍ଡ ମ୍ୟାନେଜମେଣ୍ଟର ଛାତ୍ରାବାସରେ ସ୍ନାତକ ଓ ସ୍ନାତକୋତ୍ତର ଶେଷ ବର୍ଷର ଛାତ୍ର ଛାତ୍ରୀ ମାନଙ୍କର ବିଦାୟ କାଳୀନ ଉତ୍ସବ ଛାତ୍ରାବାସ ର ଅଧକ୍ଷିକା ଦେବସ୍ମିତା ବିଶ୍ୱାଳଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେଣ୍ଡି ଆଣ୍ଡ ମ୍ୟାନେଜମେଣ୍ଟର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ ସବୁ ପରିସ୍ଥିତି ରେ ସମଯୋଜିତ ହୋଇ ଚଳିବା ନିମନ୍ତେ ଉପଦେଶ ଦେଇଥିଲେ। ଅଧାପିକା ସୁଜାତା ପାଲ, କିରଣ ବାଲା ବା ସ୍କେ ପ୍ରମୁଖ ଅଂଶ ଗ୍ରହଣ କରି ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ପ୍ରଥମ ବର୍ଷ ଏବଂ ଦ୍ୱିତୀୟ ବର୍ଷ ର ଛାତ୍ର ଛାତ୍ରୀ ମାନେ ମୋନରଞ୍ଜନ ନିମନ୍ତେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛାତ୍ରୀ ପିଙ୍କି ଲତା ସାମନ୍ତରାୟ ଏବଂ ଛାତ୍ର ରବୀନ୍ଦ୍ର କୁମାର ବାସ୍କେ ମଞ୍ଚ ପରିଚାଳନା କରିଥିବା ବେଳେ ଅନ୍ୟ ଛାତ୍ର ଛାତ୍ରୀ ମାନେ ସଭା ଆୟୋଜନ ରେ ସହଯୋଗ କରିଥିଲେ।

# ପ୍ରହସନ ପାଲଟିଛି ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷାର ସ୍ଲୋଗାନ : ସଂଗ୍ରାମ ପଟ୍ଟନାୟକ





ଉଦଳା , ୨୧/୪ (ନି.ପ୍ର): ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । କିନ୍ତୁ ପିଲାସଂଖ୍ୟା କମ୍ ଦର୍ଶାଇ ବିଭିନ୍ନ ଗ୍ରାମରୁ ଅନେକ ଗୁଡ଼ିଏ ବିଦ୍ୟାଳୟକୁ ବନ୍ଦ କରିଦିଆଯିବା ଫଳରେ ବର୍ତ୍ତମାନ ବହୁ ଉପାନ୍ତ ଅଂଚଳରେ ନାହିଁନଥିବା ପରିସ୍ଥିତି ମୁଣ୍ଡ ଟେକିଛି । ଏହି କାରଣରୁ ଶହ ଶହ ସଂଖ୍ୟାରେ ପିଲା ପାଠପଢ଼ାରେ ଡ଼ୋରିବାନ୍ଧି ଦେବାକୁ ବାଧ ହେଉଛନ୍ତି । ଏହା କେବଳ ମୟୂରଭଂଜରେ ନୁହେଁ, କନ୍ଧମାଳ, କୋରାପୁଟ, ମାଲକାନାଗିରି, ରାୟଗଡ଼ା, ସୁନ୍ଦରଗଡ଼ ଇତ୍ୟାଦି ଅନେକ ଗୁଡ଼ିଏ ଜିଲ୍ଲାରେ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି । ଏ ବାବଦରେ ସ୍ୱେଚ୍ଛାସେବି ସଂଗ୍ରାମ ପଟ୍ଟନାୟକ ଗଣମାଧମକୁ ସୂଚନା ପ୍ରଦାନ କରିଛନ୍ତି । ଏହା ମୁଁ ମୋର ମନକୁ କହୁନାହିଁ, ଓଡ଼ିଶାର ବିଭିନ୍ନସ୍ଥାନ ବୁଲି ଆସିବା ପରେ ଯାହା ଆଖିରେ ଦେଖିଛି ତାହା ବ୍ୟକ୍ତ କରୁଛି ବୋଲି ସ୍ୱେଚ୍ଛାସେବି କହିଛନ୍ତି । ଏହିଭଳି ଗୋଟିଏ ଗ୍ରାମର ଦୃଷ୍ଟାନ୍ତ ଦିଅନ୍ତୁ ବୋଲି ପଚାରିବାରୁ ସେ କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ଗୁମା ପଂଚାୟତ ଅନ୍ତର୍ଗତ କ୍ରାଂଚା ଗ୍ରାମର କଥା କହିଥିଲେ । ଏହି ଗ୍ରାମରେ ୩୦ ଗୋଟି ଆଦିବାସି ପରିବାର ବସବାସ କରୁଥିଲେ ମଧ ବର୍ତ୍ତମାନ ଏଠାରେ ବିଦ୍ୟାଳୟଟିଏ ନାହିଁ । କମ୍ ପିଲା ଦର୍ଶାଇ ସରକାର ଏଠାରୁ ବିଦ୍ୟାଳୟକୁ ବନ୍ଦ କରିଦେଇଛନ୍ତି । ବର୍ତ୍ତମାନ ପିଲାଙ୍କୁ ଜଙ୍ଗଲରାସ୍ତା ପାରି ହୋଇ ୫ କିମି ଦୂରରେ ଥିବା ଅନ୍ୟ ଏକ ବିଦ୍ୟାଳୟ ଉପରେ ନିର୍ଭର କରିବାକୁ ପଡୁଛି । ଫଳରେ ଏହି ଗ୍ରାମର ପିଲାମାନେ ପାଠପଢ଼ାରେ ଡ଼ୋରି ବାନ୍ଧିଦେବାକୁ ବାଧ ହେଉଛନ୍ତି । ସମଗ୍ର ଓଡ଼ିଶାରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବର୍ତ୍ତମାନ ଏହିଭଳି ଦୃଶ୍ୟ ବହୁଳ ଭାବରେ ଦେଖିବାକୁ ମିଳୁଛି ବୋଲି ସ୍ୱେଚ୍ଛାସେବି ସଂଗ୍ରାମ ଜଣାଇଛନ୍ତି । ସ୍ୱେଚ୍ଛାସେବି ସଂଗ୍ରାମଙ୍କର ଏହିଭଳି ମନ୍ତବ୍ୟ ବିଭିନ୍ନ ମହଲରେ ଆଲୋଚନାର ମୁଖ୍ୟ ବିଷୟବସ୍ତୁ ପାଲଟିଯାଇଛି ।

# ସ୍ୱାସ୍ଥ୍ୟସେବା ଚ୍ୟାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ପାନୀୟ ଜଳସେବା କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର, ୨୧/୪ (ନି.ପ୍ର): ସ୍ୱାସ୍ଥ୍ୟସେବା ପାଇଁ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିବା ବାଲେଶ୍ୱର ସ୍ୱାସ୍ଥ୍ୟସେବା ଚ୍ୟାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ସୋମବାର ଦିନ ପୂର୍ବାହ୍ନରେ ପ୍ରତିବର୍ଷ ଭଳି ଚଳିତବର୍ଷ ଜଳସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରବେଶ ଫାଟକ ନିକଟରେ ଏହି ପାନୀୟଜଳ ବିତରଣ କେନ୍ଦ୍ରକୁ ଜିଲ୍ଲା ଉପମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଆଚାର୍ଯ୍ୟ ଶୁଭ ଉଦ୍‌ଘାଟନ କରିଥିଲେ। ହସ୍‌ପିଟାଲ୍ ମ୍ୟାନେଜର ମୀରା ଘଡ଼ାଇଙ୍କ ସମେତ ଟ୍ରଷ୍ଟର ସଭାନେତ୍ରୀ ଡା. ମୀରା ପତି, ସଂପାଦକ ପ୍ରଫେସର ଅନନ୍ତ ପ୍ରଧାନ, କୋଷାଧକ୍ଷ ଡ. ଉପେନ୍ଦ୍ରନାଥ ପାତ୍ର ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, ଇଂ. ହୃଷିକେଶ ସାହୁ, ଭାସ୍କର ଚନ୍ଦ୍ର ବାରିକ, ରତ୍ନାକର ଦାସ, ରବିକୁମାର ପାଣିଗ୍ରାହୀ, କଳ୍ପନାରାଣୀ ମହାନ୍ତି ଓ କେଶବ କୁମାର ଦେ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଗ୍ରୀଷ୍ମଦିନେ ବହିର୍ବିଭାଗରେ ଚିକିତ୍ସା ପାଇଁ ଆସୁଥିବା ଶହଶହ ରୋଗୀ ଓ ସେମାନଙ୍କ ସହାୟକମାନଙ୍କୁ ସୁଶୀତଳ ପାନୀୟ ଜଳ ବଣ୍ଟନ କାର୍ଯ୍ୟକ୍ରମ ଆସନ୍ତା ଜୁଲାଇମାସ ପର୍ଯ୍ୟନ୍ତ ଚାଲୁରହିବ। ବର୍ଷତମାମ ସରକାରୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ବହୁରୋଗୀଙ୍କୁ ଚିକିତ୍ସା ଓ ଔଷଧ ପ୍ରଭୃତି ଟ୍ରଷ୍ଟ ପକ୍ଷରୁ ଯୋଗାଇ ଦିଆଯାଥାଏ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଟ୍ରଷ୍ଟର ସଦସ୍ୟ ପ୍ରଭାତ ଦାସ ଅତିଥି ଓ ଉପସ୍ଥିତ ସଦସ୍ୟଙ୍କ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଶତାବ୍ଦୀର କଳାକାରର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗ ଦେଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୧/୪ (ନି.ପ୍ର): ରାଜ୍ୟର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଭୁବନେଶ୍ୱର ସ୍ଥିତ ରବିନ୍ଦ୍ର ମଣ୍ଡପ ଠାରେ ଓଡ଼ିଶାର ପ୍ରମୁଖ ନାଟ୍ୟ ଅନୁଷ୍ଠାନ 'ଶତାବ୍ଦୀର କଳାକାର'ର ସୁବର୍ଣ ଜୟନ୍ତୀ ସମାରୋହରେ ଯୋଗଦେଇଛନ୍ତି । ସେ ଏହି ଅବସରରେ ଜାତୀୟବାଦୀ ନାଟ୍ୟକାର ଓ ଗାନ୍ଧିବାଦୀ ସମାଜସେବୀ ତଥା ସ୍ୱାଧୀନତା ସଂଗ୍ରାମୀ ପର୍ଶୁରାମ ହରିଚନ୍ଦନଙ୍କ ଲିଖିତ ମଂଚସ୍ଥ ନାଟକ 'ବିପ୍ଳବୀ କୃତ୍ତିବାସ'କୁ ଉଦଘାଟନ କରିଛନ୍ତି । ଶ୍ରୀ ହରିଚନ୍ଦନ କହିଛନ୍ତି ଯେ 'ଶତାବ୍ଦୀର କଳାକାର' ଓଡ଼ିଶାର ଅନ୍ୟତମ ଅଗ୍ରଗଣ୍ୟ ନାଟ୍ୟସଂସ୍ଥାନ। ଓଡ଼ିଶାର ନାଟ୍ୟ ସଂସ୍କୃତିକୁ ଆଗକୁ ନେବାରେ ଏହି ଅନୁଷ୍ଠାନ ବିଶେଷ ଭୂମିକା ନିର୍ବାହନ କରୁଛି ।ଏହି ଅନୁଷ୍ଠାନ ଆଜି ୫୦ଟି ବସନ୍ତ ଅତିକ୍ରାନ୍ତ କରି ତା'ର ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଅଛି। ଏହି ଅନୁଷ୍ଠାନ ଗଢି ତୋଳିବାରେ ଯାହାଙ୍କର ଅନବଦ୍ୟ ଅବଦାନ ରହିଛି, ସେହି ମାନଙ୍କୁ ଧନ୍ୟବାଦ୍ ଜ୍ଞାପନ କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରୁଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida